


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-340 ♦BHUBANESWAR ♦SUNDAY ♦8 JUNE 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୨ ♦ସଂଖ୍ୟା-୩୪୦ ♦ଭୁବନେଶ୍ୱର ♦ରବିବାର ♦୮ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ଆହୁରି ୫ ଦିନ ଗୁଳୁଗୁଳି; ଅପରାହ୍ଣରେ ବର୍ଷା ସତର୍କତା

■ **ଭୁବନେଶ୍ୱର, ୭।୬ (ସମିସ):** ରାଜ୍ୟସାରା ଏବେ ଗରମ ଓ ଗୁଳୁଗୁଳି ଜାରି ରହିଛି। ଆଗାମୀ ୫ ଦିନ ଯାଏଁ ସ୍ଥିତି ଏଭଳି ରହିବ। ବିଶେଷକରି ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଆଗାମୀ ୫ ଦିନ ଯାଏଁ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବ। ୧୧ଟି ଉପକୂଳ ଜିଲ୍ଲାକୁ ବାଦ୍ ଦେଲେ, ଅନ୍ୟ ଜିଲ୍ଲାଗୁଡ଼ିକରେ ସାମାନ୍ୟତମ ତ୍ରାହି ମିଳିବ। ଦିନରେ ଗୁଳୁଗୁଳି ଅନୁଭୂତ ହେବ ଓ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ଆଗାମୀ ୭ ଦିନ ଯାଏଁ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ଲାଗି ରହିବ। ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୩୦ରୁ ୪୦କିମି ଝଟ୍‌କା ପବନ ବହିବାର ସମ୍ଭାବନା ରହିଛି। ଆଗାମୀ ୨୪ଘଣ୍ଟା ପାଇଁ ମଧ୍ୟ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହିତ ବିଜୁଳି ଘଡ଼ଘଡ଼ି ଓ ପବନ ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ପାଣିପାଗ ବିଭାଗ ସୂଚନାନୁସାରେ, ଆସନ୍ତାକାଲି ରାଜ୍ୟର ସମସ୍ତ ଜିଲ୍ଲାରେ କାଳବୈଶାଖୀଜନିତ ବର୍ଷା ପବନ ଓ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା ଜିଲ୍ଲାରେ ୯ ଓ ୧୦ ତାରିଖରେ ବର୍ଷା ଏବଂ ୧୧ ଓ ୧୨ ତାରିଖରେ ପଶ୍ଚିମ ଓଡ଼ିଶାରେ କାଳବୈଶାଖୀ ସମ୍ଭାବନା ରହିଛି। ତେବେ ଉପକୂଳ ଓଡ଼ିଶା ପାଇଁ ଆଗାମୀ ୫ ଦିନ କାଳବୈଶାଖୀ ସତର୍କତା ନ ଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାନେ ସ୍ଥାନେ ଅଧିକ ବର୍ଷାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ସୀମାନ୍ତରୁ ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର

■ **ବିଜାପୁର, ୭।୬ (ସମିସ):** ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନରେ ଆଜି ସୁରକ୍ଷା ବଳ ଓ ନକ୍ସଲ ମୁହାଁମୁହିଁ ହୋଇଛନ୍ତି। ଏଥିରେ ବିଜାପୁର ନ୍ୟାସନାଲ୍ ପାର୍କ ଅଞ୍ଚଳରୁ ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ବିଗତ ୩ ଦିନ ହେଲା ସର୍ଚ୍ଚ ଅପରେସନ୍ ଚାଲିଥିଲା। ଆଜି ସୁରକ୍ଷା ବଳ ଓ ମାଓବାଦୀଙ୍କ ଭିତରେ ଗୁଳି ବିନିମୟ ହୋଇଥିଲା। ଏପର୍ଯ୍ୟନ୍ତ ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର ହୋଇଥିବା ବସ୍ତର ପୁଲିସ ଆଇଜି ପି. ସୁନ୍ଦରରାଜ ସୂଚନା ଦେଇଛନ୍ତି। ମୃତ ମାଓବାଦୀଙ୍କ ମଧ୍ୟରେ ୨ ଜଣ ମାଓବାଦୀ ନେତା ଓ ୨ ଜଣ ମହିଳା ମାଓବାଦୀ ରହିଥିବା ଜଣା ପଡ଼ିଛି। ଦୁଇ ମୃତ ମାଓବାଦୀ ନେତା ହେଲେ ନରସିହ୍ମା ଚାଲମ ଓରଫ ସୁଧାକର ଏବଂ ମଇଲାରପୁ ଆଦେଲୁ ଓରଫ ଭାସ୍କର। ଅନ୍ୟ ୫ ଜଣଙ୍କ ପରିଚୟ ମିଳି ନଥିବା ସୂଚନା ରହିଛି।



## ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ: ନୂଆ ଦଳ ଗଢ଼ିବେ ଏଲନ୍ ମସ୍କ

### 'ଦ ଆମେରିକା ପାର୍ଟି' ନାମରେ ଲଢ଼ିବେ ନିର୍ବାଚନ

### 'ଏକ୍ସ' ପୋଲ୍‌ରେ ୮୦% ଲୋକଙ୍କ ସମର୍ଥନ

■ **ୱାଶିଂଟନ୍, ୭।୬(ଏଜେନ୍ସି):** ଟେସ୍‌ଲା ସିଇଓ ଏଲନ ମସ୍କ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବିବାଦ କ୍ରମଶଃ ବଢିବାରେ ଲାଗିଛି। ଉଭୟଙ୍କ ମଧ୍ୟରେ ଜାରି ରହିଛି ବାକ୍ ଯୁଦ୍ଧ। ଏହି ସମୟରେ ମସ୍କ ଆମେରିକାରେ ଏକ ନୂତନ ରାଜନୈତିକ ଦଳ 'ଦ ଆମେରିକା ପାର୍ଟି' ଗଠନ କରିବାକୁ ଯାଉଥିବା ନେଇ ସୂଚନା ଦେଇଛନ୍ତି। ଏଥିରେ 'ଏକ୍ସ' ରେ ହୋଇଥିବା ଏକ ଜନମତରେ ୮୦%ରୁ ଅଧିକ ଲୋକ ମସ୍କଙ୍କୁ ସମର୍ଥନ କରିଛନ୍ତି। ଏହି ଲୋକମାନେ ବିଶ୍ୱାସ କରନ୍ତି ଯେ ଆମେରିକାରେ ଏବେ ଏକ ନୂତନ ରାଜନୈତିକ ଦଳ ଗଠନ ହେବା ଉଚିତ। ୨୪ ଘଣ୍ଟା ଧରି ଚାଲିଥିବା ସର୍ଭେର ଫଳାଫଳରେ ଉତ୍ସାହିତ ହୋଇ ମସ୍କ ରାଜନୈତିକ ଦଳର ନାମ 'ଦି ଆମେରିକା ପାର୍ଟି' ଲେଖି ଆଉ ଏକ 'ଏକ୍ସ' ପୋଷ୍ଟ ମଧ୍ୟ କରିଛନ୍ତି। 'ଏକ୍ସ'ରେ ମସ୍କ ପଚାରିଥିଲେ ଯେ



ଆମେରିକାରେ ଏକ ନୂତନ ରାଜନୈତିକ ଦଳ ଗଠନ କରାଯିବା ଉଚିତ କି ନାହିଁ। ତେବେ ଏଥିରେ ୧୯.୬% ଲୋକ ମସ୍କଙ୍କ ପ୍ରଶ୍ନର ନକାରାତ୍ମକ ଉତ୍ତର ଦେଇଛନ୍ତି। ମସ୍କଙ୍କ ପ୍ରଶ୍ନ ସମ୍ବଳିତ ଏହି 'ଏକ୍ସ' ପୋଲରେ ୫୬.୩୦ ଲକ୍ଷରୁ ଅଧିକ ଲୋକ ଅଂଶଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତାବିତ ବଜେଟ୍ ବିଲ୍ ଉପରେ ଉଭୟଙ୍କ ମଧ୍ୟରେ ମତଭେଦ ଏବଂ ମସ୍କ-ଟ୍ରମ୍ପ ବାକ୍ ଯୁଦ୍ଧ ମଧ୍ୟରେ ଗୁରୁବାର ଟେସଲା ସେୟାର ୧୪%ରୁ ▶ପୃଷ୍ଠା-୭

### ବିଶ୍ୱବ୍ୟାଙ୍କ ରିପୋର୍ଟ ୨୦୨୨-୨୩ରେ ଓଡ଼ିଶାର ଗୋଲାପୀ ଚିତ୍ର

## ବଢ଼ିଛି ଗ୍ରାମାଞ୍ଚଳ ଲୋକଙ୍କ ଖର୍ଚ୍ଚ କ୍ଷମତା

### ୧୪ ପ୍ରତିଶତ ମୁଣ୍ଡ ପିଛା ଖର୍ଚ୍ଚ ବୃଦ୍ଧି ସହ ଓଡ଼ିଶା ସୂଚୀର ଶୀର୍ଷରେ

### ୧୧ ବର୍ଷରେ ମିଳିଲା ସଫଳତା, ଓଡ଼ିଶାର ଭୂମିକାକୁ ବିଶେଷଜ୍ଞଙ୍କ ପ୍ରଶଂସା

### ଗତ ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ସାଜିଛି ବରଦାନ; ବଢ଼ିଛି ଲୋକଙ୍କ ସଞ୍ଚୟ ଓ କ୍ରୟଶକ୍ତି

■ **ଭୁବନେଶ୍ୱର, ୭।୬ (ସମିସ):** ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଭାରତବର୍ଷରେ ଦାରିଦ୍ର୍ୟ ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଲୋକାଭିମୁଖୀ ଯୋଜନା ସାଧାରଣ ଜନତାଙ୍କର ସଞ୍ଚୟ ଓ କ୍ରୟ ଶକ୍ତି ବୃଦ୍ଧି କରିବାରେ ପ୍ରମୁଖ ଭାବେ ସହାୟକ ହୋଇଛି। ଓଡ଼ିଶା କ୍ଷେତ୍ରରେ ଏହାର ପ୍ରଭାବ ଜାତୀୟ ସ୍ତରରେ ସର୍ବାଧିକ ପରିଲକ୍ଷିତ ହୋଇଛି। ବିଶ୍ୱବ୍ୟାଙ୍କର ୨୦୨୨-୨୩ ରିପୋର୍ଟରେ ଓଡ଼ିଶାର ଅଭିବୃଦ୍ଧିକୁ ନେଇ ଏଭଳି ଗୋଲାପୀ ଚିତ୍ର ଅଙ୍କାଯାଇଛି।

ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ଭାରତରେ ୨୬୯ ନିୟୁତ ଅର୍ଥାତ୍ ପ୍ରାୟ ୨୭ କୋଟି ଲୋକ ଅତ୍ୟଧିକ ଦାରିଦ୍ର୍ୟତାରୁ ବାହାରକୁ ଆସିଛନ୍ତି। ୨୦୧୧-୧୨ରେ ଅତ୍ୟଧିକ ଗରିବୀ ହାର ୨୭.୧୨ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ଏହା ୫.୨୫ ପ୍ରତିଶତକୁ ହ୍ରାସ ପାଇଛି। ଅତ୍ୟଧିକ ଗରିବୀ ହ୍ରାସ କ୍ଷେତ୍ରରେ ଓଡ଼ିଶାର ମଧ୍ୟ ପ୍ରଭୁତଃ ଅବଦାନ ଥିବା ନେଇ ବିଶେଷଜ୍ଞ ମହଲ ମତ ପ୍ରକାଶ କରିଛନ୍ତି।

ଗତ ୧୦ ଦଶନ୍ଧିର କାଳଖଣ୍ଡରେ ବିଜେଡି ସରକାରଙ୍କ ଏକାଧିକ ଜନମଙ୍ଗଳକାରୀ ଯୋଜନାର ସଫଳ ରୂପାୟଣ ରାଜ୍ୟରେ ଲୋକଙ୍କ ସଞ୍ଚୟ ଏବଂ କ୍ରୟ ଶକ୍ତି ବୃଦ୍ଧି ଘଟାଇବାରେ ସକ୍ଷମ ହୋଇଛି। ଏପରିକି ଜାତୀୟ ସ୍ତରରେ ଏହା ମଧ୍ୟ ଓଡ଼ିଶାକୁ ଶୀର୍ଷରେ ପହଞ୍ଚାଇଛି। ଶନିବାର ପିଆଇବି ପକ୍ଷରୁ ଜାରି ବ୍ୟବହାରିକ ଖର୍ଚ୍ଚ ସର୍ବେକ୍ଷଣ (ଏଚସିଇଏସ) ରିପୋର୍ଟ ୨୦୨୩-୨୪ ଅନୁଯାୟୀ, ଦେଶର ପ୍ରମୁଖ ୧୮ ରାଜ୍ୟ ମଧ୍ୟରେ ଗ୍ରାମାଞ୍ଚଳରେ ଓଡ଼ିଶାର ହାରାହାରି ମାସିକ ମୁଣ୍ଡପିଛା ଖର୍ଚ୍ଚ(ଏମପସିଇ) ଦେଶରେ ସର୍ବାଧିକ ଥିବା ଜଣାପଡ଼ିଛି। ୨୦୨୨-୨୩ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨,୯୫୦ରୁ ୩,୩୫୭ ଟଙ୍କାରେ ପହଞ୍ଚିଛି। ବର୍ଷକ ମଧ୍ୟରେ ଓଡ଼ିଶାର ମୁଣ୍ଡ ପିଛା ଖର୍ଚ୍ଚ ୧୪ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଏହା ଦେଶରେ ସର୍ବାଧିକ ବୋଲି ଜଣାପଡ଼ିଛି।

ସମାନ ଭାବେ ୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ଦେଶରେ ମାସିକ ମୁଣ୍ଡପିଛା ହାରାହାରି ଖର୍ଚ୍ଚରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିବା ବେଳେ ଓଡ଼ିଶା ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ସାଧାରଣ ଲୋକଙ୍କ କ୍ରୟ ଏବଂ ଖର୍ଚ୍ଚ କରିବାର ଶକ୍ତି ବଢ଼ିଥିବା କାରଣରୁ ଭାରତ ନିଜର ଅତ୍ୟଧିକ ଦାରିଦ୍ର୍ୟତାକୁ ହ୍ରାସ କରିବାରେ ସଫଳ ହୋଇଛି। ଜାତୀୟ ସ୍ତରରେ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ ଯୋଜନା କାରଣରୁ ଲୋକଙ୍କର ସଞ୍ଚୟ ଶକ୍ତି ବଢ଼ିଥିବା ବେଳେ ସାଧାରଣ ଲୋକେ ଅଧିକ ଖର୍ଚ୍ଚ କରିବାକୁ ସକ୍ଷମ ହୋଇଛନ୍ତି। ସମାନ ଭାବରେ ଗତ ▶ପୃଷ୍ଠା-୭

### ବିସ୍ଫୋରଣରେ ଥରିଲା ଇଛାପୁର

## ମହିଳା ମୃତ; ଦୁଇ ଆହତ

■ **ବୋଲଗଡ଼, ୭।୬ (ସମିସ):** ଶନିବାର ଅପରାହ୍ଣରେ ବୋଲଗଡ଼ ଥାନା ଇଚ୍ଛାପୁର ଗ୍ରାମରେ ଏକ ପରିତ୍ୟକ୍ତ ଘରେ ବିସ୍ଫୋରଣ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଦୁଇ ଜଣ ଆହତ ହୋଇଛନ୍ତି। ମୃତା ମହିଳାଜଣଙ୍କ ହେଲେ, ମିଲି ବେଗମ୍ (୨୭)। ଆହତଦ୍ୱୟ ହେଲେ, ମୃତ ମହିଳାଙ୍କ ମାଉସୀ ଅମିନା ବିବି(୩୫) ଓ ଝିଅ ରୁକ୍‌ସାନା ବେଗମ (୧୦)। ଆହତଙ୍କୁ ଚିକିତ୍ସା ପାଇଁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ଥାନା ନିରୀକ୍ଷିକା ସ୍ନିଗ୍ଧାମୟୀ ବରାଳଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବିସ୍ଫୋରଣ ବାଣ ନା ବୋମା, ତାହା ସ୍ପଷ୍ଟ ହୋଇନାହିଁ। ଖୋର୍ଦ୍ଧାରୁ ଆସିଥିବା ବୋମା ନିଷ୍କ୍ରିୟକାରୀ ଦଳ ଘଟଣାର ଅନୁସନ୍ଧାନ କରି ଫେରିଥିବା ବେଳେ ରବିବାର ପୁଣି ବୋମା ନିଷ୍କ୍ରିୟକାରୀ ଦଳ ଆସି ତନଖି କରିବେ ବୋଲି ସୂଚନା ମିଳିଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ। ସେପଟେ ବିସ୍ଫୋରଣ ଘଟିଥିବା ସ୍ଥାନରେ ଆଉ କିଛି ବିସ୍ଫୋରକ ରହିଛି କି ନାହିଁ, ପୁଲିସ୍ ପକ୍ଷରୁ ସ୍ପଷ୍ଟ ହୋଇପାରି ନ ଥିବା ବେଳେ ଘଟଣାସ୍ଥଳରେ ପୁଲିସ ମୁତୟନ ରହିଛି। ବିସ୍ଫୋରଣ ସ୍ଥାନକୁ କାହାକୁ ଛଡ଼ାଯାଉନାହିଁ। ସେପଟେ ମୃତକଙ୍କ ବାପା ସେଖ୍ ସୁକୁର ଥାନାରେ ଅଭିଯୋଗ କରିଛନ୍ତି ଯେ ସେହି ପରିତ୍ୟକ୍ତ ଘରକୁ ତାଙ୍କ ଝିଅ ମିଲି ବେଗମ ଯାଇଥିବା ବେଳେ ବିସ୍ଫୋରଣ ଘଟି ମିଲିଙ୍କର ମୃତ୍ୟୁ ▶ପୃଷ୍ଠା-୭

## ଘରୁ ଘୋଷାଡ଼ିନେଇ ଗଣଦୁଷ୍କର୍ମ

■ **ଆନନ୍ଦପୁର/ରାମଚନ୍ଦ୍ରପୁର, ୭।୬ (ସମିସ):** ନାରୀବିରୋଧୀ ଅତ୍ୟାଚାର ରାଜ୍ୟରେ ସୀମା ଟପିଲାଣି। ପ୍ରତିଦିନ କେଉଁଠୁ ନା କେଉଁଠୁ ଅପହରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଭଳି ଘଟଣା ପଦାକୁ ଆସୁଛି। ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇଜଣ ନାବାଳିକାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ଘଟଣାକୁ ଦିନ ୨ଟା ନ ପୂରୁଣୁ କେନ୍ଦୁଝର ଜିଲ୍ଲାରୁ ପୁଣି ଏଭଳି ଏକ ସାଂଘାତିକ ଘଟଣା ପଦାକୁ ଆସିଛି। ପଡ଼ୋଶୀ ଘରର ଜଣେ ମହିଳାଙ୍କୁ ଘରୁ ଘୋଷାଡ଼ି ନେଇ ଦୁଇଜଣ ଯୁବକ ଏକ ପରିତ୍ୟକ୍ତ ଘରେ ଗଣଦୁଷ୍କର୍ମ କରିଛନ୍ତି। ଶନିବାର ଭୋର୍‌ରେ ଏହି ପାଶବିକ ଘଟଣା ଘଟିଛି। ଏନେଇ ଅଭିଯୋଗ ହେବା ପରେ ରାମଚନ୍ଦ୍ରପୁର ପୁଲିସ୍ ନମ୍ବର ୧୬୭/୨୫ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନାଧିକାରୀ ମନୋଜ ସ୍ୱାଇଁ ସୂଚନା ଦେଇଛନ୍ତି। ସେମାନେ ହେଲେ, ବବୁଲ ମଲିକ ଏବଂ ଲିପୁନ ମଲ୍ଲିକ। ଏହାସହ ପୁଲିସ୍ ଉଭୟ ପୀଡ଼ିତା ଓ ଅଭିଯୁକ୍ତଦ୍ୱୟଙ୍କ ଡାକ୍ତରୀମାଇନା କରାଇଛି। ଆସନ୍ତାକାଲି ଦୁହିଁଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ୍ କହିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ମହିଳାଜଣଙ୍କ ଘରେ ଶୋଇଥିବା ବେଳେ ଆଜି ଭୋର୍ ସମୟରେ ବବୁଲ ଓ ଲିପୁନ୍ ତାଙ୍କ ▶ପୃଷ୍ଠା-୭




### ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା

## ଆନ୍ଧ୍ରରୁ ୪ ଅଭିଯୁକ୍ତ ଗିରଫ



■ **ବ୍ରହ୍ମପୁର, ୭।୬ (ସମିସ):** ଗଂଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣାରେ ପୁଲିସ୍ ଆଜି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ମାର୍କଣ୍ଡି ଗ୍ରାମର କେ. ଶିବା(୨୧), କେ. ସାଇ(୨୧), ଜି. ଗାରେୟା(୨୧) ଓ ଏନ. ଶ୍ରୀନୁ (୨୨)। ଆନ୍ଧ୍ରରୁ ଆଜି ସେମାନଙ୍କୁ ପୁଲିସ୍ ଧରିଛି। ସେମାନେ ବିଶାଖାପାଟଣା ଫେରାର୍ ହେଉଥିବା ବେଳେ ଆନ୍ଧ୍ରରୁ ପୁଲିସ୍ ସେମାନଙ୍କୁ ଧରିଛି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଗତ ୩ ତାରିଖ ମଧ୍ୟାହ୍ନରେ ଦୁଇ ନାବାଳିକାଙ୍କୁ ଗ୍ରାମରୁ ଅପହରଣ କରିନେଇ ଭିନ୍ନଭିନ୍ନ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ।

### ଆଇଏମ୍‌ଏରେ ବ୍ୟାପକ ଅନିୟମିତତା

## କୁଳସଚିବ ନେଇଛନ୍ତି ୩ଗୁଣା ଦରମା

### ଅଡିଟ୍‌ରେ ଧରିଲେ ସିଏଜି

### ୨୦ଲକ୍ଷରୁ ଅଧିକ ଆଦାୟ କରିବାକୁ ସୁପାରିସ୍

■ **ଭୁବନେଶ୍ୱର, ୭।୬ (ସମିସ):** ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍‌ଏ)ରେ ହୋଇଛି ବ୍ୟାପକ ଅନିୟମିତତା। ଅଧିକାରୀଙ୍କ ନିଯୁକ୍ତି ଠାରୁ ଆରମ୍ଭ କରି ଦରମା ପର୍ଯ୍ୟନ୍ତ ସବୁଥିରେ କରାଯାଇଛି ଠକେଇ। ଏପରିକି ଧାର୍ଯ୍ୟ ଦରମା ଠାରୁ ୩ଗୁଣା ଅଧିକ ଅର୍ଥ ଦରମା ଭାବେ ନେଇଛନ୍ତି। ସ୍ୱେଚ୍ଛାକୃତ ଅବସର ପରେ ମଧ୍ୟ ପ୍ରତିଷ୍ଠାନରେ ନିୟମିତ ଭଳି ଚାକିରି କରିଛନ୍ତି। ସବୁ ସରକାରୀ ସୁବିଧା ନେଇଛନ୍ତି। ପ୍ରତିଷ୍ଠାନର କୁଳସଚିବ ଡ. ଅଳକା ରାୟଙ୍କ ଏପରି କାରନାମାକୁ ପ୍ରଧାନ ମହାଲେଖାଗାର (ସିଏଜି) ଅଡିଟ୍ ସମୟରେ ଧରିବା ପରେ ହଟଚମଟ ସୃଷ୍ଟି ହୋଇଛି। ପ୍ରତିଷ୍ଠାନର କୁଳସଚିବ ପଦରେ ନୂତନ ନିଯୁକ୍ତି ପାଇଁ ୨୦୨୩ ଫେବୃଆରୀରେ ବିଜ୍ଞପ୍ତି ପ୍ରକାଶ ପାଇଲା। ୩ଜଣ ଆଶାୟୀ ଆବେଦନ କଲେ। ସେମାନଙ୍କ ମଧ୍ୟରୁ ଡ. ରାୟଙ୍କୁ ପ୍ରତିଷ୍ଠାନର କୁଳସଚିବ ଭାବେ ନିଯୁକ୍ତି ପାଇଁ ୨୦୨୩ ଜୁଲାଇରେ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ ଅନୁମୋଦନ ଦେଲା। ମାସିକ ୪୬ ହଜାର ଟଙ୍କା ଦରମା ଦିଆଯିବ ବୋଲି ମଧ୍ୟ ସ୍ପଷ୍ଟ କଲା। ହେଲେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଡ. ରାୟ ତାଙ୍କ ଦରମାକୁ ପୁନଃବିଚାର କରିବାକୁ ▶ପୃଷ୍ଠା-୭


Vikash Bargarh
Vikash Higher Educational Institutions

Vikash Institute of Technology:
- MBA (2 Years)
- B.Tech (4 Years) CSE, EEE, Civil, Mech.

Vikash Polytechnic:
- Diploma (3 Years) Civil, CSE, ECE, Mech., Electrical
- Diploma (Working Professionals) Mechanical Engg., Electrical Engg.

Vikash Law School:
- B.A. LL.B (H) 5 Years Int. Law

Vikash School of Business Management:
- BBA / BCA (3 Years)

Vikash Degree College:
- B.A. (Hons.) English, Economics, Education, Political Science, Psychology
- B.Com. (Hons.) Accountancy (Hons.)
- B.Sc. (Hons.) Physics, Chemistry, Math. Botany, Zoology, Comp.Sc.
- M.Sc. (2 Years) Chemistry
- M.Com. (2 Years) Accountancy
- M.A. (2 Years) English

Vikash Nursing College:
- ANM (2 Years),
- GNM (3 Years)
- B.Sc. Nursing (4 Years)
- P.B. B.Sc. Nursing (2 Years)

Vikash College of Paramedical Science:
- DMLT (2 Years)
- DMRT (2 Years)

Vikash Pharmacy College:
"MOVE TOWARDS YOUR DREAM CAREER IN PHARMACY"
- B. PHARM Bachelor in Pharmacy (4 YRS) Eligibility: +2 Science & OJEE Rank
- D. PHARM Diploma in Pharmacy (2 YRS) Eligibility: +2 Science



AWARDED As the Best Higher Educational Institutions in Western Odisha by OTV.
Visit us @ www.odishavikash.com
Email: vheicampus@gmail.com

ADMISSIONS Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda,Bargarh

Grooming Talent
Vikash
Higher Educational Institutions


## ସହରୀ ବିକାଶ ବାଟବଣା !

### ମନ୍ତ୍ରୀ କହିଲେ ସବୁ ହବ, ଲୋକଙ୍କ ପ୍ରଶ୍ନ କେବେ



### ବାହାରି ପାରୁନି ପାର୍ଟ ପ୍ଲଟ୍ ନୋଟିଫିକେସନ୍

### ଟାଉନ୍ ପ୍ଲାନିଂକୁ ବିଭିନ୍ନ ସ୍ଥାନରେ ବିରୋଧ

### ଅଧାରେ ଆପାର୍ଟମେଣ୍ଟ୍ ରେଜିଷ୍ଟ୍ରେସନ୍

### କେଳେଙ୍କାରୀ କରିଥିବା ବାବୁଙ୍କ କାର୍ଯ୍ୟାନୁଷ୍ଠାନ ନାମରେ କାରଣଦର୍ଶାଅ ନୋଟିସ୍

■ **ଭୁବନେଶ୍ୱର, ୭।୬ (ସମିସ):** ସହରୀ ବିକାଶ ପାଇଁ ପାର୍ଟ ପ୍ଲଟ୍ କିଣାବିକା ଆରମ୍ଭ ହେବ। ଆପାର୍ଟମେଣ୍ଟ୍ ରେଜିଷ୍ଟ୍ରେସନ୍ ବି ହେବ। ଟାଉନ୍ ପ୍ଲାନିଂ ସ୍କିମ୍‌କୁ ଜୋରଦାର କରାଯିବ। ଏହାସହ ସରକାରୀ ନିୟମ ନମାନି କାମ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ସହରବାସୀଙ୍କୁ ଏଭଳି ଗୋଟିଏ ପରେ ଗୋଟିଏ ସ୍ୱପ୍ନ ଦେଖାଇଲେ। କ୍ୟାମେରା ସାମ୍ନାରେ ଏଇଟା ହେବ, ସେଇଟା ହେବ କହିଲେ। ଏପରିକି, କେବେ ହେବ ତାରିଖ ବି ଘୋଷଣା କରିଦେଲେ। ହେଲେ, ମନ୍ତ୍ରୀମାନଙ୍କ କଥା ଆଉ କାମରେ ପରିଣତ ହେଲା ନାହିଁ। ସେମାନଙ୍କ ଦ୍ୱାରା ଦିଆଯାଇଥିବା ଡେଡ୍‌ଲାଇନ୍ ବାରମ୍ବାର ଫେଲ୍ ମାରିଲା। ମନ୍ତ୍ରୀମାନଙ୍କ ପ୍ରତିଶ୍ରୁତି ଧୂଆଁବାଣରେ ପରିଣତ ହେବା ପରେ ଲୋକେ ଏବେ ପ୍ରଶ୍ନ କଲେଣି ଏସବୁ ହବ ତ, କେବେ ହେବ।

ରାଜ୍ୟରେ ପାର୍ଟ ପ୍ଲଟ୍ ରେଜିଷ୍ଟ୍ରେସନ ତୁରନ୍ତ ଆରମ୍ଭ ହେବ ବୋଲି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ। ଏନେଇ ରାଜସ୍ୱ ବିଭାଗ ସହିତ ବୈଠକ ହେଲା। ବିଭାଗୀୟ ସଚିବ ଏକ ଡ୍ରାଫ୍ଟ ପ୍ରସ୍ତୁତ କଲେ। ଡ୍ରାଫ୍ଟ ମିଳିବା ମାତ୍ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମାର୍ଚ୍ଚ ମାସରେ ନୋଟିଫିକେସନ୍ ପ୍ରକାଶ ପାଇବ ବୋଲି କହିଲେ। ଏହାପରେ ତୁରନ୍ତ ପାର୍ଟ ପ୍ଲଟ୍ କିଣାବିକା ଆରମ୍ଭ ହୋଇଯିବ ବୋଲି ଘୋଷଣା କଲେ। ହେଲେ ମାର୍ଚ୍ଚ ସୁଦ୍ଧା ସେମିତି କିଛି ହେଲା ନାହିଁ। ମନ୍ତ୍ରୀଙ୍କୁ ଯେତେବେଳେ ପାର୍ଟ ପ୍ଲଟ୍ ସମ୍ପର୍କିତ ଟୋଟିଫିକେସନ୍ ପଚରାଯାଉଛି, ସେ ପୁଣି ଏକ ମାସ ସମୟ ନେଇଯାଉଛନ୍ତି। ସେ ଗୋଟିଏ ପରେ ଗୋଟିଏ ମାସ ଗଡ଼ାଇ ଚାଲଉଛନ୍ତି। ଜୁନ୍ ମାସ ସୁଦ୍ଧା ମଧ୍ୟ ଏହା ହୋଇପାରିଲା ନାହିଁ। ନୋଟିଫିକେସନ୍ ବାହାର କରିବାକୁ ବାରମ୍ବାର ସମୟ ଗଡ଼ାଇବା ଦୁଇ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଅନ୍ୟପକ୍ଷରେ ପାର୍ଟପ୍ଲଟ୍ ରେଜିଷ୍ଟ୍ରେସନ୍ ବନ୍ଦ ରହିଛି। ହେଲେ ଏହି ନିୟମକୁ ବେଖାତିର କରି ସରକାରୀ ଅଧିକାରୀ ମନଇଚ୍ଛା ପାର୍ଟ ପ୍ଲଟ୍ କିଣାବିକା କରି ଚାଲିଲେ। ▶ପୃଷ୍ଠା-୭

## ଚରିତ୍ର ସନ୍ଦେହରେ କାଟିଦେଲା ସ୍ତ୍ରୀର ମୁଣ୍ଡ



ବେଙ୍ଗାଲୁରୁ, ୭।୬(ଏଜେନ୍ସି): ବେଙ୍ଗାଲୁରୁ ଉପକଣ୍ଠରେ ସ୍ୱାମୀ-ସ୍ତ୍ରୀ ଝଗଡ଼ା ଭୟଙ୍କର ମୋଡ଼ ନେଇ ହତ୍ୟାକାଣ୍ଡ ଘଟିଛି। ଶୁକ୍ରବାର ୨୬ ବର୍ଷୀୟ ଯୁବକ ଶଙ୍କର ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ କରି ତାଙ୍କ ମୁଣ୍ଡ କାଟି ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ମୃତ ମହିଳା ମନସା(୨୫) ଓ ଶଙ୍କର ୫ବର୍ଷରୁ ଅଧିକ ସମୟ ଧରି ଦାମ୍ପତ୍ୟ ଜୀବନ ବିତାଉଥିଲେ। ସେମାନଙ୍କର ୪ ବର୍ଷ ବୟସର ଗୋଟିଏ ଝିଅ ଅଛି। ଉଭୟ ଘରୋଇ ସଂସ୍ଥାରେ ଚାକିରି କରୁଥିଲେ।

ପୁଲିସ ସୂଚନା ଅନୁଯାୟୀ, ମନସା ଅନ୍ୟ ଜଣେ ପୁରୁଷ ସହିତ ଅନୈତିକ ସମ୍ପର୍କ ରଖିଥିବା ଶଙ୍କର ସନ୍ଦେହ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା। ଏଥିରେ ଅତିଷ୍ଠ ହୋଇ ମନସା ନିଜ ମା'ଙ୍କ ଘରକୁ ଚାଲିଯାଇଥିଲେ। ଶୁକ୍ରବାର ବୁଝାସୁଝା ପରେ ସେ ଘରକୁ ଫେରିଥିଲେ। ମାତ୍ର ହଠାତ୍ ଉଭୟଙ୍କ ମଧ୍ୟରେ ପୁଣି ଯୁକ୍ତିତର୍କ ଉଗ୍ର ରୂପ ନେଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶଙ୍କର ଏକ କଟୁରୀରେ ମନସାଙ୍କ ମୁଣ୍ଡ କାଟି ଦେଇଥିଲା। ଏପରି ବର୍ବର କାଣ୍ଡ ଭିଆଇ ସେ କଟାମୁଣ୍ଡକୁ ବାଇକରେ ନେଇ ପୁଲିସ ଷ୍ଟେସନ ପହଞ୍ଚିଥିଲା। ନିଜ ଅପରାଧ ସ୍ୱୀକାର କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଶଙ୍କରକୁ ହେପାଜତକୁ ନେଇଛି। ଶଙ୍କର ଆକ୍ରମଣ ପୂର୍ବରୁ ଏକ ନୂଆ କଟୁରୀ କିଣି ରଖିଥିଲା। ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଚାଲୁ ରଖିଛି। ପ୍ରାଥମିକ ତଦନ୍ତରୁ ହତ୍ୟା ଯୋଜନାବଦ୍ଧ ଥିବା କଥା ପୁଲିସ ସନ୍ଦେହ କରିଛି।

## ଆଇସିୟୁରେ ମହିଳା ରୋଗୀଙ୍କୁ ନର୍ସିଂ କର୍ମଚାରୀଙ୍କ ଦୁଷ୍କର୍ମ

ଅଲୱର, ୭।୬(ଏଜେନ୍ସି): ରାଜସ୍ଥାନର ଅଲୱରରେ ଥିବା ଏକ ମେଡିକାଲ କଲେଜରେ ଘଟିଛି ଅଭାବନୀୟ ଘଟଣା। ଜଣେ ୩୨ ବର୍ଷ ବୟସ୍କା ମହିଳାଙ୍କୁ ଆଇସିୟୁ ଭିତରେ ଦୁଷ୍କର୍ମ କରିଛି ଜଣେ ନର୍ସିଂ କର୍ମଚାରୀ। ମହିଳାଙ୍କୁ ଦୁଷ୍କର୍ମ କରିବା ପୂର୍ବରୁ ସମ୍ପୃକ୍ତ ନର୍ସିଂ ଷ୍ଟାଫ ପ୍ରଥମେ ମହିଳା ରୋଗୀଙ୍କୁ ନିଶ୍ଚେତକ ଇଞ୍ଜେକ୍ସନ ଦେଇଥିଲେ। ମହିଳାଙ୍କୁ ନର୍ସିଂ ଷ୍ଟାଫ୍ ଦୁଷ୍କର୍ମ କରିବା ବେଳେ ମହିଳାଙ୍କ ସ୍ୱାମୀ ଓ ସମ୍ପର୍କୀୟମାନେ ହସ୍ପିଟାଲ ୱାର୍ଡ ବାହାରେ ଅପେକ୍ଷା କରିଥିଲେ। ମହିଳା ଜଣକ ଶୋଇଥିବା ଶଯ୍ୟା ଚାରିପାଖରେ ପରଦା ଟାଣିଦେଇ ନର୍ସିଂ ଷ୍ଟାଫ ପ୍ରଥମେ ମହିଳାଙ୍କୁ ନିଶ୍ଚେତକ ଇଞ୍ଜେକ୍ସନ ଦେଇଥିଲେ। ମହିଳା ସାମାନ୍ୟ ଘୁମେଇବା ଅବସ୍ଥାକୁ ଆସିବା ପରେ ସେ ତାଙ୍କୁ ଦୁଷ୍କର୍ମ କରିଥିଲେ। ନିସ୍ତେଜ ଅବସ୍ଥାରେ ଥାଇ ମଧ୍ୟ ମହିଳା ଏହାର ପ୍ରତିବାଦ କରିବା ସହ କାନ୍ଦି କାନ୍ଦି ନିଜ ସ୍ୱାମୀଙ୍କୁ ଡାକିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ନିଶା ପରିମାଣ ଶରୀରରେ ବଢ଼ୁଥିବା ଯୋଗୁଁ ସେ ଉଚ୍ଚ ସ୍ୱରରେ ଚିତ୍କାର କରିପାରି ନଥିଲେ। ପରେ ପରେ ମହିଳା ଜଣଙ୍କ ଗଭୀର ନିଦ୍ରାରେ ଶୋଇଯାଇଥିଲେ। ସକାଳୁ ନିଦ ଭାଙ୍ଗିବା ପରେ ସେ ସମସ୍ତ ଘଟଣା ନିଜ ସ୍ୱାମୀଙ୍କୁ ଜଣାଇଥିଲେ। ସ୍ୱାମୀ ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ଜଣାଇଥିଲେ। କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାକୁ ଅସ୍ୱୀକାର କରିବା ସହ ଚପାଇଦେବାକୁ ଉଦ୍ୟମ କରିଥିଲେ। ଅଭିଯୁକ୍ତ ନର୍ସିଂ ଷ୍ଟାଫ ଏନେଇ ସର୍ବସମ୍ମୁଖରେ କ୍ଷମା ମଧ୍ୟ ମାଗିଥିଲେ। ତଥାପି ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିଲେ। ତେବେ ପୀଡ଼ିତା ମହିଳାଙ୍କ ନିକଟସ୍ଥ ଶଯ୍ୟାରେ ଚିକିତ୍ସିତ ହେଉଥିବା ଆଉଜଣେ ମହିଳାଙ୍କ ସ୍ୱାମୀ ସମଗ୍ର ଘଟଣା ଦେଖିଥିବା ପ୍ରକାଶ କରିଥିଲେ। ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୀଡ଼ିତାଙ୍କ ସ୍ୱାମୀ ଅଲୱାର ପୁଲିସ ଏବଂ ଅତିରିକ୍ତ



ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ଅପରପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ଯେ ସିସିଟିଭି ଆଧାରରେ ଯାଞ୍ଚ ଚାଲିଛି। ଘଟଣାର ଅନୁସନ୍ଧାନ ପାଇଁ ତୁରନ୍ତ ଏକ କମିଟି ଗଠନ କରାଯାଇଛି।

### ଆର୍‌ସିବି ବିଜୟ ଉତ୍ସବରେ ଦଳାଚକଟା

## ସିଆଇଡି ତଦନ୍ତ ଆରମ୍ଭ



ବେଙ୍ଗାଲୁରୁ, ୭।୬(ଏଜେନ୍ସି): ଆର୍‌ସିବିର ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟଣାର ବିଧିବଦ୍ଧ ତଦନ୍ତ ଆରମ୍ଭ କରିଛି ସିଆଇଡି। ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ।

ସିଆଇଡି ଏସପି ଶୁଭନ୍ୱିତା ତଦନ୍ତର ନେତୃତ୍ୱ ନେଉଛନ୍ତି। ଏହି ଟିମ୍‌ରେ ଡିଏସପି ଗୌତମ ଓ ତଦନ୍ତକାରୀ ଅଧିକାରୀ ପୁରୁଷୋତ୍ତମ ସଦସ୍ୟ ଅଛନ୍ତି। ସିଆଇଡି ପକ୍ଷରୁ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ନିଜ ହାତକୁ ନିଆଯାଇଛି। ପୂର୍ବରୁ ଏହି ଦଳାଚକଟା ଘଟଣାରେ କୁବୋନ ପାର୍କ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ପରେ ଏହି ଘଟଣାର ତଦନ୍ତ ଭାର ସିଆଇଡିକୁ ଦିଆଯାଇଥିଲା। ଷ୍ଟାଡିୟମର ଗେଟ୍ ନମ୍ବର ୭, ୧୭, ୧୮, ୧୯ ଓ ୨୧ରେ ଘଟିଥିବା ଘଟଣା ସମ୍ପର୍କରେ ସିଆଇଡି ତଦନ୍ତ କରୁଛି। ଆସନ୍ତା ସୋମବାର ଆଉ କିଛି ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି।

### ମୃତକଙ୍କ ପରିବାରକୁ ୨୫ ଲକ୍ଷ ଲେଖାଏଁ ଅନୁଦାନ

ବେଙ୍ଗାଲୁରୁ,୭।୬(ଏଜେନ୍ସି): ବେଙ୍ଗାଲୁରୁ ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମେୟା ମୃତକଙ୍କ ପାଇଁ ଅନୁଦାନ ରାଶିରେ ଦେଢ଼ଗୁଣା ବୃଦ୍ଧି କରିଛନ୍ତି। ପୂର୍ବରୁ ୧୦ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରାଯାଇଥିଲା। କିନ୍ତୁ ଏବେ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦିଆଯିବ ବୋଲି ସେ ଶନିବାର ଘୋଷଣା କରିଛନ୍ତି। ଆଇପିଏଲ୍ ଇତିହାସରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦୀର୍ଘ ୧୮ ବର୍ଷ ପରେ ପ୍ରଥମଥର ପାଇଁ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲା।

### କେଏସ୍‌ସିଏ ସମ୍ପାଦକ, କୋଷାଧ୍ୟକ୍ଷଙ୍କ ଇସ୍ତଫା

ଦଳାଚକଟା ମାମଲାରେ କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ ଆସୋସିଏସନର ଦୁଇ ପଦାଧିକାରୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆସୋସିଏସନ ସମ୍ପାଦକ ଏ ଶଙ୍କର ଓ କୋଷାଧ୍ୟକ୍ଷ ଏଇ ଜୟରାମ ଶୁକ୍ରବାର ରାତିରେ ଇସ୍ତାଫା ଦେବା ପରେ ଶନିବାର ସକାଳେ ଏକ ଯୁଗ୍ମ ବାର୍ତ୍ତା ଦେଇ ନୈତିକତା ଦୃଷ୍ଟିକୋଣରୁ ଆମେ ଇସ୍ତଫା ଦେଇଛୁ ବୋଲି କହିଛନ୍ତି।

## ୟୁକ୍ରେନ ଉପରେ ରୁଷ୍‌ର ଡ୍ରୋନ୍, ମିସାଇଲ ବର୍ଷା



ଖରକିଭ୍,୭।୬(ଏଜେନ୍ସି): ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ୩ ବର୍ଷଧରି ଚାଲିଥିବା ଯୁଦ୍ଧ ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ୫ଟି ଏୟାର ବେସ ଓ ୪୧ଟି ଲଢୁଆ ବିମାନ ଧ୍ୱଂସ ହେବା ପରେ ରୁଷିଆ ଏବେ ୟୁକ୍ରେନଠାରୁ ପ୍ରତିଶୋଧ ନେବା ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି। ଶନିବାର ରୁଷିଆ ପୂର୍ବ ୟୁକ୍ରେନ ସ୍ଥିତ ଦେଶର ଦ୍ୱିତୀୟ ବୃହତ୍ତମ ସହର ଖରକିଭ୍ ଉପରେ ଡ୍ରୋନ ଓ ମିସାଇଲ ବର୍ଷା କରିଛି। ଏଥିରେ ଅତିକମ୍‌ରେ ୩ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୧ଜଣ ଆହତ ହୋଇଛନ୍ତି।

ରୁଷିଆ ୪୮ଟି ଡ୍ରୋନ ଛାଡ଼ିବା ସହ ଦୁଇଟି ମିସାଇଲ ଓ ୪ଟି ଗ୍ଲାଇଡିଂ ବମ୍ ମାଡ କରିଥିଲା। ତେବେ ରୁଷିଆ ୨୧୫ ମିସାଇଲ୍ ଓ ଡ୍ରୋନ ରାତିସାରା ମାଡ କରିଥିଲା ବୋଲି ୟୁକ୍ରେନ ବାୟୁସେନା ତରଫରୁ କୁହାଯାଇଛି। କିନ୍ତୁ ୟୁକ୍ରେନ ଏୟାର ଡିଫେନ୍ସ ୮୭ ଡ୍ରୋନ ଓ ୭ଟି ମିସାଇଲକୁ ନ୍ୟୁଟ୍ରାଲାଇଜ୍ କରିଥିଲା ବାୟୁସେନା ସୂଚନା ଦେଇଛି। ଏଥିସହ ୟୁକ୍ରେନର ଅନ୍ୟ କେତୋଟି ଅଞ୍ଚଳରେ ମଧ୍ୟ ଆକ୍ରମଣ ହୋଇଛି। ଡୋନେଟସ୍କ, ଡନିପ୍ରୋପେଟ୍ରୋଭସ୍କ, ଓଡେଶା ଓ ସିଟି ଅଫ୍ ଟେର୍ଣ୍ଣୋପିଲ୍‌ରେ ମଧ୍ୟ ଆକ୍ରମଣ ହୋଇଛି ବୋଲି ୟୁକ୍ରେନ ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରିଲ ସିବିହା ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ରୁଷିଆର ଏହି ଆକ୍ରମଣରେ ୧୮ଟି ଆପାର୍ଟମେଣ୍ଟ ବିଲ୍ଡିଂ, ୧୩ଟି ଘରୋଇ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ୨୦୨୨ ଫେବୃଆରୀରୁ ଯୁଦ୍ଧ ଆରମ୍ଭ ହେବା ପରେ ଖରକିଭ୍ ଉପରେ ରୁଷିଆର ଏହା ସର୍ବବୃହତ୍ ଆକ୍ରମଣ ସାବ୍ୟସ୍ତ ହୋଇଛି। ଏଥିରେ ଛୋଟ ପିଲା ଓ ୧୪ ବର୍ଷର ବାଳିକା ମୃତ୍ୟୁବରଣ କରିଛନ୍ତି। ପୂର୍ବରୁ ଶୁକ୍ରବାର ରୁଷିଆର ୟୁକ୍ରେନର ୬ଟି ଅଞ୍ଚଳରେ ଆକ୍ରମଣ କରିଥିଲା ଓ ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିବା ସହ ୮୦ଜଣ ଆହତ ହୋଇଥିଲେ।

## ସିନ୍ଧୁ ଜଳ ଚୁକ୍ତି: ଭାରତକୁ ୪ଟି ଚିଠି ପଠାଇଛି ପାକିସ୍ତାନ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ସିନ୍ଧୁ ଜଳ ଚୁକ୍ତିକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବାକୁ ପାକିସ୍ତାନ ଭାରତକୁ ୪ଟି ଚିଠି ଲେଖିଛି। ଏହି ୪ଟି ମଧ୍ୟରୁ ଗୋଟିଏ ଚିଠି ଅପରେସନ ସିନ୍ଦୂର ପରେ ପଠାଯାଇଛି ବୋଲି କୁହାଯାଇଛି। ପାକିସ୍ତାନର ଜଳ ସଂସାଧନ ମନ୍ତ୍ରଣାଳୟର ସଚିବ ସୟଦ ଅଲୀ ମୁର୍ତ୍ତଜା ଏହି ଚିଠି ଭାରତ ଜଳ ଶକ୍ତି ମନ୍ତ୍ରଣାଳୟକୁ ପଠାଇଛନ୍ତି। ଏହାପରେ ଏହି ଚିଠିଗୁଡିକୁ ବୈଦେଶିକ ମନ୍ତ୍ରଣାଳୟକୁ ପଠାଇ ଦିଆଯାଇଥିଲା। ପାଣି ଦେବାକୁ ପାକିସ୍ତାନ ଏହି ଚିଠିଗୁଡିକରେ ଅନୁରୋଧ କରିଛି। ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ୧୯୬୦ରୁ ହୋଇଥିବା ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ଏହି ସନ୍ଧି ଅନୁସାରେ ପାକିସ୍ତାନକୁ ୮୦ ପ୍ରତିଶତ ଜଳ ମିଳୁଥିଲା।

## ବାଂଲାଦେଶ ନିର୍ବାଚନକୁ ପ୍ରତ୍ୟାଖ୍ୟାନ କଲା ବିଏନ୍‌ପି

ଢ଼ାକା, ୭।୬(ଏଜେନ୍ସି): ବାଂଲାଦେଶ ମୁଖ୍ୟ ଉପଦେଷ୍ଟା ତଥା କାମଚଳା ସରକାର ମୁଖ୍ୟ ମହମ୍ମଦ ୟୁନୁସ ଗୁରୁବାର ନିର୍ବାଚନ ତାରିଖ ଘୋଷଣା କରିଥିଲେ। ତେବେ ଏହାକୁ ବାଂଲାଦେଶ ନ୍ୟାସାନାଲିଷ୍ଟ ପାର୍ଟି (ବିଏନ୍‌ପି) ପ୍ରତ୍ୟାଖ୍ୟାନନ କରିଛି। ଏହି ନିର୍ବାଚନ ଆସନ୍ତା ୨୦୨୬ ଏପ୍ରିଲ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ନିର୍ବାଚନ ତାରିଖରେ ବିଳମ୍ବ ହୋଇଛି ଓ ଏହା ଦେଶବାସୀଙ୍କୁ ନିରାଶ କରିଛି ବୋଲି ବିଏନ୍‌ପି ତରଫରୁ କୁହାଯାଇଛି। ନିର୍ବାଚନ ଡିସେମ୍ବର ପରେ ହେବା ଉଚିତ ନୁହଁ। ରାମଜାନ, ସ୍କୁଲ ପରୀକ୍ଷା ଓ ପାଣିପାଗ ଜନିତ ସମସ୍ୟା ରହିଥିବାରୁ ନିର୍ବାଚନ ପାଇଁ ଘୋଷିତ ହୋଇଥିବା ତାରିଖ ଗ୍ରହଣୀୟ ନୁହଁ। ପୁଣି ଡିସେମ୍ବରରେ କାହିଁକି ନିର୍ବାଚନ ହୋଇପାରିବ ନାହିଁ ସେ ନେଇ ୟୁନୁସ ସ୍ପଷ୍ଟ କରିବା ଉଚିତ ବୋଲି ବିଏସ୍‌ପିର ଜାତୀୟ ଷ୍ଟାଣ୍ଡିଂ କମିଟି ମୁଖ୍ୟ ତାରିକ ରହମାନ କହିଛନ୍ତି।

■ ରକ୍ତଚାପ ବଢ଼ିବା ଯୋଗୁଁ ସୋନିଆ ଅସୁସ୍ଥ

## ଚିକିତ୍ସା ପରେ ହସ୍ପିଟାଲରୁ ଫେରିଲେ



ସିମଳା, ୭।୬(ଏଜେନ୍ସି): ରକ୍ତଚାପ ବଢ଼ିବା କାରଣରୁ କଂଗ୍ରେସ ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସିମ୍‌ଲାର ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ (ଆଇଜିଏମ୍‌ସି)କୁ ଅଣାଯାଇଥିଲା। ସେଠାରେ ଏକ ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରାଇଥିଲେ ଓ ସେ ପରେ ହସ୍ପିଟାଲରୁ ଫେରିଥିଲେ। ସେ ରୁଟିନ ଚେକ୍‌ଅପ୍ ପାଇଁ ଆସିଥିଲେ ବୋଲି ମେଡିକାଲ ସୁପରିଟେଣ୍ଡେଣ୍ଟ ଡା ରାହୁଲ ରାଓ କହିଛନ୍ତି। କିଛି ସାମାନ୍ୟ ସ୍ୱାସ୍ଥ୍ୟଗତ କାରଣ ଓ ଚେକ୍‌ଅପ୍ ପାଇଁ ତାଙ୍କୁ ହସ୍ପିଟାଲ ଅଣାଯାଇଥିଲା ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ଖୁସ୍‌ବୁଙ୍କ ପ୍ରିନ୍ସପାଲ ମିଡିଆ ଆଡଭାଇଜର ନରେଶ ଚୌହାନ କହିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୨ରେ ସୋନିଆ ସିମଲା ଆସିଥିଲେ। ସ୍ଥାନୀୟ ଛରାବଡ଼ାରେ ଥିବା ଝିଅ ପ୍ରିୟଙ୍କା ଗାନ୍ଧୀଙ୍କ ଫାର୍ମ ହାଉସ୍‌ରେ ରହୁଥିଲେ। ପ୍ରିୟଙ୍କା ପୂର୍ବରୁ ୨ ସପ୍ତାହ ପୂର୍ବରୁ ଏଠାକୁ ଆସିଛନ୍ତି। ଗ୍ରୀଷ୍ମରେ ସିମ୍‌ଲାକୁ ଛୁଟି କାଟିବା ପାଇଁ ଗାନ୍ଧୀ ପରିବାର ଏଠାକୁ ଆସିଥାନ୍ତି। ଏହି ଫାର୍ମ ହାଉସ ସିମ୍‌ଲାଠାରୁ ୧୩ କିମି ଦୂରରେ ଅବସ୍ଥିତ। ଗତ ୨୦୨୪ ମାର୍ଚ୍ଚରେ ମଧ୍ୟ ସୋନିଆଙ୍କ ସ୍ୱାସ୍ଥ୍ୟ ବିଗିଡିଥିଲା। ସେହିପରି ୨୦୨୨ରେ ସେ କରୋନା ସଂକ୍ରମଣ କାରଣରୁ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ।

## ହସ୍ପିଟାଲରେ ସତ୍ୟପାଲ ମଲିକ୍‌ଙ୍କ ସ୍ଥିତି ଗମ୍ଭୀର



ନୂଆଦିଲ୍ଲୀ, ୭।୬(ଏଜେନ୍ସି): ମେ ୧୧ରୁ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜମ୍ମୁ-କଶ୍ମୀର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି। ତାଙ୍କ ଅବସ୍ଥା ଏବେ ଗମ୍ଭୀର। ଜମ୍ମୁ-କଶ୍ମୀରର କିରୁ ହାଇଡ୍ରୋପାୱାର ପ୍ରୋଜେକ୍ଟ ସହିତ ଜଡିତ ଦୁର୍ନୀତି ମାମଲାରେ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯିବା ପରେ ସେ ମୁହଁ ଖୋଲିଛନ୍ତି। ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ବେଶ୍ ଭାବପ୍ରବଣ ହୋଇ ପୋଷ୍ଟ କରିଛନ୍ତି। ତାଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଗତ ମାସେ ହେବ ହସ୍ପିଟାଲରେ ଭର୍ତ୍ତି ହୋଇଛି ଓ କିଡ୍‌ନୀ ଜନିତ ସମସ୍ୟା ଦେଇ ଗତି କରୁଛି। ପହରଦିନ ଠିକ୍ ଥିଲି, କିନ୍ତୁ ଆଜି ପୁଣି ଆଇସିୟୁରେ ଭର୍ତ୍ତି ହୋଇଛି। ବେଳକୁ ବେଳ ସ୍ୱାସ୍ଥ୍ୟାବସ୍ଥାନ ଗମ୍ଭୀର ହେବାରେ ଲାଗିଛି। କାଲି ଦୁନିଆରେ ଥିବି କି ନ ଥିବି, ସେଥିପାଇଁ ଦେଶବାଶୀଙ୍କୁ ସତ କଥା କହିବାକୁ ଚାହୁଁଛି। ମୋ ପାଖରେ ଅର୍ଥ ଥିଲେ ଘରୋଇ ହସ୍ପିଟାଲରେ ନିଜର ଚିକିତ୍ସା କରାଇଥାନ୍ତି। ଯେଉଁ ମାମଲାରେ ମୋତେ ଫସାଯାଉଛି, ସେହି ଟେଣ୍ଡରକୁ ଅକାମୀ କରିଥିଲି। ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲି। ରାଜ୍ୟପାଳ ଥିବା ବେଳେ ମୋତେ ୧୫୦ କୋଟି ଟଙ୍କାର ଲାଞ୍ଚ ଯଚାଯାଇଥିଲା। କିନ୍ତୁ ଏହାକୁ ଗ୍ରହଣ କରି ନଥିଲି। ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ବିନା ରାଜନୈତିକ ଅଭିସନ୍ଧିରେ ଚାଷୀଙ୍କର ଦାବିକୁ ଗୁରୁତ୍ୱ ଦେଇଥିଲି। ସେହିପରି ମହିଳା ମୁଷ୍ଟିଯୋଦ୍ଧା ଆନ୍ଦୋଳନରେ ମଧ୍ୟ ସେମାନଙ୍କୁ ସମର୍ଥନ କରିଥିଲି। ସେହିପରି ପୁଲୱାମା ମାମଲାରେ

### ଆଇସିୟୁରୁ ଭାବପୂର୍ଣ୍ଣ ପୋଷ୍ଟ

ସହିଦ ସୈନ୍ୟଙ୍କ କଥା ଉଠାଇଥିଲି। ତେଣୁ ସରକାର ମୋ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି। କିନ୍ତୁ ମୁଁ ଡରିବା କିମ୍ବା ମୁଣ୍ଡ ନଇଁବା ଲୋକ ନୁହଁ। ସରକାର ମୋତେ ବଦନାମ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ଗତ ମେ ୨୨ରେ ସିବିଆଇ ସତ୍ୟପାଲଙ୍କ ସହ ଆଉ ୫ଜଣଙ୍କ ବିରୋଧରେ କିରୁ ହାଇଡ୍ରୋପାୱାର ପ୍ରୋଜେକ୍ଟ ସହିତ ଜଡିତ ଦୁର୍ନୀତି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିଲା। ଏଥିରେ ପାଖାପାଖି ୨, ୨୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଅନୁମାନ କରାଯାଉଛି।

## ମହାରାଷ୍ଟ୍ରରେ ବିଜେପି ଅନୈତିକ ଉପାୟରେ ନିର୍ବାଚନ ଜିତିଛି: ରାହୁଲ



ନୂଆଦିଲ୍ଲୀ, ୭।୬(ଏଜେନ୍ସି): ୨୦୨୪ରେ ମହାରାଷ୍ଟ୍ରରେ ହୋଇଥିବା ନିର୍ବାଚନ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣି ମୁହଁ ଖୋଲିଛନ୍ତି। ବିଜେପି ଏହି ନିର୍ବାଚନରେ ଅନୈତିକ ଉପାୟ ଅବଲମ୍ବନ କରି ବିଜୟୀ ହୋଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଏକ ସ୍ତମ୍ଭ ଲେଖି ରାହୁଲ ନିଜର ମତ ରଖିଛନ୍ତି। ମହାରାଷ୍ଟ୍ରରେ ବିଜେପି ଓ ତା'ର ସହଯୋଗୀ ଦଳଗୁଡିକ ବିଜୟୀ ହେବାକୁ ୫ଟି ପର୍ଯ୍ୟାୟରେ ପ୍ରାକ୍ ପ୍ରସ୍ତୁତି କରିଥିଲେ। ମହାରାଷ୍ଟ୍ର ଭଳି ଏଥର ବିହାରରେ ମଧ୍ୟ ମ୍ୟାଚ୍ ଫିକ୍ସିଂ କରାଯିବ। ପୁଣି ବିଜେପି ହାରିବାର ଆଶଙ୍କା ଥିବା ରାଜ୍ୟଗୁଡିକରେ ଏହି ପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ନିର୍ବାଚନ କମିଶନ ନିଯୁକ୍ତି ଆଇନ ମାଧ୍ୟମରେ କମିଶନରେ ନିଯୁକ୍ତି କରିବାକୁ ଥିବା କମିଟିରେ ମୁଖ୍ୟ ବିଚାରପତିଙ୍କ ବଦଳରେ କେନ୍ଦ୍ରୀୟମନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଉଛି। ଫଳରେ ନିରପେକ୍ଷତାକୁ ବଳି ଦିଆଯାଇ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ସରକାରଙ୍କ ନିୟନ୍ତ୍ରଣରେ ରହୁଛି। ରାହୁଲ୍ ଉଲ୍ଲେଖ କରିଛନ୍ତି ଯେ ମହାରାଷ୍ଟ୍ରରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଓଲଟପାଲଟ କରିବା ଲାଗି ଏନଡିଏ ପକ୍ଷରୁ ୫ ପର୍ଯ୍ୟାୟ ମଡେଲ ଗ୍ରହଣ କରାଯାଇଥିଲା। ସେଗୁଡିକ ହେଲା ନିର୍ବାଚନ କମିଶନଙ୍କ ନିଯୁକ୍ତି ପାଇଁ ପ୍ୟାନେଲରେ ରିଗିଂ। ଭୋଟର ତାଲିକାରେ ଜାଲ୍ ଭୋଟରଙ୍କୁ ସ୍ଥାନୀତ କରିବା। ଭୋଟର ଟର୍ଣ୍ଣଆଉଟକୁ ଅଧିକ ଦର୍ଶାଇବା। ବିଜେପିର ବିଜୟ ଆବଶ୍ୟକତା ହେଉଥିବା ସ୍ଥାନରେ ଜାଲ୍ ଭୋଟରଙ୍କୁ ସ୍ଥାନୀତ କରିବା ଏବଂ ପ୍ରମାଣଗୁଡିକୁ ଅଗୋଚରରେ ରଖିବା। ଯାହା ଫଳରେ ଏହି ନିର୍ବାଚନରେ ମହାବିକାଶ ଅଘାଡ଼ିର ଶୋଚନୀୟ ପରାଜୟ ଘଟିଥିଲା।

କଂଗ୍ରେସ, ଶିବସେନା(ୟୁବିଟି) ଓ ଏନସିପି(ଏସପି) ମାତ୍ର ୫୦ ଆସନ ଜିଣିଥିଲେ। ରାହୁଲ କହିଛନ୍ତି ଏହି ନିର୍ବାଚନରେ ଛୋଟ ଧରଣର ଠକାମି ହୋଇ ନଥିଲା; ବରଂ ଜାତୀୟ ପ୍ରତିଷ୍ଠାନଗୁଡିକୁ କରାୟତ୍ତ କରିବାକୁ ବ୍ୟାପକ ରିଗିଂ ହୋଇଥିଲା। ପୂର୍ବରୁ ନିର୍ବାଚନ କମିଶନଙ୍କ ନିଯୁକ୍ତି ପ୍ରସଙ୍ଗରେ ମଧ୍ୟ କେନ୍ଦ୍ରକୁ ଟାର୍ଗେଟ କରି ଚର୍ଚ୍ଚାରେ ଥିଲେ ରାହୁଲ।

### 'ବିହାରରେ ମଧ୍ୟ ମ୍ୟାଚ୍ ଫିକ୍ସିଂ ହେବ'

### ଅଭିଯୋଗ ଅମୂଳକ: କମିଶନ

ରାହୁଲଙ୍କ ଏଭଳି ଅଭିଯୋଗ ଅମୂଳକ ବୋଲି କହି ଖଣ୍ଡନ କରିଛନ୍ତି ନିର୍ବାଚନ କମିଶନ। ନିର୍ବାଚନ ହାରିବା ପରେ ଏଭଳି ଅଭିଯୋଗ ଆଣିବା ଠିକ୍ ନୁହଁ। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ସବୁକିଛି ତଥ୍ୟ ଉପଲବ୍ଧ। ତେଣୁ ବାରମ୍ବାର ଏଭଳି ଅଭିଯୋଗ ଆଣିବା ଦ୍ୱାରା ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଏହାଦ୍ୱାରା ଜନପ୍ରତିନିଧି ବଦ୍‌ନାମ ହେଉଛନ୍ତି। ଏଥିସହ ନିର୍ବାଚନ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରୁଥିବା କର୍ମଚାରୀଙ୍କ ଉତ୍ସାହ ମଧ୍ୟ କମିଯାଉଛି ବୋଲି ନିର୍ବାଚନ କମିଶନ କହିଛନ୍ତି। ଏ ନେଇ ମହାରଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ୍ ପ୍ରତିକ୍ରିୟାରେ କହିଛନ୍ତି, ରାହୁଲ ନିଜକୁ ମିଛ ଆଶ୍ୱାସନା ଦେଉଛନ୍ତି। ରାହୁଲଙ୍କ ସବୁ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

**ନିଜକୁ ମିଛ ଆଶ୍ୱାସନା ଦେଉଛନ୍ତି ରାହୁଲ: ଫଡ଼ନାବୀସ୍**

## ଜୈସ୍-ଇ- ମହମ୍ମଦକୁ ଶେଷ କରିବାକୁ ବିଲାୱଲଙ୍କୁ କହିଲେ ଆମେରିକା ସାଂସଦ

ୱାଶିଂଟନ, ୭।୬(ଏଜେନ୍ସି): ଆତଙ୍କବାଦୀ ସଂଗଠନ ଜୈସ୍-ଇ-ମହମ୍ମଦକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବାକୁ ଆମେରିକା ଯାଇଥିବା ପାକିସ୍ତାନ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଉଥିବା ବିଲାୱଲ ଭୁଟ୍ଟୋଙ୍କୁ ଆମେରିକା ସାଂସଦ ବ୍ରାଡ ସେରମନ କହିଛନ୍ତି। ସେହିପରି ପାକିସ୍ତାନରେ ରହୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ସବୁପ୍ରକାର ପ୍ରୟାସ କରାଯିବା ଉଚିତ ବୋଲି ସାଂସଦ ବ୍ରାଡ୍ ସେରମନ କହିଛନ୍ତି। ସେହପରି କୁଖ୍ୟାତ ଆତଙ୍କବାଦୀ ଓସାମା ବିନ୍ ଲାଡେନର ଠିକଣା ଖୋଜିବାରେ ସହାୟତା ପ୍ରଦାନ କରିଥିବା ଡ. ସକିଲ ଅଖିଲ ଆଫ୍ରିଦିଙ୍କୁ ଜେଲ୍‌ରୁ ମୁକ୍ତ କରିବାକୁ ସେ ବିଲାୱଲଙ୍କୁ କହିଥିଲେ। ଆଫ୍ରିଦି ଗତ ୧୪ ବର୍ଷ ହେବ ଜେଲ୍‌ରେ ବନ୍ଦୀ ଅଛନ୍ତି। ଅପରେସନ ସିନ୍ଦୂର ପରେ ପାକିସ୍ତାନ ଭାରତକୁ ନକଲ କରି ୫ଟି ଦେଶକୁ ନିଜର ପ୍ରତିନିଧିମଣ୍ଡଳୀ ପଠାଇଛି। ଏହାର ନେତୃତ୍ୱ ନେଉଛନ୍ତି ବିଲାୱଲ।୨୦୦୨ରେ ୱାର୍ଲ୍ଡ ଷ୍ଟ୍ରିଟ୍ ଜର୍ନାଲର ଜଣେ ସାମ୍ବାଦିକ ଡାନିଏଲ ପର୍ଲଙ୍କ ହତ୍ୟାରେ ସମେତ ଆହୁରି କେତେକ ଘୃଣ୍ୟ ଘଟଣାରେ ଜୈସ୍- ଇ- ମହମ୍ମଦ ସାମିଲ ଥିଲା ବୋଲି ସେରମନ କହିଛନ୍ତି। ପାକିସ୍ତାନରେ ରହୁଥିବା ହିନ୍ଦୁ, ଖ୍ରୀଷ୍ଟିଆନ ଓ ଅହମ୍ମଦିଆ ସମ୍ପ୍ରଦାୟର ଲୋକଙ୍କୁ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଛି। ତେଣୁ ଏମାନଙ୍କ ସୁରକ୍ଷା ଦେବାକୁ ଉପରେ ପାକିସ୍ତାନ ଗୁରୁତ୍ୱର ସହ ବିଚାର କରିବା ଉଚିତ ବୋଲି ସେ କହିଛନ୍ତି।

### ରଥର ଅଂଶ ବିକ୍ରି ନିମନ୍ତେ ନୂଆ ଦର ଧାର୍ଯ୍ୟ

# ନନ୍ଦିଘୋଷ ଚକ ୩ ଲକ୍ଷ, ତାଳଧ୍ୱଜ ୨ ଲକ୍ଷ

ପୁରୀ,୭।୬(ସମିସ): ମହାପ୍ରଭୁଙ୍କ ରଥର ବିଭିନ୍ନ ଅଂଶ ବିକ୍ରି ପାଇଁ ନୂଆ ଦର ଧାର୍ଯ୍ୟ କରିଛି ଶ୍ରୀମନ୍ଦିର ପ୍ରଶାସନ। ଯେହେତୁ ଚତୁର୍ଦ୍ଧାବିଗ୍ରହ ଏହି ରଥରେ ବସି ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି ଏବଂ ବାହୁଡ଼ାରେ ପୁଣି ଶ୍ରୀମନ୍ଦିର ଫେରନ୍ତି ତେଣୁ ରଥର ବିଭିନ୍ନ ଅଂଶକୁ ନେବା ପାଇଁ ଭକ୍ତଙ୍କ ମଧ୍ୟରେ ବିଶେଷ ଆଗ୍ରହ ରହିଥାଏ। ଏହାକୁ ନଜରରେ ରଖି ମନ୍ଦିର ପ୍ରଶାସନ ଦର ଧାର୍ଯ୍ୟ କିଛି।

ନୂଆ ଧାର୍ଯ୍ୟ ଦର ଅନୁଯାୟୀ, ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ପିଛା ଦାମ୍ ୩ ଲକ୍ଷ ଟଙ୍କା ରହିଛି। ସେହିପରି ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ଚକ ପିଛା ଦାମ୍ ୨ ଲକ୍ଷ ରହିଥିବାବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଚକ ପିଛା ଦାମ୍ ରହିଛି ୧.୫ ଲକ୍ଷ ଟଙ୍କା। ସେହିପରି ଗୁଜ ଓ ଅଂଶୁଆରୀ ଗୋଟା ପିଛା ୧୫ ହଜାର ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ପ୍ରଭା ପିଛା ଦାମ୍ ରହିଛି ୨୫ ହଜାର ଟଙ୍କା। ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ଚକ କିଣିଲେ ୬ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। କୌଣସି ସାମଗ୍ରୀ କିଣିବାକୁ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆବେଦନ କରିବା



ପାଇଁ କୁହାଯାଇଛି। ଆବେଦନ ପାଇଁ ହଜାରେ ଟଙ୍କା ଦେବାକୁ ପଡ଼ିବ। ରଥ ଉପକରଣ କିଣିବା ନିମନ୍ତେ ଆଲର୍ଟ ହେବା ପରେ ଆବେଦନକାରୀ ସପ୍ତାହେ ମଧ୍ୟରେ ଅର୍ଥରାଶି ଜମା କରିବେ। ଧାର୍ଯ୍ୟ ସମୟରେ ଟଙ୍କା ଜମା କରିବାକୁ ବିଫଳ ହେଲେ ପରବର୍ତ୍ତୀ ଆବେଦନକାରୀଙ୍କୁ ଆଲର୍ଟ କରାଯିବ। ଗତ ୨୭ ତାରିଖରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ସଂଶୋଧିତ ଏସ୍‌ଓପି ଜାରି କରିଛନ୍ତି।

ସୂଚନାଥାଉ କି, ପ୍ରତିବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ନୂତନ ଭାବେ ତିନିରଥ ପ୍ରସ୍ତୁତ ହୋଇଥାଏ। ଯାତ୍ରା ଶେଷ ପରେ ରଥଗୁଡ଼ିକ ଖୋଲାଯାଏ। ତିନିରଥରୁ

**ଦର୍ପଦଳନର ଚକ ପିଛା ଦର ୧.୫ ଲକ୍ଷ**

୪୨ଟି ଚକ(ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ସହିତ ଅନ୍ୟାନ୍ୟ ଅଂଶ ବାହାରିଥାଏ, ଯାହାକୁ ନେବା ପାଇଁ ଭକ୍ତ ଆଗ୍ରହ ପ୍ରକାଶ କରନ୍ତି। ଏହି ଆଗ୍ରହ କିଛିବର୍ଷ ହେବ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ୧୯୯୬ ଥିଲା ନବକଳେବର ବର୍ଷ। ସେହିବର୍ଷ କୋଟି କୋଟି ଭକ୍ତ ବୈଦ୍ୟୁତିକ ଗଣମାଧ୍ୟମରେ ଦେଖିଲେ ନବକଳେବର ଯାତ୍ରା ଓ ଜାଣିଲେ ଏହାର ମାହାତ୍ମ୍ୟ। କହିବାକୁ ଗଲେ ସେହି ବର୍ଷଠାରୁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଲା। ସେହି ବର୍ଷରୁ କେବଳ ଭକ୍ତ ବଢ଼ିଲେ ନାହିଁ ରଥ ଚକ ଏବଂ ଅନ୍ୟାନ୍ୟ କିଛି ଅଂଶର ମହତ୍ୱ ବଢିଲା। ରଥଚକ ଗୁଣ୍ଡିଚା ମନ୍ଦିରରେ ରଖାଗଲା। କିଛି ବର୍ଷ ପରେ ଶ୍ରୀମନ୍ଦିର ସହ ସମ୍ପର୍କିତ ସ୍ଥାନ ଓ ମନ୍ଦିରକୁ ରଥ ଚକ ପ୍ରଦାନ ହେଲା। ଏ ସବୁ ଭିତରେ ସୁରକ୍ଷିତ ସ୍ଥାନ ଅଭାବରୁ ଅନେକ ଚକ ବର୍ଷା ଖରାରେ ନଷ୍ଟ ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ଧର୍ମ, ସଂସ୍କୃତି ସହ ସମ୍ପର୍କିତ ଅନୁଷ୍ଠାନକୁ ଅର୍ଥ ଦେୟରେ ଚକ ଦେବାକୁ ଘୋଷଣା କଲା। ପ୍ରଥମେ ୨୫ ଓ ପରେ ୫୦ ହଜାର ଟଙ୍କା ଚକ ପିଛା ଦର ରହିଥିଲା। ଦାମ ବଢ଼ିବା ପରେ ଆଗ୍ରହ କମିଥିଲା। ଏହାପରେ ମାଗଣାରେ ଦିଆଯିବାକୁ ଘୋଷଣା ହେବା ସହ ଏଥିପାଇଁ କିଛି ସର୍ତ୍ତ ରହିଥିଲା। ଫଳରେ ବହୁ ଚକ ବିଭିନ୍ନ ସ୍ଥାନକୁ ଯିବା ପରେ ଚଳିତବର୍ଷ ରଥଯାତ୍ରା ପରେ ବାହାରିବାକୁ ଥିବା ଚକ ନେବା ଲାଗି ମନ୍ଦିର ପ୍ରଶାସନ ଦର ଧାର୍ଯ୍ୟର ନୂଆ ଏସ୍‌ଓପି ବାହାର କରିଛି।

### ରଥ ଖଳାରୁ....



ରଥ ଉପରକୁ ଉଠିଲା ଚାରିନହକା

### କାଳ ହେଲା ଇଅର୍-ଫୋନ୍

## ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ବାଲେଶ୍ୱର,୭।୬(ସମିସ): ବାଲେଶ୍ୱର ରେଳଷ୍ଟେସନ୍‌ର ଅନତି ଦୂର ଓଭରବ୍ରିଜ୍ ନିକଟରେ ଶନିବାର ଅପରାହ୍ଣରେ ଏକ ଦୁଃଖଦ ଘଟଣା ଘଟିଛି। କାନରେ ଇଅର୍-ଫୋନ୍ ଦେଇ ରେଳଧାରଣା ପାର୍ ହେଉଥିବା ବେଳେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ସହଦେବଖୁଣ୍ଟା ଥାନା ଅଧୀନ ହରିପୁର ବେଗୁନିଆ ଅଞ୍ଚଳର ଦୀପକ ପାଣିଗ୍ରାହୀ। ଜିଆରପି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ଶନିବାର ଅପରାହ୍ଣ ପ୍ରାୟ ୨ଟା ୪୫ରେ ଦୀପକ କାନରେ ଇଅର-ଫୋନ୍ ଦେଇ ଭିଡିଓ କଲରେ କଥା ହୋଇ ମାଲଗୋଦାମ ରାସ୍ତା ଓ ଫାଣ୍ଡି ଛକ ଆଡ଼କୁ ରେଳଧାରଣା ଦେଇ ଆସୁଥିଲେ। ଏହି ସମୟରେ ଷ୍ଟେସନରୁ ବାହାରିଥିବା ସାଲିମାର ହାଇଦ୍ରାବାଦ ଇଷ୍ଟକୋଷ୍ଟ ହର୍ଣ୍ଣ ଦେଇଥିଲେ ହେଁ ଦୀପକଙ୍କୁ ଶୁଭାଯାଇନଥିଲା। ଫଳରେ ଟ୍ରେନ୍‌ଟି ତାଙ୍କ ଡାହାଣପଟ ମୁଣ୍ଡରେ ମାଡ଼ ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ବଜ୍ରପାତରେ ୩ ମହିଳା ଗୁରୁତର

ବୌଦ୍ଧ, ୭।୬(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ତାଳସରଡ଼ା ପଞ୍ଚାୟତ ଅଧୀନ କଙ୍କଲାରେ ଶନିବାର ବଜ୍ରପାତରେ ୩ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ, ପିଙ୍କି ମହାକୁଡ଼, ବିଲ ଗୁରୁ ଓ ଲିପ୍‌ସା ବସ୍ତିଆ। ଏମାନେ ନିଜନିଜ ବିଲରେ କାମ କରି ଗାଁ ନିକଟ ମହାନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ବାଟରେ ବଜ୍ରପାତ ହୋଇଥିଲା ଏବଂ ଏଥିରେ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ପରିବାରଲୋକ ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପିଙ୍କିଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ଡାକ୍ତର ସୂଚନା ଦେଇଛନ୍ତି।

## ଫେରାର୍ ଦୁଷ୍କର୍ମ ଅଭିଯୁକ୍ତ ଗିରଫ

ଯୋଡ଼ା, ୭।୬ (ସମିସ): ଯୋଡ଼ା ପୁଲିସ ଶନିବାର ଜଣେ ଫେରାର୍ ଦୁଷ୍କର୍ମ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲା, ଯୋଡ଼ା ସହିଦନଗର ଅଞ୍ଚଳର ବିଶ୍ୱଜିତ୍ ଶର୍ମା। ବିବାହର ପ୍ରଲୋଭନ ଦେଖାଇ ବିଶ୍ୱଜିତ ଯୋଡ଼ା ସହରର ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରି ଆସୁଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ବିଶ୍ୱଜିତ୍ ଫେରାର୍ ହୋଇଯାଇଥିଲା। ତେବେ କିଛି ଦିନ ତଳେ ସେ ଘରକୁ ଫେରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ୍ ତାକୁ ଗିରଫ କରିଛି।

## ନୂଆଦିଲ୍ଲୀରେ ରାୟଗଡ଼ା ଆମ୍ବର ଚାହିଦା

### ରପ୍ତାନୀ ହେଲା ୧୫୪୫ କେଜି ଅମ୍ରାପଲ୍ଲୀ ଓ ମଲିକା

ରାୟଗଡ଼ା, ୭।୬ (ସମିସ): ଆମ୍ବ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଉପଲବ୍ଧ ହେଉଥିବା ବେଳେ ରାୟଗଡ଼ା ଜିଲ୍ଲା ମାଟିର ସୁଆଦିଆ ଆମ୍ବ'ର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଇଟାଲୀ, ପୋଲାଣ୍ଡ ଭଳି ବିଦେଶୀ ବଜାରରେ ଏବଂ ଦେଶର ନୂଆଦିଲ୍ଲୀ ବଜାରରେ ରାୟଗଡ଼ା ର ଆମ୍ବ'ର ରହିଛି ଢେର ଚାହିଦା। ଓରମାସ ରାୟଗଡ଼ା ଓ ଜିଲ୍ଲା ପ୍ରଶାସନ ତରଫରୁ ଦ୍ୱିତୀୟ ପର୍ଯ୍ୟାୟରେ ଆଜି ବିଶାଖାପାଟଣମ-ନିଜାମୁଦ୍ଦିନ୍ ଏକ୍ସପ୍ରେସ୍ ଟ୍ରେନ୍ ଯୋଗେ ୧.୫ ମେଟ୍ରିକ ଟନ୍ (୧୫୪୫କେଜି) ଅମ୍ରାପାଲି ଓ ମଲିକା କିସମର ସ୍ୱାଦିଷ୍ଟ ଆମ୍ବ ପଠାଯାଇଛି। ଷ୍ଟେଟ୍ ସେକ୍ଟର ୧୦କେ ଏଫପିଓ ଯୋଜନାରେ ରାୟଗଡ଼ା ଓରମାସ ଅଧୀନ ପିସି ଏବଂ କାଶିପୁର ପ୍ରୋଡ୍ୟୁସର ଏଣ୍ଟରପ୍ରାଇଜେସ୍ କୃଷକ ଉତ୍ପାଦକ ସଂସ୍ଥା ତରଫରୁ ଏହି ଆମ୍ବଗୁଡ଼ିକ ନୂଆଦିଲ୍ଲୀସ୍ଥିତ ମଦର ଡାଏରୀକୁ ପଠାଯାଇଛି। ସେଠାରେ ମଦର ଡାଏରୀ ସଂସ୍ଥା ଆମ୍ବଗୁଡ଼ିକର ସର୍ଟିଂ




ଏବଂ ଗ୍ରାଡିଂ ପରେ ହିଟ୍ ଟ୍ରିଟମେଣ୍ଟ ପ୍ରକ୍ରିୟା କରି ନୂଆଦିଲ୍ଲୀ ବଜାରରେ ଏହାକୁ ବିକ୍ରି କରିବ। ଯେଉଁଥିରୁ ୨ପ୍ରତିଶତ ଲାଭାଂଶ ଏଫପିଓଙ୍କୁ ଏବଂ ବଳକା ଚାଷୀଙ୍କ ଜମା ଖାତାକୁ ସିଧାସଳଖ ଲାଭାର୍ଥ ପଠାଇ ଦିଆଯିବ ବୋଲି ଓରମାସ ରାୟଗଡ଼ା କାର୍ଯ୍ୟାଳୟର ବରିଷ୍ଠ ନିର୍ବାହୀ ଆକାଂଉଣ୍ଟ ଅଧିକାରୀ ଲକ୍ଷ୍ମଣ ରାଓ ସୂଚନା ପ୍ରଦାନ କରିଛନ୍ତି। ପ୍ରତିବର୍ଷ ରାୟଗଡ଼ା ର ଅମ୍ରାପାଲି ଏବଂ ମଲିକା ଆମ୍ବ ସମେତ ଅନ୍ୟାନ୍ୟ କିସମର ଆମ୍ବଗୁଡିକର ନୂଆଦିଲ୍ଲୀ ବଜାରରେ ଗ୍ରାହକଙ୍କ ପ୍ରଥମ ପସନ୍ଦ ଥିବାରୁ ଏହାର ଚାହିଦା ଅଧିକ ରହିଥିବା ବେଳେ ଆଗକୁ ଆଉ ଦୁଇ ତିନି ପର୍ଯ୍ୟାୟ କ୍ରମେ ୩ ମେଟ୍ରିକ୍ ଟନରୁ ଅଧିକା ଆମ୍ବ ପଠାଇବା ପାଇଁ ଯୋଜନା ରହିଛି ବୋଲି ଓରମାସ ରାୟଗଡ଼ା ଉପ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ରାୟଗଡ଼ା ଓରମାସ ପକ୍ଷରୁ ଜିଲ୍ଲାର କାଶିପୁର, ବିଷମକଟକ, ଗୁଣପୁର, ରାୟଗଡ଼ା, ମୁନିଗୁଡା ଭଳି ଅନ୍ୟାନ୍ୟ ବ୍ଲକରେ ଥିବା ଆମ୍ବ ଚାଷୀମାନଙ୍କୁ ବିନା ରସାୟନିକ ସାରର ବ୍ୟବହାର ଏବଂ ଜୈବିକ ପଦ୍ଧତିରେ ଆମ୍ବ ପାଚିବା ପ୍ରକ୍ରିୟାକୁ ଅନୁସରଣ କରିବାକୁ ପ୍ରୋତ୍ସାହିତ କରାଯାଉଛି।

## ଟାର୍ଗେଟ୍ ମିଳୁନି... / ମଣ୍ଡିରେ ଧାନ ଜଗିଛି ଚାଷୀ

ସମ୍ବଲପୁର, ୭।୬ (ସମିସ): ସମ୍ବଲପୁର ଜିଲ୍ଲାର ଚାଷୀ ମୁଣ୍ଡରେ ପଡ଼ିଛି ଚଡ଼କ। ମଣ୍ଡିକୁ ଧାନ ଆଣିଲେ ଟୋକନ ଥାଇ ବି ଚାଷୀ ଧାନ ବିକ୍ରି କରିପାରୁନାହିଁ। ଚଳିତବର୍ଷ ବମ୍ପର୍ କ୍ରପ୍ ହୋଇଥିବା ବେଳେ ଅମଳ କରି ଚାଷୀ ମଣ୍ଡିକୁ ନେଉଛି ଧାନ। ମିଲର୍‌ଙ୍କୁ କୌଣସି ଟାର୍ଗେଟ ଦିଆଯାଉ ନଥିବାରୁ ଚାଷୀ ବିକ୍ରି କରିପାରୁନାହିଁ। ତବଲା, ନୂଆମୁଣ୍ଡା ଆଦି ଜିଲ୍ଲାର ବିଭିନ୍ନ ମଣ୍ଡିରେ ଦିନରାତି ଧାନ ଜଗୁଛି ଚାଷୀ। ଆସନ୍ତାକାଲି ସୁଦ୍ଧା ଧାନ ସଂଗ୍ରହ ନହେଲେ ଚାଷୀ ରାସ୍ତାରୋକ୍ କରିବେ ବୋଲି ଚେତାବନୀ ଦେଇଛନ୍ତି।



ବିଜେପି ସରକାର ଗଠନ ପୂର୍ବରୁ ସରକାରରେ ଆସିଲେ ଚାଷୀଙ୍କ ସହିତ ରହିବୁ ଓ ସବୁ ସମସ୍ୟାର ସମାଧାନ ହେବ ବୋଲି କହିଥିବା ବେଳେ ଚାଷୀଙ୍କ ଦୁଃଖ ବଢ଼ି ଯାଇଥିବା ଅଭିଯୋଗ କରିଛନ୍ତି ଚାଷୀ। ସମ୍ବଲପୁର ଜିଲ୍ଲାର ଧାନ ମଣ୍ଡି ଗୁଡ଼ିକରେ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଧାନ ବିକ୍ରି କରିନପାରି ଚାଷୀ ହତାଶ। ମଣ୍ଡିରେ ପଡ଼ି ରହିଛି ଶହଶହ ବସ୍ତା ଧାନ। ମିଲର୍ସଙ୍କୁ ଟାର୍ଗେଟ ନଥିବାରୁ ଟୋକନ ଥାଇ ବି ଚାଷୀ ଧାନ ବିକ୍ରି କରିପାରୁ ନଥିବା ବେଳେ ଅଦିନିଆ ବର୍ଷାରେ ଓଦା ଧାନ କିପରି ବିକ୍ରି କରିବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ଗତ କିଛି ଦିନ ତଳେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଘୁଚାପ ପ୍ରଭାବରେ ବର୍ଷା ହେବାରୁ କେତେକ ସ୍ଥାନରେ ଫସଲ ନଷ୍ଟ ହୋଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଚାଷୀ ଧାନ ଅମଳ କରି କ୍ଷେତରୁ ମଣ୍ଡିକୁ ଆଣିଲା। ବର୍ଷା ତା'ର ପରିଶ୍ରମର ଫଳକୁ ନଷ୍ଟ କରି ନଦେଉ ବୋଲି ଶୀଘ୍ର ଶୁଖିଲା ଧାନ ବସ୍ତାରେ ଭରି ମଣ୍ଡିକୁ ନେଇଆସିଲା। କିନ୍ତୁ ଟୋକନ ଥିବା ସତ୍ତ୍ୱେ ଟାର୍ଗେଟ୍ ନଥିବାରୁ ମଣ୍ଡି ଗୁଡ଼ିକରେ ଚାଷୀ ଧାନ ରଖି ଜଗି ରହିଛି। ଏବେ ଧାନ ବିକ୍ରୟକୁ ନେଇ ଚିନ୍ତାରେ ଚାଷୀ।

ଗତ ମେ' ୧୪ ତାରିଖରୁ ସମ୍ବଲପୁର ଜିଲ୍ଲାରେ ରବି ଧାନକ୍ରୟ ଆରମ୍ଭ ହୋଇଛି। ଜିଲ୍ଲାରେ ରବି ଧାନକ୍ରୟ ପାଇଁ ପ୍ରାରମ୍ଭିକ ଭାବେ ୮ ଲକ୍ଷ ୭୩ ହଜାର ୧୭୦ କ୍ୱିଣ୍ଟାଲ ଟାର୍ଗେଟ୍ ଦିଆଯାଇଥିବା ବେଳେ ପରେ ୨ ଲକ୍ଷ ୧୯ ହଜାର କ୍ୱିଣ୍ଟାଲ ଧାନକିଣା ପାଇଁ ଟାର୍ଗେଟ୍ ଆସିଥିଲା। କିନ୍ତୁ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ଅନୁଯାୟୀ ଏହା ପର୍ଯ୍ୟାପ୍ତ ନୁହେଁ। ଚାଷୀମାନେ ମଣ୍ଡିକୁ ଦୈନିକ ପ୍ରାୟ ୭ରୁ ୧୦ହଜାର ପ୍ୟାକେଟ୍ ଧାନ ନେଉଥିବା ବେଳେ ଟାର୍ଗେଟ୍ ନଥିବାରୁ ମଣ୍ଡିମାନଙ୍କରେ ଅପେକ୍ଷା କରି ରହୁଛନ୍ତି କିମ୍ବା ଫେରାଇ ନେଉଛନ୍ତି। ଆଉ ପ୍ରାୟ ସପ୍ତାହକ ପରେ ରବି ଧାନକିଣା ଅବଧି ଶେଷ ହୋଇଯିବ। ଏବେଠାରୁ ଦଲାଲମାନେ ସକ୍ରିୟ ହୋଇ କମ୍ ଦରରେ ଧାନ କିଣିବାକୁ ମସୁଧା କଲେଣି। ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ପରିଶ୍ରମ ଅନୁଯାୟୀ କୌଣସି ଲାଭ ପାଇବ ନାହିଁ। ଏନେଇ ଜିଲ୍ଲା ପ୍ରଶାସନ ସରକାରଙ୍କୁ ଜଣାଇ ଶୀଘ୍ର ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଜୁଆ ଖେଳରୁ ହତ୍ୟା

### ରାଏଡିହି ସଂରକ୍ଷିତ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସୁନ୍ଦରଗଡ଼, ୭।୬ (ସମିସ): ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ରାଏଡିହି ସଂରକ୍ଷିତ ଜଙ୍ଗଲରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଜୁଆଖେଳରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ମୃତ ଯୁବକଜଣଙ୍କ ହେଲେ, ହେମଗିରି ଥାନା ଅନ୍ତର୍ଗତ ବିହାଜୋର ଗ୍ରାମର ରଙ୍କନିଧି ଓରାମ (୪୩)। ରଙ୍କନିଧିଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ରଙ୍କନିଧିଙ୍କ ଭଣଜା ନନ୍ଦଲାଲ ଓରାମଙ୍କ ଅଭିଯୋଗକ୍ରମେ, ରାଏଡିହି ସଂରକ୍ଷିତ ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଶନିବାର ଦେଖିବାକୁ ମିଳିଥିଲା। ସୂଚନା ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତା ନୂତନ ସାମଦ, ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିଥିବା ବେଳେ ପୁଲିସ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ପୁଲିସ ସନ୍ଧାନୀ କୁକୁର ଘଟଣାସ୍ଥଳରୁ ରାଏଡିହି ଗ୍ରାମକୁ ଯାଇ ଫେରି ଆସିଛି। ଘଟଣାସ୍ଥଳରୁ ମୃତକଙ୍କ ସ୍କୁଟି ଓ ମୋବାଇଲ ସହ ତାସ ମୁଠା, ମଦ ବୋତଲ, ସିଗାରେଟ ଆଦି ଜବତ ହୋଇଛି। ଏହି ଜଙ୍ଗଲରେ ରୀତିମତ ଜୁଆ ଖେଳ ହେଉଥିବା ଓ ଘଟଣାସ୍ଥଳରୁ ତାସ ମୁଠା ଜବତ ହୋଇଥିବାରୁ ଜୁଆ ଖେଳରୁ



ହତ୍ୟାକାଣ୍ଡ ସଂଘଠିତ ହୋଇଥିବା ସ୍ପଷ୍ଟ ହୋଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୁଲିସ ତନାଘନା ଚଳାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି।

### ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

## ୨୦ରେ ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୭।୬ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ୍ ୧୨ ପରିବର୍ତ୍ତେ ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ମାସ ୧୨ ତାରିଖରେ ବିଜେପି ସରକାରଙ୍କୁ ପ୍ରଥମ ବର୍ଷ ପୂର୍ତ୍ତି ହେଉଛି। ଏହି ଅବସରରେ ଜୁନ ୧୨ରୁ ୨୦ ତାରିଖ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟସ୍ତରରୁ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ପୌର ସଂସ୍ଥାଗୁଡ଼ିକରେ ରାଜ୍ୟ ସରକାରଙ୍କ ଗତ ଏକ ବର୍ଷର ଉପଲବ୍ଧିକୁ ନେଇ ବିଶେଷ କାର୍ଯ୍ୟକ୍ରମମାନ ଧାର୍ଯ୍ୟ ହୋଇଛି।

ବିଜେପି ପକ୍ଷରୁ ହେଉଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ବିଜେପିର ଅନ୍ୟ ଶୀର୍ଷ କେନ୍ଦ୍ରୀୟ ନେତୃତ୍ୱ ମଧ୍ୟ ଓଡ଼ିଶା ଆସିପାରନ୍ତି ବୋଲି ଜଣାପଡ଼ିଛି।

### ବିପଦପୂର୍ଣ୍ଣ ସମୁଦ୍ର ସ୍ନାନ

## ଗାଧୋଇବା ବେଳେ ଭାସିଗଲେ ୭ ଛାତ୍ର

ପାରାଦୀପ, ୭।୬(ସମିସ): ଲାଇଟ୍‌ହାଉସ୍ ନିକଟ ବେଳାଭୂମିରେ ଆଜି ଅପରାହ୍ଣରେ ଏକ ଅଘଟଣ ଘଟିଛି। କେନ୍ଦ୍ରାପଡ଼ା ଜିଲ୍ଲାରୁ ଆସିଥିବା ସାତଜଣ ଯୁବକ ବେଳାଭୂମିରେ ଗାଧୋଉଥିବା ବେଳେ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ତାଙ୍କ ନାମ ଏସ୍.କେ. ଅମନ (୨୦)। ସେ ଚଳିତ ବର୍ଷ ସ୍ନାତକୋତ୍ତର ଶିକ୍ଷା ଶେଷ କରିଛନ୍ତି। ଇଦ୍ ପର୍ବ ଅବସରରେ ସେମାନେ ନମାଜ ସାରିବା ପରେ ସମୁଦ୍ରକୁ ବୁଲିବାକୁ ଆସିଥିଲେ। ଏଠାରେ ଗାଧୋଉଥିବା ବେଳେ ଏକ ଲହଡ଼ି ସେମାନଙ୍କୁ ଟାଣିନେଇଥିଲା। ୬ଜଣ କୂଳକୁ ଫେରି ଆସିଥିବା ବେଳେ ଅମନ ସମୁଦ୍ର ଗର୍ଭରେ ନିଖୋଜ ହୋଇଯାଇଥିଲେ। ଖବର ପାଇ ମେରାଇନ ପୁଲିସ, ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କ ପତ୍ତା ମିଳିପାରିନାହିଁ।

**କୂଳକୁ ଫେରିଲେ ୬, ଜଣେ ନିଖୋଜ**

ବେଳାଭୂମିରେ ପର୍ଯ୍ୟଟକଙ୍କ ଗାଧୋଇବା ପାଇଁ ସମ୍ପୂର୍ଣ୍ଣ ବାରଣ ରହିଛି। ଏଥିପାଇଁ ମେରାଇନ୍ ପୁଲିସ୍ ମଧ୍ୟ କୂଳରେ ଜଗି ରହୁଛି। କିନ୍ତୁ ଏହା ସତ୍ତ୍ୱେ ସେମାନେ କେମିତି ଓ କେଉଁ ପରିସ୍ଥିତିରେ ଗାଧୋଇବା ପାଇଁ ଗଲେ, ସେନେଇ ପ୍ରଶ୍ନ ଉଠିଛି। ପୁଲିସ ସମୁଦ୍ର କୂଳରେ ପଇନ୍ତରା ମାରିବା ସହ ଗାଧୋଇବାକୁ ବାରଣ କରିଥିଲେ ଆଜି ଏଭଳି ଅଘଟଣ ଘଟି ନ ଥା'ନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଜିଲ୍ଲା ପ୍ରଶାସନ ସମୁଦ୍ର କୂଳରେ ସୂଚନା ଫଳକ ଲଗାଇବାକୁ ଦାବି ହେଉଛି।

### ପୁଲିସକୁ ସତର୍କ କଲା ଗୁଇନ୍ଦା ବିଭାଗ

# ମଜଭୁତ ସଂଗଠନ ରଣନୀତିରେ ଲାଲ୍‌ବାହିନୀ

ଭୁବନେଶ୍ୱର,୭।୬(ସମିସ): ଛତିଶଗଡ଼ରେ ଘନଘନ ମାଓ ଏନ୍‌କାଉଣ୍ଟ ପରେ ଦୁର୍ବଳ ହୋଇପଡିଛି ମାଓବାଦୀ ସଂଗଠନ। ତେଣୁ ସେମାନେ ଓଡ଼ିଶାରେ ନିଜର ସ୍ଥିତି ମଜଭୁତ କରିବା ପାଇଁ ନୂଆ ରଣନିତୀ ପ୍ରସ୍ତୁତ କରୁଥିବା ଓଡ଼ିଶା ପୁଲିସକୁ ଗୁଇନ୍ଦା ବିଭାଗ ସତର୍କ କରାଇଥିବା ସୂଚନା ମିଳିଛି। ଏପରିକି ମାଓବାଦୀମାନେ ଓଡ଼ିଶାରେ ବଡ଼ଧରଣର ଅଘଟଣ ଘଟାଇବା ଲକ୍ଷ୍ୟରେ ସରଣ୍ଡା ଜଙ୍ଗଲରେ ବିସ୍ଫୋରକ ଲୁଟ୍ କରିଥିଲେ। ପୁଲିସ କିଛି ପରିମାଣର ବିସ୍ଫୋରଣକୁ ଜବତ କରିଥିଲେ ମଧ୍ୟ ଆହୁରି କିଛି ସେମାନଙ୍କ କବ୍‌ଜାରେ ରହିଛି। ତେଣୁ ଏହି ବିସ୍ଫୋରକ ସାମଗ୍ରୀକୁ ବ୍ୟବହାର କରି ସେମାନେ କିଛି ଅଘଟଣ ଘଟାଇ ପାରନ୍ତି ବୋଲି ଗୁଇନ୍ଦା ବିଭାଗ ଆଶଙ୍କା ପ୍ରକାଶ କରିଛି।

ଗୁଇନ୍ଦା ବିଭାଗ ସୂଚନା ଦେଇଛି ଯେ ଓଡ଼ିଶାରେ ଟପ୍ ମାଓ କ୍ୟାଡର୍ ପଦ ଫାଙ୍କା ପଡ଼ିଥିବାରୁ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ୀ ମାଓବାଦୀ ଓଡ଼ିଶାର ମଙ୍ଗ ସମ୍ଭାଳିବେ। ତେଣୁ ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ ଅଞ୍ଚଳରେ ଆର୍ଲଟ ରହିବା ସହ ଡ୍ରୋନ୍

- **ସମ୍ବଲପୁର ଜିଲ୍ଲାରେ ପୁଣି ସକ୍ରିୟ ହେଲେଣି ମାଓବାଦୀ**
- **ସୀମାନ୍ତରେ ଅପରେସନ୍ ଜୋର୍‌ଦାର୍ କରିବାକୁ ପରାମର୍ଶ**

ମାଧ୍ୟମରେ ନଜର ରଖିବାକୁ କୁହାଯାଇଛି। ଆହୁରି ମଧ୍ୟ କୁଆଯାଇଛି ଯେ ଆଗକୁ ମାଓବାଦୀ ସଦସ୍ୟ ସଂଗ୍ରହ ଋତୁ ଆସୁଛି। ତେଣୁ ଆଦିବାସୀ ଅଧ୍ୟୁସିତ ଗ୍ରାମକୁ ଯାଇ ଲୋକଙ୍କୁ ଚାକିରି ଆଳରେ ମିଛ କଥା କହି ସଂଗଠନରେ ସାମିଲ କରିବେ। ତେଣୁ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ମଧ୍ୟ କୁହାଯାଇଛି।

ଏଥିସହ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ମାଓ ଗତିବିଧି ବଢ଼ିଥିବା ସନ୍ଦେହ କରାଯାଉଛି। ସୋନପୁର, ବୌଦ୍ଧ, ରେଢ଼ାଖୋଲର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ମାଓବାଦୀ ସକ୍ରିୟ ଥିବା ଗୁଇନ୍ଦା ସୂଚନା ମିଳିଛି। ପୂର୍ବରୁ ସମ୍ବଲପୁରରେ ମାଓବାଦୀଙ୍କ ଗତିବିଧି ଥିବା ବେଳେ ଦୀର୍ଘ ବର୍ଷ ହେବ ମାଓବାଦୀଙ୍କୁ ଦେଖିବାକୁ ମିଳି ନ ଥିଲା। ଏବେ ଛତିଶଗଡ଼ରେ ଲଗାତର ମାଓ ଏନ୍‌କାଉଣ୍ଟରରେ ଅନେକ ମାଓବାଦୀ ନିହତ ହୋଇଛନ୍ତି। ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଥିବାରୁ ମାଓବାଦୀମାନେ ସମ୍ବଲପୁର ଆଡ଼କୁ ଅଗ୍ରସର ହେଉଥିବା ଗୁଇନ୍ଦା ସୂଚନା ପାଇ ଏଥିପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବାକୁ ଓଡ଼ିଶା ପୁଲିସକୁ କହିଛି।

## ଚାରମାଳ ଜଙ୍ଗଲରେ କମ୍ବିଂ

ସମ୍ବଲପୁ୪/ରେଢ଼ାଖୋଲ, ୭।୬(ସମିସ): ସମ୍ବଲପୁର ଜିଲ୍ଲା ଚାରମାଳ ଜଙ୍ଗଲ ଅଞ୍ଚଳରେ କମ୍ବିଂ ଅପରେସନ ଚାଲିଥିବା ସୂଚନା ମିଳିଛି। ଛତିଶଗଡ଼ ଅଞ୍ଚଳରେ ନିୟମିତ ଅପରେସନ୍ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଏହି ଅଞ୍ଚଳକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ତେବେ ସ୍ଥିତିର ସମ୍ବେଦନଶୀଳତାକୁ ନେଇ ପୁଲିସ ପକ୍ଷରୁ ଏନେଇ କୌଣସି ତଥ୍ୟ ଦିଆଯାଇନାହିଁ। ଚାରମାଳ, ନାକଟିଦେଉଳ ଅଞ୍ଚଳ ଜଙ୍ଗଲରେ ଏସ୍‌ଓଜି ସୁରକ୍ଷା ଫୋର୍ସ ପହଞ୍ଚି କମ୍ବିଂ କରୁଥିବା କୁହାଯାଉଛି। ୨୦୦୧ ମସିହାରେ ସମ୍ବଲପୁରର ମେଘପାଳ, ଟାମ୍ପରସିଂହା ଆଦି ଅଞ୍ଚଳରେ ମାଓ ଗତିବିଧି ଦେଖାଦେଇଥିଲା। ୨୦୦୩ ମସିହାରେ ମାଓବାଦୀମାନେ ଟାମ୍ପରଗଡ଼ର ପୂର୍ବତନ ସରପଞ୍ଚ କାଦର ସିଂଙ୍କୁ ହତ୍ୟା କରିଥିଲେ। ଏହା ପରଠାରୁ ଉକ୍ତ ଅଞ୍ଚଳରେ ମାଓ ଗତିବିଧି ବୃଦ୍ଧି ପାଇଥିଲା। ସେତେବେଳେ ଏହି ଅଞ୍ଚଳକୁ ସମ୍ବଲପୁର-ଦେବଗଡ଼-ସୁନ୍ଦରଗଡ଼ କରିଡର ବୋଲି କୁହାଯାଉଥିଲା। ତେବେ, ଗତ କେଇ ବର୍ଷ ହେବ ସମ୍ବଲପୁରରେ ମାଓ ଗତିବିଧି ଓ କାର୍ଯ୍ୟକଳାପ ପ୍ରାୟତଃ ବନ୍ଦ ହୋଇଯାଇଛି। ସମ୍ପ୍ରତି ଛତିଶଗଡ଼ରୁ ଛତ୍ରଭଙ୍ଗ ଦେଇ ମାଓବାଦୀମାନେ ସମ୍ବଲପୁରକୁ ଆସିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

### ଅନିଶ୍ଚିତତାରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା

# ଆନ୍ତରିକତା ଦେଖାଉ ନାହିଁ ବିଜେପି ସରକାର

**ବାରିପଦା, ୭ା୬(ସମିସ)**

ମୟୂରଭଞ୍ଜରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କେବଳ ଘୋଷଣାରେ ସୀମିତ ହୋଇରହିଛି। ପୂର୍ବ ସରକାର ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ମଞ୍ଜୁରି ଦେଇଥିବାବେଳେ ନୂଆ ସରକାରଙ୍କୁ ଇତିମଧ୍ୟରେ ଏକବର୍ଷ ବିତିଯାଇଥିଲେ ହେଁ କେବେ ହେବ ସେ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଛି। ବିଜେପି ଦଖଲରେ ସମଗ୍ର ଜିଲ୍ଲା ରହିଥିବାବେଳେ କେବେ ସରକାର ଅଗ୍ରାଧିକାର ଦେଇ ପୂରଣ କରିବେ ତାହାକୁ ନେଇ ଆଲୋଚନା ମଧ୍ୟ ଜୋର ଧରିଛି। ଗତ ୧୦ ବେଳା ବାରିପଦା, ଶାମାଖୁଣ୍ଟା, ବେତନଟୀ ଓ ମୋରଡା ନିକଟରେ ଶହ ଶହ ଏକରରୁ ଅଧିକ ଜାଗା ଚିହ୍ନଟ ହୋଇଛି; ଏ ଯାଏ ପାଦଟିଏ ବି ଆଗେଇ ପାରିନି ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା। ପ୍ରଶାସନିକ ଉଦାସୀନତା ଯୋଗୁଁ ଅନ୍ୟ ଜିଲ୍ଲାକୁ ସ୍ଥାନାନ୍ତର ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହି ୩ଟିଯାକ ବ୍ଲକ ସୀମାରେ ଥିବା ଡାଙ୍ଗିଆମ୍ବ ଓ ବାରିପଦା ଓ ଶାମାଖୁଣ୍ଟା ସୀମାରେ ଏହି କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ୨୦୨୪ ମସିହା ଅଗଷ୍ଟ ମାସରେ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। ଘୋଷଣାର ଦୀର୍ଘ ବର୍ଷ ପରେ ବି ଆଗକୁ ବଢ଼ିପାରିନାହିଁ। ବଡସାହି ଓ ବାରିପଦା ବିଧାନସଭା ଅନ୍ତର୍ଗତ ଏଠାରେ ୪୦୦ ହେକ୍ଟର ସରକାରୀ ଜମିରେ ହେବାର ପ୍ରବଧାନ ରହିଥିଲା। ଏବେ ୧୦୦ ହେକ୍ଟର ଜମି ଆବଶ୍ୟକ ଥିବାବେଳେ ଏହି ଦୁଇ ଅଞ୍ଚଳରେ ରହିଛି ୧୫୨ ହେକ୍ଟର ଏଥିପାଇଁ ୨୦୧୪ ବଜେଟରେ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ପାଦେ ବି ଆଗେଇ ପାରିନାହିଁ। ଫଳରେ ଏହା ଉପକୂଳ ଜିଲ୍ଲାକୁ ଚାଲିଯିବାର ଆଶଙ୍କା ଦେଖାଦେଉଛି। ବିଶ୍ୱ ପ୍ରସିଦ୍ଧ ଜୈବମଣ୍ଡଳ ଶିମିଳିପାଳ ରହିଥିବାବେଳେ ମୟୂରଭଞ୍ଜ ଜିଲ୍ଲାକୁ ବହୁ ଚାଷୀର ଅନୁଭିଶାଳ ବୋଲି କୁହାଯାଏ। ଖାଲି ଯେ ଧାନ ତାହାନୁହେଁ ଉନ୍ନତ ମାନର ମକା, ଆଳୁ, ବାଦାମ, ପିଆଜ ସହ ଭଳିକି ଭଳି ପନିପରିବା ବର୍ଷକ ଯାକ ଉତ୍ପାଦନ କରାଯାଇଥାଏ। ଜିଲ୍ଲାର ଜଳବାୟୁ ସବୁ ପନିପରିବା, ଧାନ, ମକା, ଆଖୁ, ବାଦାମ ଓ ଆଳୁ ପାଇଁ ମଧ୍ୟ ଉପଯୋଗୀ। ତେଣୁ ଏଠିଠାରେ ଓଡ଼ିଶାର ଦ୍ୱିତୀୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବାର ଉପାଦାନ ରହିଛି। ୧୯୬୨ରେ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା ଓଡ଼ିଶା କୃଷି ଓ ବେ?ଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)। ଦେଶରେ ଥିବା ୪ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୃଷି ପାଠ୍ୟକ୍ରମରେ ଶିକ୍ଷାଦାନ ଚାଲିଥିବାବେଳେ ମହାରାଷ୍ଟ୍ର ଓ ରାଜସ୍ଥାନରେ ୭ଟି ଲେଖାଏଁ, ଗୁଜରାଟ ଓ କର୍ଣ୍ଣାଟକରେ ୫ଟି ଲେଖାଏଁ ଓ ଅନ୍ଧ୍ରପ୍ରଦେଶ, ହରିଆଣା, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ପରି ରାଜ୍ୟରେ ୩ଟି ଲେଖାଏଁ କୃଷି ବିଶ୍ୱବିଦ୍ୟାଳୟ ରହିଛି। ଏପରିକି ଛତିଶଗଡ଼, ଉତ୍ତରାଖଣ୍ଡ, ଜାମ୍ମୁକାଶ୍ମୀର, ହିମାଞ୍ଚଳ ପ୍ରଦେଶ, ବିହାର, ତେଲେଙ୍ଗାନା ରାଜ୍ୟରେ ମଧ୍ୟ ୨ଟି ଲେଖାଏ କୃଷି ବିଶ୍ୱବିଦ୍ୟାଳୟ ରହିଛି। ତେଲେ ଓଡ଼ିଶାରେ ମାତ୍ର ଗୋଟିଏ ରହିଛି। ଭୁବନେଶ୍ୱର ଓୟୁଏଟିର ୧୦ଟି କଲେଜରେ ୫୩ଟି ପାଠ୍ୟକ୍ରମରେ ପ୍ରତିବର୍ଷ ପ୍ରାୟ ୧୯୦୦ ଛାତ୍ରଛାତ୍ରୀ ନାମଲେଖାଉଥାନ୍ତି। ତେବେ ଓଡ଼ିଶାର ୭୦ ପ୍ରତିଶତ ଓ କେବଳ ଅଞ୍ଚଳର ୭୫ ପ୍ରତିଶତ ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ଥିବାବେଳେ କେବେ ଏହା ପ୍ରତିଷ୍ଠା ହେବ ତାହାକୁ ନେଇ ସଂଶୟ ଦେଖାଦେଇଛି। ମୟୂରଭଞ୍ଜ ଜିଲ୍ଲାରେ ମୋଟ ୮ ଲକ୍ଷ ୮୧ହଜାର ହେକ୍ଟର ମଧ୍ୟରୁ ୩ ଲକ୍ଷ ୧ ହଜାର ୫୦୦ ହେକ୍ଟର ଜମି ଚାଷଉପଯୋଗୀ। ସେଥିମଧ୍ୟରୁ ୨ଲକ୍ଷ ୯୫ ହଜାର ୭୦୦ ହେକ୍ଟର ଜମିରେ ଚାଷ କରାଯାଏ। ଏଥିମଧ୍ୟରୁ ୧ ୯ ହଜାର ହେକ୍ଟରରେ ଧାନ ଚାଷ ହେଉଥିବାବେଳେ ୧ ଲକ୍ଷ ୮ ହଜାର୬୮୦ ହେକ୍ଟର ଜମିରେ ଅଣଧାନ ଚାଷ କରାଯାଏ। ଜିଲ୍ଲାରେ ମୋଟ ଜମିରୁ ୧ଲକ୍ଷ୭ ହଜାର୭୮୫ ହେକ୍ଟର ଜମି ଖରିଫ ଋତୁରେ ଓ ରବି ଋତୁରେ ୮୭ ହଜାର ୨୮୦ ହେକ୍ଟର ଜମିରେ ବିଭିନ୍ନ ଜଳଉତ୍ସ ମାଧ୍ୟମରେ ଜଳସେଚନ ହେଉଛି। ସେହିପରି ଜିଲ୍ଲାରେ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧୦ହଜାର ୪୭୧.୪୪ ହେକ୍ଟରଜମିରେ ମାଣ୍ଡିଆ ଓ ଅନ୍ୟ କ୍ଷୁଦ୍ର ଶସ୍ୟ ହୋଇଛି। ୨୦୨୩-୨୪ରେ ଜିଲ୍ଲାରେ ୧୦ହଜାରରୁ ଅଧିକ ଚାଷୀଙ୍କଠାରୁ ମୋଟ ୯୭ ହଜାର ୧୧୬.୩୨ କ୍ୱିଣ୍ଟାଲ ମାଣ୍ଡିଆ ଟିଡିସିସିଙ୍କ ମାଧ୍ୟମରେ କ୍ରୟ ହୋଇଛି। ଜିଲ୍ଲାରେ ୧୮୦ ହେକ୍ଟରରେ ଝୋଟ ଚାଷ, ୧୦୦ ହେକ୍ଟରରେ କପା ଚାଷ, ୧୦ ହେକ୍ଟରରେ କଦଳୀ ଚାଷ, ୧୫୦ ହେକ୍ଟରରେ ଆମ୍ବ ଚାଷ, ୧୦ ହେକ୍ଟରରେ ଔଷଧୀୟ ହଳଦୀ ଚାଷ, ୨୦ ହେକ୍ଟରରେ ବିଭିନ୍ନ ପ୍ରକାର ଫୁଲ ଚାଷ, ୧୨୦ ହେକ୍ଟର ମସଲାଯୁକ୍ତ ଗୁମ ଚାଷ, ୫୬୦ହେକ୍ଟରରେ ଆଳୁ ଚାଷ, ୫୦ ହେକ୍ଟରରେ ରସୁଣ ଚାଷ, ୧୬୯ ହେକ୍ଟରରେ ଅଦା ଚାଷ ହୋଇଥାଏ। ଏନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆମ ସରକାର ସବୁ ଦାବିକୁ ନଜରରେ ରଖିଛି। ଲୋକଙ୍କ ଦାବିକୁ ଗୁରୁତ୍ୱ ଦିଆଯାଉ ସରକାର ଏ ନେଇ ବିଚାର କରିବେ ବୋଲି କହିଛନ୍ତି।

**ମଞ୍ଜୁରି ଦେଇଥିଲେ ପୂର୍ବ ସରକାର**

## ଜୁନ୍ ୧୦ରୁ ମାଗଣା ନୃତ୍ୟ ଶିବିର

**ବାରିପଦା, ୭ା୬(ସମିସ):** ବାରିପଦା ଦାରୋଗାଡାହି ସ୍ଥିତ ତୁଳସୀ ମଣ୍ଡପରେ ମୟୂର କଳାଭୂମି ଆନୁକୂଲ୍ୟରେ ଆସନ୍ତା ଜୁନ ୧୦ରୁ ୧୨ତାରିଖ ପର୍ଯ୍ୟନ୍ତ ମାଗଣା ନୃତ୍ୟ ଶିବିର ଅନୁଷ୍ଠିତ ହେବ। ଏ ନେଇ ମୟୂର କଳାଭୂମି ପକ୍ଷରୁ ପ୍ରେସ ବିବୃତି ଜରିଆରେ ସୂଚନା ଦିଆଯାଇଛି। ଶିବିରରେ ନୃତ୍ୟ ପ୍ରଶିକ୍ଷକ ଭାବରେ ଜାମସେଦପୁରର ବିଶିଷ୍ଟ ନୃତ୍ୟ କରିଓଗ୍ରାଫର ଏସକେ ସାହିଲ ଯୋଗଦେଇ ଶିବିରାର୍ଥୀଙ୍କୁ ନୃତ୍ୟ ପ୍ରଶିକ୍ଷଣ ଦେବେ। ଅଂଶ ଗ୍ରହଣ କରିବା ପାଇଁ ୯୭୭୬୮୯୯୫୪୨ ଏବଂ ୮୮୪୭୮୪୮୨୩୬ ନମ୍ବରରେ ପଞ୍ଜିକରଣ କରିବାକୁ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ବାରିପଦାରେ ପବିତ୍ର ଇଦ୍ ପର୍ବ ପାଳିତ



**ବାରିପଦା, ୭ା୬(ସମିସ):** ମୁସଲିମ ସମ୍ପ୍ରଦାୟର ପବିତ୍ର ଇଦ୍ ଉଲ ଆଧା ତଥା ବକ୍ରିଦ ପର୍ବ ବାରିପଦା ସହରରେ ପାଳିତ ହୋଇଯାଇଛି। ସହରର ବିଭିନ୍ନ ମସଜିଦରେ ମୁସଲିମ ସମ୍ପ୍ରଦାୟର ଲୋକେ ସମୂହ ନମାଜ୍ ପାଠ କରିଥିଲେ। ଏହାପରେ ପରସ୍ପରକୁ ପର୍ବର ଶୁଭେଚ୍ଛା ଜଣାଇଥିଲେ। ମୁସଲିମ ଧର୍ମାଲମ୍ବୀଙ୍କ ପାଇଁ ସ୍ୱତନ୍ତ୍ର ବଳିଦାନର ଦିବସ ଉକ୍ତ ପର୍ବ। ତ୍ୟାଗ ଓ ସମର୍ପଣର ପର୍ବ ପବିତ୍ର ପର୍ବ ଉପଲକ୍ଷେ ଶାନ୍ତିମୟ, ସମୃଦ୍ଧ ସମାଜ ପାଇଁ ସମସ୍ତେ ଆଗେଇ ଆସିବାକୁ ନିଜ ମଧ୍ୟରେ ଆହ୍ୱାନ ଦେଇଥିଲେ। ସେହିପରି ଟ୍ରାଫିକ ମାର୍କେଟ, ରଘୁନାଥପୁର, ଶୁନଗଡ଼ିଆ, ପ୍ୟାରେଡ଼ ପଡ଼ିଆ, ଲାଲ ବଜାର ଆଦି ବାରିପଦା ସହରର ମସଜିଦରେ ଶ୍ରଦ୍ଧାଳୁମାନେ ନୂଆ ବସ୍ତ୍ର ପରିଧାନ କରି ଏହି ପର୍ବ ପାଳନ କରିଛନ୍ତି। ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକମାନେ ଇଦ ଉଲ ଆଧା ପର୍ବରେ ସାମିଲ ହୋଇ ଶୁଭେଚ୍ଛା ଜଣାଇ ଶାନ୍ତି ଶୃଙ୍ଖଳାର ସମେତ ପାଳନ କରିଛନ୍ତି।

## ‘ଗଜ ଉଦ୍ଧାର ବେଶ ଦର୍ଶନ ସନ୍ଧ୍ୟାରେ ହେଉ’

**ବାରିପଦା, ୭ା୬(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଦେବସ୍ନାନ ପୂର୍ଣ୍ଣିମା ଦିବସରେ ଗଜ ଉଦ୍ଧାର ବେଶ ଦର୍ଶନ ବିଳମ୍ବିତ ରାତି ପରିବର୍ତ୍ତେ ସନ୍ଧ୍ୟାରେ କରିବାକୁ ଦାବି ହୋଇଛି। ଏ ନେଇ ବାରିପଦା ସହରବାସୀ ଉପଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡ଼ାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିବର୍ଷ ଦେବ ସ୍ନାନ ପୂର୍ଣ୍ଣିମାରେ ଶ୍ରୀ ଜୀଉଙ୍କ ଗଜ ଉଦ୍ଧାର ବେଶ ଅନୁଷ୍ଠିତ ହୋଇଥାଏ। ମାତ୍ର ଉକ୍ତ ଦିବ୍ୟ ବେଶ ସନ୍ଧ୍ୟାରେ ଅନୁଷ୍ଠିତ ନହୋଇ ବିଳମ୍ବିତ ରାତିରେ ହେଉଥିବାରୁ ବହୁ ଭକ୍ତ ଏହି ଦିବ୍ୟ ଦୁର୍ଲଭ ବେଶର ଦର୍ଶନରୁ ବଞ୍ଚିତ ହେଉଛନ୍ତି। ବର୍ଷକରେ ଗୋଟିଏ ଦିନ ଉକ୍ତ ବେଶ ହେଉଥିବା ବେଳେ ତାହା ମଧ୍ୟ ଭକ୍ତଙ୍କ ଦର୍ଶନ ସୌଭାଗ୍ୟ ମିଳୁନାହିଁ। ତେଣୁକରି ଭକ୍ତଙ୍କ ପାଇଁ ସନ୍ଧ୍ୟା ଆଳତୀ ନୀତିକାନ୍ତି ସମାପନ ପରେ ଗଜ ଉଦ୍ଧାର ବେଶ ଦର୍ଶନର ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି। ଫଳରେ ଅଧିକରୁ ଅଧିକ ଭକ୍ତ ତଥା ଜନସାଧାରଣ ଏହି ଦେବ ଦୁର୍ଲ୍ଲଭ ବେଶର ଦର୍ଶନର ସୁଯୋଗ ପାଇବେ। ଦାବିପତ୍ର ପ୍ରଦାନ ସମୟରେ ଦେବବ୍ରତ ଦେ, ରାକେଶ ବେହେରା, ମନିଷ କୁମାର ତ୍ରିପାଠୀ, କୌଶିକ ଶିଖର, ପଙ୍କଜିନି ଶିଖର, ରିତେଶ ଗିରି, ଶୁଭମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ କର୍ମଶାଳା



**ବାରିପଦା, ୭ା୬(ସମିସ):** ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ସଫଳତାକୁ ନେଇ ଉକ୍ତ କର୍ମଶାଳାର ଆୟୋଜନ କରାଯାଇଥିଲା। ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ନବଚରଣ ମାଝୀ, ରାଜ୍ୟ ପର୍ଯ୍ୟବେକ୍ଷକ ଅଂଶୁମାନ ସବୁଜ ବର୍ମା, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପ୍ରବକ୍ତା କବିବିଷ୍ଣୁ ଶତପଥୀ ଓ ସୁଜାତା ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ଉପ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗୋଟିଏ ଦେଶ ଗୋଟିଏ ନିର୍ବାଚନ ପ୍ରସ୍ତାବକୁ ସମର୍ଥନ ଜଣାଇ ବାରିପଦା ସହରର ସଚେତନ ନାଗରିକଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଦେଶରେ ଉକ୍ତ ନିୟମକୁ ପାରିତ କରିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାସହିତ ୱାକଫ ବିଲ ପାରିତକୁ ନେଇ ଲୋକଙ୍କ ମଧ୍ୟରେ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ୱାକଫ ସୁଧାର ଜନ ଜାଗରଣ କର୍ମଶାଳା ଆୟୋଜନ କରିବା ନେଇ ମଧ୍ୟ ନିଷ୍ପତ୍ତି ନିଆଯାଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ବାରିପଦା, ୭ା୬(ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଚଢଉ କରାଯାଇ ଏକ ଟ୍ରାକ୍ଟର ଜବତ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ବାରିପଦା ଟାଉନ ଥାନାରେ ଟ୍ରାକ୍ଟର ଚାଳକ ଓ ମାଲିକଙ୍କ ନାମରେ ଅଭିଯୋଗ କରାଯାଇଛି। ଖଣି ବିଭାଗ ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ନୁରୁଡ଼ିହି ଅଞ୍ଚଳରେ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବାରେ ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଗୁଆଲି ଯାତ୍ରା ଶେଷ



**ବାରିପଦା, ୭ା୬(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ବିଜେଙ୍କ ମନ୍ଦିରରେ ରକ୍ମଣୀ ବିବାହ ସମ୍ପନ୍ନ ହେବା ପରେ ଶନିବାର ଗୁଆଲି ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ରୀତିନୀତି ଅନୁଯାୟୀ ଦେବ ଦମ୍ପତି ସହର ପରିକ୍ରମା କରିଥିଲେ। ଶ୍ରୀ ଶ୍ରୀ ହରିବଳ ଦେବ ଜୀଉ ମନ୍ଦିର ସମେତ ସାନ ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁଯାୟୀ ମଧ୍ୟ ଶୁକ୍ରବାର ରକ୍ମଣୀ ବିବାହ ହୋଇଛି। ପ୍ରତିବର୍ଷ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରୁକ୍ମିଣୀ ବିବାହ ନୀତି ଅନୁଷ୍ଠିତ ହୋଇଥାଏ। ଏହି ନୀତି ଅବସରରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଦଶମୀ ତିଥିରେ ରୁକ୍ମିଣୀଙ୍କୁ ହରଣ କରି ଏକାଦଶୀରେ ବିବାହ କରିଥାନ୍ତି ଏବଂ ଦ୍ୱାଦଶୀ ତିଥିରେ ନବଦମ୍ପତି ମଦନ ମୋହନ ଓ ରୁକ୍ମିଣୀ ନଗର ଭ୍ରମଣରେ କରିଥାନ୍ତି। ଶନିବାର ସନ୍ଧ୍ୟାରେ ଗୁଆଲି ଯାତ୍ରାକୁ ନେଇ ଚଳନ୍ତି ପ୍ରତିମା ମଦନ ମୋହନ ଦଶମୀ ତିଥିରେ ରୁକ୍ମିଣୀକୁ ସହର ପରିକ୍ରମା କରିଥିଲେ। ସହରର ବିଭିନ୍ନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଯାତ୍ରାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ୍; ଲାଲ୍‌ବଜାର ୱାରିୟର୍ସ ବିଜୟୀ



**ବାରିପଦା, ୭ା୬(ସମିସ):** ବାରିପଦା ମଧୁବନ ମିନି ଷ୍ଟାଡିୟମରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିନର ମ୍ୟାଚରେ ଲାଲବଜାର ୱାରିୟର୍ସ ଦଳ ୩ ଉଇକେଟରେ ପରି ଚାଲେଞ୍ଜର୍ସ ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ପରି ଚାଲେଞ୍ଜର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରୀତମ ବେହେରା ୫୯ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ଓ ମନୁ ରାମ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଲାଲବଜାର ୱରିୟର୍ସ ୧୮. ୧ ଓଭରରେ ୭ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ଅଧିନାୟକ ମନୁ ରାମ ୫୭ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ପ୍ରୀତମ ପଣ୍ଡା, ମେରି ଲୋକନାଥ ଓ ୟାସିନ ଆଲାମ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ରୂପକ ମହାନ୍ତି ଏବଂ ସୁଶାନ୍ତ ଦାସ ତଥା ଟୁର୍ଣ୍ଣାମେଣ୍ଟର କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନିଚୁଆପଦା ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ମୋରଡା, ୭ା୬(ସମିସ):** ନିଚୁଆପଦା ଛଉ ପଡ଼ିଆରେ ତିନି ଦିନ ଧରି ଚାଲିଥିବା ନିଚୁଆପଦା ପ୍ରିମିୟର ଲିଗ ଶନିବାର ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଲକ୍ଷ୍ମୀ ନାରାୟଣ ଏଣ୍ଟରପ୍ରାଇଜେସ-୧୧ ଏବଂ ମାତ୍ର ୫ ଓଭର ୩ଟି ବଲରେ ଉକ୍ତ ମ୍ୟାଚକୁ ଜିତି ଚମ୍ପିଆନ ହୋଇଛି। ଫାଇନାଲ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପିଣ୍ଟୁ ଭୋଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କେତୁ ସି ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଫାଇନାଲ



ରକି-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରକି-୧୧ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ୭୬ ରନ କରିଥିବା ବେଳେ ଦ୍ୱିତୀୟ ବ୍ୟାଟିଂ କରି ଲକ୍ଷ୍ମୀନାରାୟଣ ଏଣ୍ଟରପ୍ରାଇଜେସ-୧୧ ମ୍ୟାଚକୁ ଅମ୍ପାୟର ଅମିତ ବେହେରା ଏବଂ ଭୋଳାନାଥ ମହାନ୍ତ ପରିଚାଳନା କରିଥିଲେ। ଚମ୍ପିଆନ ଦଳକୁ ୧୪ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

## ଅବକାରୀ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ବାରିପଦା, ୭ା୬(ସମିସ):** ଜିଲ୍ଲା ଅବକାରୀ ବିଭାଗ ତରଫରୁ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ନିଶା ନୁହେଁ, ଜୀବନ ଉପରେ ଆଧାରିତ ଏକ ସଚେତନତା ରଥ ପରିକ୍ରମା କରୁଛି। ଏଥିସହିତ ବାରିପଦା ସଦର ଅବକାରୀ ବିଭାଗ ପକ୍ଷରୁ ଜନସ୍ୱାସ୍ଥ୍ୟ ପ୍ରଦାନ କରାଯାଇଛି। ଉକ୍ତ ସଚେତନତା ଅଭିଯାନରେ ବାରିପଦା ଜିଲ୍ଲା ଅବକାରି ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସ୍ୱାସ୍ଥ୍ୟ ଟିମ୍ ସହ ସିନ୍ଦୂରଗୌରାରେ ଏକ ଶିବିର ଆୟୋଜନ କରିଥିଲେ। ସରପଞ୍ଚ ଆକାଶ ସିଂ ଏଥିରେ ସହଯୋଗ କରିଥିଲେ। ଜିଲ୍ଲା ଅବକାରୀ ଉପଅଧୀକ୍ଷକ ତପସ୍ୱିନୀ ନାୟକଙ୍କ ନେତୃତ୍ୱରେ ସଦର ଅବକାରୀ



ଯାଞ୍ଚ ନେଇ ଶିବିର ଅନୁଷ୍ଠିତ ହୋଇଛି। ସିନ୍ଦୁରଗୌରା ଗ୍ରାମ ପଞ୍ଚାୟତରେ ସ୍ୱାସ୍ଥ୍ୟ ସେବା ଶିବିରରେ ସ୍ୱାସ୍ଥ୍ୟ ଯାଞ୍ଚ କରି ସଚେତନ କରାଯାଇଥିଲା। ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ସେବନ ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ନେଇ ସଚେତନ କରାଯାଇ ଔଷଧ ନୀରିକ୍ଷକ ସ୍ୱପ୍ନାରାଣୀ ସାହୁ, ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବ୍ରଜମୋହନ ମଲ୍ଲିକ, ଏଏସଆଇ ପ୍ରହ୍ଲାଦ ବିଶାଳ, କନେଷ୍ଟବଲ ରଜନୀକାନ୍ତ ବେହେରା, ଦେବରାଜ ସାହୁ, ଦିବାଶୁ ପଣ୍ଡା, ସବିତା ମହାନ୍ତି, ହେମନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଟେଲିଗ୍ରାମ ଜରିଆରେ ୪୦ ହଜାର ଅନଲାଇନ ଠକେଇ


**ବାରିପଦା, ୭ା୭(ସମିସ):** ମୋବାଇଲର ଟେଲିଗ୍ରାମ ଆପ୍ଲିକେସନ ଜରିଆରେ ୪୦ ହଜାର ଟଙ୍କା ଅନଲାଇନ ଠକେଇ ହୋଇଥିବା ଚିପଟ ଅସ୍ତିଆ ଅଞ୍ଚଳର ବନଶ୍ରୀ ନାୟକ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଟେଲିଗ୍ରାମରେ ଏକ ଟାସ୍କ କରିବାକୁ ମେସେଜ ଆସିଥିଲା। ଟାସ୍କରେ ଭୁଲବଶତଃ ଯୋଗୁଁ ୟୁପିଆଇ ଜରିଆରେ ୩ଟି ପର୍ଯ୍ୟାୟରେ ୪୦ ହଜାର ଟଙ୍କା କଟି ଯାଇଥିଲା। ତେବେ ଟାସ୍କ ସରିଲେ ଉକ୍ତ ଟଙ୍କା ଫେରସ୍ତ ମିଳିବ ବୋଲି କହିଥିଲେ। କିନ୍ତୁ ପରେ କୋଣସି ଯୋଗାଯୋଗ ସମ୍ଭବ ହୋଇନଥିଲା। ଯାହାକୁ ନେଇ ଅନଲାଇନ ଠକେଇ ଶିକାର ବାବଦରେ ଥାନାରେ ଅଭିଯୋଗ କରିଛନ୍ତି।

# ଜିଲ୍ଲାପାଳଙ୍କୁ ଲାକୋ ବଦ୍ରାଙ୍କ ଫଟୋ ଗ୍ୟାଲେରୀ ପ୍ରଦାନ

**ବାରିପଦା, ୭ା୬(ସମିସ)**



ମୟୂରଭଞ୍ଜ ଜିଲ୍ଲାପାଳ ହେମାକାନ୍ତ ସଏଙ୍କୁ ହୋ' ସମାଜ ତରଫରୁ ପଣ୍ଡିତ ଲାକୋ ବଦ୍ରାଙ୍କ ଏକ ଫଟୋ ଗ୍ୟାଲେରୀ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି। ପଣ୍ଡିତ ଲାକୋ ବଦ୍ରା ହୋ' ଭାଷାର ଲିପି ୱାରାଙ୍ଗିତି ଲିପିର ଆବିଷ୍କାରକ। ୩୨ଟି ଅକ୍ଷରକୁ ନେଇ ୱାରାଙ୍ଗିତି ଲିପି ସଂଗଠିତ ହୋଇଛି। ହୋ' ଭାଷା ଓ ଲିପିର ଉନ୍ନତି କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ପଣ୍ଡିତ ଲାକୋ ବଦ୍ରା ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲ୍ଲାର ଖୁଟପାନି ବ୍ଲକ ଅନ୍ତର୍ଗତ ପଶେୟା ଗ୍ରାମରେ ୧୯୧୯ ମସିହା ସେପ୍ଟେମ୍ବର ୧୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ୧୯୮୬ ମସିହା ଜୁନ ୨୯ ତାରିଖରେ ଇହଧାମ ତ୍ୟାଗ କରିଥିଲେ। ଓଡ଼ିଶାରେ ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହୋ' ଭାଷାଭାଷୀ ଲୋକେ ବସବାସ କରୁଥିବା ଝାଡଖଣ୍ଡ, ବିହାର, ଆସାମ, ମଧ୍ୟପ୍ରଦେଶରେ ୫୦ ଲକ୍ଷରୁ ଅଧିକ ହୋ' ଭାଷାଭାଷୀ ଲୋକେ ବାସ କରୁଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଭାରତୀୟ ହୋ' ସମ୍ପ୍ରଦାୟର ଆଦିବାସୀ ହୋ' ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ଦାବିରେ ପ୍ରତ୍ୟେକ ବର୍ଷ ନୂଆଦିଲ୍ଲୀସ୍ଥିତ ଯନ୍ତରମନ୍ତରରେ ଗଣବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଓଡ଼ିଶାରେ ହୋ' ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ଦାବି ହେଉଥିବା ସତ୍ତ୍ୱେ ସରକାର ପୂରଣ କରିବା ପାଇଁ ଆନ୍ତରିକତା ଦେଖାଉ ନାହାଁନ୍ତି। ଝାଡ଼ଖଣ୍ଡ ସରକାର ତାଙ୍କ ରାଜ୍ୟରେ ହୋ'କୁ ଦ୍ୱିତୀୟ ରାଜଭାଷା ମାନ୍ୟତା ପ୍ରଦାନ କରିବା ସହିତ ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ସ୍ନାତକ ଡିଗ୍ରୀ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ୱାରାଙ୍ଗିତି ଲିପିରେ ଶିକ୍ଷାଦାନ ପାଇଁ ସୁଯୋଗ ପ୍ରତିଷ୍ଠା କରିଛନ୍ତି। ଜିଲ୍ଲାପାଳଙ୍କୁ ଲାକୋ ବଦ୍ରାଙ୍କ ଫଟୋ ବନ୍ଧାଇ ପ୍ରଦାନ କରାଯିବା ସହିତ ହୋ'କୁ ଅଷ୍ଟମ ସୂଚୀରେ ସ୍ଥାନିତ କରିବା ତଥା ଓଡ଼ିଶାରେ ଦ୍ୱିତୀୟ ରାଜଭାଷା ମାନ୍ୟତା ପ୍ରଦାନ ଦାବିରେ ରାଷ୍ଟ୍ରପତି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ହୋ' ସମାଜ ଲାଇଭ ନିଉଜ ଚ୍ୟାନେଲର ପ୍ରତିଷ୍ଠାତା ବିଙ୍ଗ ବିକ୍ରମ ବିରୁଲି, ତାଙ୍କ ଧର୍ମ ପତ୍ନୀ ଗୁରୁବାରୀ ବିରୁଲୀ, ଜାମାଦାର ବାଲମୁଚୁ, ହୋ' ସମାଜସେବୀ ଗାମାଏ ରୀମିଲ ଗୋଇପାଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲପାଳ ଆଦରର ସହକାରେ ଏହି ମହାପୁରୁଷଙ୍କ ଫଟୋ ଗ୍ୟାଲେରୀ ଉପହାର ଗ୍ରହଣ କରିବା ସହିତ ହୋ' ଭାଷାର ଉନ୍ନତି କ୍ଷେତ୍ରରେ ତାଙ୍କର ସମସ୍ତ ସହଯୋଗ ପ୍ରଦାନ କରିବେ ମତବ୍ୟକ୍ତ କରିଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଶଙ୍କର୍ଷଣ ତ୍ରିପାଠୀ
ଆବିର୍ଭାବ: ୧୬.୧୦.୧୯୪୧
ତିରୋଧାନ: ୨୬.୦୫.୨୦୨୫
କୋଡପଦା, ଆନନ୍ଦପୁର, କେନ୍ଦୁଝର
ଆଜି ତୁମ ଏକାଦଶାହ ତିଥିରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ:
ତୁମର କୋଡପଦା ତ୍ରିପାଠୀ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ

### ଅବ୍ୟବସ୍ଥାରେ ସରଧା ପ୍ରାଥମିକ ବିଦ୍ୟାଳୟ

# କାଳବୈଶାଖୀ ତାଣ୍ଡବରେ ଉଡ଼ିଛି ଛପର; ମରାମତି କେବେ



କରଞ୍ଜିଆ, ୭।୬(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଦଦେଉଳି ଗ୍ରାମ ପଞ୍ଚାୟତ ସରଧା ଗ୍ରାମରେ ୧୯୫୨ରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଛି। ସେତେବେଳେ ଏହି ସ୍କୁଲରେ ସରଧା, ଅଙ୍କୁରା ଏବଂ ସାନଦେଉଳି ଗ୍ରାମର ପିଲା ପାଠ ପଢୁଥିଲେ। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ନିମନ୍ତେ ବ୍ୟବସ୍ଥା ରହିଛି; କିନ୍ତୁ ସମୟ ବଦଳୁଥିଲେ ମଧ୍ୟ ସ୍କୁଲର ଭାଗ୍ୟ ବଦଳୁନାହିଁ। ଏହି ବିଦ୍ୟାଳୟ କରଞ୍ଜିଆ ସହରରୁ ମାତ୍ର ୩ କିମି ଦୂରରେ ଥିଲେ ମଧ୍ୟ ବିଭାଗର ଦୃଷ୍ଟି ପଡୁନାହିଁ। ବ୍ଲକର ସବୁ ବିଦ୍ୟାଳୟକୁ ଛାତ କରାଯାଇଥିବାବେଳେ ଏହି ସ୍କୁଲଟି ଟିଣଛପର ରହିଛି। ଏ ଯାଏ ବିଦ୍ୟାଳୟକୁ ରାସ୍ତାର ମଧ୍ୟ ସୁବିଧା ନାହିଁ। ମରାମତି ପାଇଁ ୪ ଲକ୍ଷ ଟଙ୍କା ଆସିଥିଲା; ହେଲେ ଖାଲି ରଙ୍ଗ ଦିଆଯାଇ ସବୁ ଟଙ୍କା ଖର୍ଚ୍ଚ ହୋଇଛି। କିଛିଦିନ ତଳେ କାଳବୈଶାଖୀର ତାଣ୍ଡବ ଯୋଗୁଁ ସ୍କୁଲର ଛପର ସମ୍ପୂର୍ଣ୍ଣ ଉଡିଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ମରାମତି ହୋଇପାରିନାହିଁ। ଛୁଟି ପରେ ସ୍କୁଲ ଖୋଲିବ; କିନ୍ତୁ ଖୋଲାମେଲାରେ ପିଲା କିପରି ପଢ଼ିବେ ସେ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଲାଣି। ବର୍ଷା ହେଲେ ସ୍କୁଲ ଗୃହରେ ପାଣି ଭର୍ତ୍ତି ହୋଇଯିବ। ଗେଟ ନିକଟରେ ବର୍ଷତମାମ ପାଣିଜମି ରହୁଛି। ଫଳରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମିବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ଦେଖି ଦୁଇଜଣ ବିଜେପି ନେତା ସ୍ଥିତି ପରଖିବାକୁ ଯାଇ ନିମ୍ନମାନର କାମ ଦେଖି କ୍ଷୋଭ ପ୍ରକାଶ କରିଥିଲେ ଏବଂ ଅଳ୍ପ ଦିନରେ କାମ ହେବ ବୋଲି ପ୍ରତିଶ୍ରୁତି ଦେଲେ; କିନ୍ତୁ ଆଜିଯାଏ ଏହି ସ୍କୁଲକୁ ସାବତ ପୁଅ ଭଳି ବ୍ୟବହାର କରାଯାଉଛି। ଏ ନେଇ ବିଡିଓ ପ୍ରଦ୍ୟୁମ୍ନ କୁମାର ନାଏକଙ୍କୁ ପଚାରିବାରୁ ବିଦ୍ୟାଳୟ କାମ ଖୁବ୍ ଶୀଘ୍ର ହେବ; ହେଲେ ପୂର୍ବ କାମ ମୋ ସମୟରେ ହୋଇ ନ ଥିବାରୁ ତାହା ମୁଁ ଜାଣିନି। ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ● ବିନା ହାଣ୍ଡିଆରେ ଶୁଦ୍ଧିକ୍ରିୟା କରିଥିବାରୁ ହତ୍ୟା ଧମକ

# ନ୍ୟାୟ ଦାବିରେ ଏସ୍‌ପିଙ୍କୁ ଭେଟିଲେ ପରିବାର




ବାରିପଦା/ଶରତ, ୭।୬(ସମିସ): ପିତାଙ୍କ ଶୁଦ୍ଧକ୍ରିୟାରେ ହାଣ୍ଡିଆ ବ୍ୟବହାର ନ କରି କାର୍ଯ୍ୟ ଶେଷ କରିଥିବାରୁ ଜଣେ ସାନ୍ତାଳୀ ବ୍ୟକ୍ତିଙ୍କୁ ହତ୍ୟା ଧମକ ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଥାଉ କି, ସଂଗ୍ରାମ ସୋରେନ ଆଦିବାସୀ ସେଙ୍ଗେଲ ଅଭିଯାନ ସଙ୍ଗଠନରେ କର୍ମୀ ଭାବେ କାର୍ଯ୍ୟ କରନ୍ତି। ସଂଗଠନର ନୀତି ଆଦର୍ଶ ଅନୁଯାୟୀ ତାଙ୍କ ଶୁଦ୍ଧି କାମ ବିନା ହାଣ୍ଡିଆ ଓ ରଶି ଦ୍ୱାରା ସମ୍ପାଦନା କରାଯାଏ। ମାର୍ଚ୍ଚ ୧୩ ତାରିଖରେ ତାଙ୍କ ପିତା ରାମ ସୋରେନଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ଶୁଦ୍ଧିକ୍ରିୟା ସମୟରେ ହାଣ୍ଡିଆ ବ୍ୟବହାର କରି ନ ଥିବାରୁ ସାନ୍ତାଳୀ ସମ୍ପ୍ରଦାୟର ଅନ୍ୟ ଏକ ସଂଗଠନ ମାଝୀ ପାର୍ଗାଣା ମହଲର କର୍ମକର୍ତ୍ତାମାନେ ଶ୍ରୀ ସୋରେନ ଏବଂ ତାଙ୍କର ପରିବାରବର୍ଗଙ୍କୁ ହତ୍ୟା ଧମକ ଦେଇଛନ୍ତି। ଘଟଣା ସମ୍ପର୍କରେ ଶ୍ରୀ ସୋରେଙ୍କ ପରିବାର ଶରତ ଥାନାରେ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ ପୁଲିସ ଘଟଣାର ସମାଧାନ କରି ନ ଥିବାରୁ ସେ ଏବଂ ତାଙ୍କ ପରିବାର ଶୁକ୍ରବାର ଏସ୍‌ପିଙ୍କୁ ଭେଟି ନ୍ୟାୟଭିକ୍ଷା କରିଛନ୍ତି। କିଛି କିଛି ଦିନ ପୂର୍ବରୁ ମାଝୀ ପାର୍ଗାଣା ମହଲର ଜଣେ ବରିଷ୍ଠ ସଦସ୍ୟ ଶ୍ରୀ ସୋରେନଙ୍କ ସ୍ତ୍ରୀ ଲାଛ ସୋରେନଙ୍କୁ ମଧ୍ୟ ନଳକୂପରୁ ପାଣି ଆଣିବା ପାଇଁ ଯାଇଥିବାବେଳେ ଆକ୍ରମଣ କରିବାକୁ ମଧ୍ୟ ଅନୁସରଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୁଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

## ଲଳିତ ମହାନ୍ତଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



ରାଇରଙ୍ଗପୁର, ୭।୬(ସମିସ): ବିଶିଷ୍ଟ ପରିବେଶବିତ୍ ଲଳିତ ମହାନ୍ତଙ୍କୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଉତ୍ସବରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ପ୍ରକାଶ ଚନ୍ଦ୍ର ଗୋଗିନାନୀ, ବାରିପଦା ବନଖଣ୍ଡ ଅଧିକାରୀ ଉମା ମହେଶ, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାଦ ରଥ, ଜିଲ୍ଲା ପରିବେଶ ସମିତି ଉପସଭାପତି ବିଜୟ କୁମାର ଅଗ୍ରୱାଲ, ଅବକାରୀ ଅଧୀକ୍ଷକ ପ୍ରହ୍ଲାଦ କହଁର, ପରିବେଶ ସମିତି ଯୁଗ୍ମସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେ ଚଳିତବର୍ଷ ରାଇରଙ୍ଗପୁର ବନଖଣ୍ଡରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ବନ୍ୟଜନ୍ତୁ ସହ ସହାବସ୍ଥାନ ଓ ପରିବେଶ ସନ୍ତୁଳତା ପାଇଁ ସଚେତନତା ସୃଷ୍ଟି ନିମନ୍ତେ 'ଦେବତା ଆଖିରେ ଲୁହ' ନାମକ ଏକ ପଥପ୍ରାନ୍ତ ନାଟକରେ ନିର୍ଦ୍ଦେଶନା ଦେଇଥିଲେ। ଫଳରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ଲୋକଙ୍କୁ ପ୍ରଭାବିତ କରିପାରିଥିଲା।

## ଭବାନୀ ଗିରିଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ରାଇରଙ୍ଗପୁର, ୭।୬(ସମିସ): ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବିଜାତଳା ବ୍ଲକ ଜୁଡିଆ ସରକାରୀ ଉପ୍ରା ସ୍କୁଲର ସହକାରୀ ଶିକ୍ଷକ ଭବାନୀ ଶଙ୍କର ଗିରିଙ୍କୁ ପ୍ରକୃତି



ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କୁ ମାନପତ୍ର ସହ ୧୦ ହଜାର ଟଙ୍କାର ଏକ ଚେକ ମିଳିଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଆରସିସିଏଫ ପ୍ରକାଶ ଚାନ୍ଦ ଗୁଗନାନି, ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁର, ବାରିପଦା ଡ଼ିଏଫଓ ଉମା ମହେଶ, ରାଇରଙ୍ଗପୁର ଡିଏଫଓ ଶିବ ପ୍ରସାଦ ରଥ ସମେତ ବନ ସମିତି ଉପାଧ୍ୟକ୍ଷ ଡଃ ବିଜୟ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ ଯୋଗ ଦେଇଥିଲେ ଥିଲେ। ସେ ଦୀର୍ଘବର୍ଷ ହେଲା ବୃକ୍ଷ ରୋପଣ, ବନାଗ୍ନି ନିୟନ୍ତ୍ରଣ, ସଚେତନତା ସଭା, ଜୀବଜନ୍ତୁ ସୁରକ୍ଷା, ସଚେତନତା ଧର୍ମୀ ଗଳ୍ପ କବିତା ଲିଖନ ଦିଗରେ କାର୍ଯ୍ୟ କରିଆସୁଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

## ଶୁକ୍ଳି ସ୍ନାତକ ମହାବିଦ୍ୟାଳୟକୁ ପ୍ରକୃତି ମିତ୍ର ସମ୍ମାନ



ଶୁକ୍ଳି, ୭।୬(ସମିସ): ବିଶ୍ୱ ପରିବେଶ ଦିବସରେ ଶୁକ୍ଳି ସ୍ନାତକ ମହାବିଦ୍ୟାଳୟକୁ ପ୍ରକୃତି ମିତ୍ର ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟ ସ୍ତରୀୟ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଓ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ମଲ୍ଲିକ ଏହି ସମ୍ମାନ ଗ୍ରହଣ କରିଥିଲେ।

## କ୍ୟାମେରା ସଂଯୋଗ କାଟି ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଚୋରି

ବୈଶିଙ୍ଗା, ୭।୬(ସମିସ): ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଛକ ନିକଟରେ ଥିବା ଏକ ସରକାରୀ ବିଦେଶୀ ମଦ ଦୋକାନରୁ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆର କାଉଣ୍ଟର ମାଲିକ ସର୍ବେଶ୍ୱର ଦାସ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଶୁକ୍ରବାର ରାତିରେ ଡ୍ୟୁଟି ସାରି ମ୍ୟାନେଜର ଓ କର୍ମଚାରୀମାନେ କାଉଣ୍ଟର ବନ୍ଦ କରି ତାଲା ପକାଇ ଘରକୁ ଯାଇଥିଲେ; ହେଲେ ଶନିବାର ସକାଳେ କାଉଣ୍ଟର ସମ୍ମୁଖ ଲୁହା ଗ୍ରିଲ୍ ଓ ସଟର କଟାଯାଇଥିବା ଦେଖି ଲୋକେ ମାଲିକଙ୍କୁ ଖବର ଦେଇଥିଲେ। ପରେ ମାଲିକ ଓ କର୍ମଚାରୀ ପହଞ୍ଚି ଚୋରି ହୋଇଥିବା ନେଇ ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ତଦନ୍ତ କରିଫେରିଛି। ଚୋରମାନେ ସିସି କ୍ୟାମେରା ସଂଯୋଗ କାଟି ଅଚଳ କରିବାପରେ ଭିଡିଓ କଏଦ ହୋଇଥିବା ହାର୍ଡଡିସ୍କ ମଧ୍ୟ ନେଇଯାଇଛନ୍ତି। ସେହିଭଳି ୬୦ ପେଟିରୁ ଊର୍ଦ୍ଧ୍ୱ ମଦ ଯାହାର ଆନୁମାନିକ ମୂଲ୍ୟ ୯ ଲକ୍ଷରୁ ଊର୍ଦ୍ଧ୍ୱ ହେବ ଚୋରି କରିନେଇଛନ୍ତି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ପିକଅପ ଭ୍ୟାନ କିମ୍ବା ଅନ୍ୟ କୌଣସି ମାଲବାହୀ ଗାଡିରେ ୬ରୁ ୮ ଜଣ ଚୋର ଏହି କାଣ୍ଡ ଭିଆଇଥିବା ଅନୁମାନ କରାଯାଉଛି। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତକୁ ବ୍ୟାପକ କରିଛି ବୈଶିଙ୍ଗା ପୁଲିସ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଉଦଳା, ୭।୬(ସମିସ): ଉଦଳା ବରିଷ୍ଠ ନାଗରିକ ସଂଘ ସଭା ମଣ୍ଡପରେ ଶୁକ୍ରବାର ନିରାମୟ ସ୍ୱାସ୍ଥ୍ୟସେବାର ଯତ୍ନ ଓ ନିରାକରଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଉଦଳା ବିଧାୟକ ଭାସ୍କର ଚନ୍ଦ୍ର



ମଢେଇ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଲକ୍ଷ୍ମୀକାନ୍ତ ପତି, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବରିଷ୍ଠ ବିଶେଷଜ୍ଞ ଡା.ଭାଗବତ ବେହେରା, ବିଜେପି ପୂର୍ବ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ ଯୋଗଦେଇ ଉଦଘାଟନ କରିଥିଲେ। ଜିଲ୍ଲା ସମାଜ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହି ନିରାମୟ ସ୍ୱାସ୍ଥ୍ୟ ସେବାର ଯତ୍ନ ଓ ନିରାକରଣ ଦୁଇ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ପ୍ରଥମେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୧୫ ୟୁନିଟ ସଂଗୃହୀତ ହୋଇଥିଲା। ସେହିଭଳି ଭାବେ ସ୍ୱାସ୍ଥ୍ୟ ସେବାର ଯତ୍ନ ନିମନ୍ତେ ଉପସ୍ଥିତ ବରିଷ୍ଠ ନାଗରିକଙ୍କ ନାମ ପଞ୍ଜିକରଣ କରାଯାଇ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ମଧୁମେହ, ହୃଦରୋଗ ପରୀକ୍ଷା ସମେତ ବିଭିନ୍ନ ପ୍ରକାର ରୋଗ ନିମନ୍ତେ ରକ୍ତ ପରୀକ୍ଷା କରାଯାଇଥିଲା। ପ୍ରାୟ ଶତାଧିକ ବରିଷ୍ଠ ନାଗରିକ ମହିଳା ପୁରୁଷ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଦ୍ୱିତୀୟ ଦିବସରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡା ଭାଗବତ ବେହେରା, ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା ମନରଞ୍ଜନ ମଲ୍ଲିକ, ଡା ଏସ.ନନ୍ଦ ରାଗୀଙ୍କୁ ଚିକିତ୍ସା କରିଥିଲେ। ସଂଘର ଉପସଭାପତି ଅବସରପ୍ରାପ୍ତ ଡା. ସଚ୍ଚିଦାନନ୍ଦ ପରିଡ଼ା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ବଙ୍ଗ ଆଳୁ କେଜି ୮ ଟଙ୍କା; ବୋହିନେଲେ ପଣସିଆବାସୀ

ବୈଶିଙ୍ଗା, ୭।୬(ସମିସ): ଶୁକ୍ରବାର ସକାଳୁ ଗାଁ ମୁଣ୍ଡ ଛକରେ ଲାଗିଲା ଏକ ଆଳୁ ଟ୍ରକ। ସଂଗେ ସଂଗେ ପ୍ରଚାର ହୋଇଗଲା ବସ୍ତା ପ୍ରତି ୪ ଶହ ଟଙ୍କା। ହେଲେ କିଲୋକୁ ମାତ୍ର ୪ଟଙ୍କା। ସଙ୍ଗେ ସଙ୍ଗେ ଖବର ବ୍ୟାପି ଗଲା। କିଛି ସମୟ ପରେ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଲାଗିଗଲା। ଏତେ ଭିଡ ହୋଇଗଲା ଯେ ରାସ୍ତା ଜାମ ହେଇଗଲା। ଏଭଳି ଏକ ଦୃଶ୍ୟ ଶୁକ୍ରବାର ସକାଳୁ ଦେଖିବାକୁ ମିଳିଥିଲା ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଉପକଣ୍ଠ ପଣସିଆ ଛକ ନିକଟରେ। ଆଜି ଭୋରୁ ପଶ୍ଚିମବଙ୍ଗରୁ ଏକ ଆଳୁ ବୋଝେଇ ଟ୍ରକ ନେଇ ଚାଳକ ଓ ବେଙ୍ଗଲର ଜଣେ ଆଳୁ ବେପାରୀ ରୁପ୍ସା ପଟେ ବାଲେଶ୍ୱର ଜିଲ୍ଲା ଅତିକ୍ରମ କରି ମୟୂରଭଞ୍ଜ ଜିଲ୍ଲାରେ ପ୍ରବେଶ କରି ବୈଶିଙ୍ଗା ପଟକୁ ଆସୁଥିଲେ। କୌଣସି କାରଣରୁ ପଣସିଆ ଛକରେ ଅଟକି ରହିଥିଲା। ସ୍ଥାନୀୟ ଲୋକଙ୍କ ସହିତ କଥା ହେଉ ହେଉ ପଚାଶ କିଲୋ ଆଳୁ ବସ୍ତାକୁ ମାତ୍ର ୪ଶହ ଟଙ୍କା ବୋଲି ବେପାରୀ ଜଣକ କହିଥିଲେ। ପରେ ଲୋକମାନେ ସଙ୍ଗେ ସଙ୍ଗେ ୨-୩ ବୁରା ଆଳୁ ବୋହିନେଇଥିଲେ। କିଛି ସମୟ ପରେ ବିଜୁଳି ବେଗରେ ଆଳୁ କିଲୋ ପ୍ରତି ୮ ଟଙ୍କା ଖବର ପ୍ରଚାର ହୋଇଗଲା। କିଏ ସାଇକଲରେ ବହି ନେଲେ ତ କିଏ ଟଲିରେ ଆଉ କିଏ ଟେମ୍ପରେ ମଧ୍ୟ ବୋହି ନେଲେ ଆଳୁ। ସନ୍ଧ୍ୟାରେ ପୁଣି ଆଉ ଏକ ଟ୍ରକ ନେଇ ଆସିବ ବୋଲି କହିଥିଲେ ସମ୍ପୃକ୍ତ ବେପାରୀ।



## ଦେୱାନବାହାଲିରେ ୱାରାଂଚିତି ପରୀକ୍ଷା




ଶରତ, ୭।୬(ସମିସ): ଠାକୁରମୁଣ୍ଡା ହୋ' ଭାଷା ଶିକ୍ଷା ପରିଷଦ ପକ୍ଷରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହୋ' ଭାଷାର ଲିପି ୱାରାଂଚିତି ନିମନ୍ତେ ତୃତୀୟ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ଆସନ୍ତା ୮ ତାରିଖରେ ଶେଷ ହେବ। ଏହି କ୍ରମରେ କପ୍ତିପଦା ବ୍ଲକ ଅନ୍ତର୍ଗତ ଦେୱାନବାହାଲି ଗ୍ରାମର ଏଟେଃ ତୁର୍ତୁଙ୍ଗ ଇତୁନ ମଣ୍ଡ ନାମକ ଶିକ୍ଷା କେନ୍ଦ୍ରରେ ମଧ୍ୟ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେଉଛି। କେନ୍ଦ୍ରରେ ୫୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସରୋଜିନୀ ଶୁଣ୍ଡି, ବନମାଳୀ ସିଂ, ସିଦ୍ଧାନ୍ତ ଶୁଣ୍ଡି ପ୍ରମୁଖ ପରୀକ୍ଷା ପରିଚାଳନା କରୁଛନ୍ତି।

## ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ମୋରଡା, ୭।୬(ସମିସ): ମୋରଡା ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଶୁକ୍ରବାର ଚିତ୍ରଡା ପୁରୁଣାପାଣିଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ଏବଂ ଆଇସିଡିଏସ ପରିଚାଳନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଚିତ୍ରଡା ପଞ୍ଚାୟତ ମା' ଭୈରବୀ ଏସଏଚଜି ପ୍ରଥମ ଏବଂ କୋହି ପଞ୍ଚାୟତର ମା' ହିଙ୍ଗୁଳା ଏସଏଚଜି ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପିଥନାଥ ସରେନ, ବିଡ଼ିଓ ଅଣାକର ନାୟକ, ତହସିଲଦାର ବିଦ୍ୟାଧର ଦଣ୍ଡପାଟ ପ୍ରମୁଖ ଯୋଗଦେଇ ଭାବେ ଉଦଘାଟନ କରିଥିଲେ। ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ, ବିପିଏମ କଳ୍ପନା ଜେନା, ଜିପିଓ ପ୍ରସନ୍ନ ମହାନ୍ତ, ବିପିସି ବିଦ୍ୟା ଭାରତୀ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ୟବସାୟୀଙ୍କ କବ୍‌ଜାରେ ମିଶନଶକ୍ତି ଗୃହ



କୁଆମରା, ୭।୬(ସମିସ): ଖୁଣ୍ଟା ବ୍ଲକ ଅନ୍ତର୍ଗତ କରକଚିଆ ନିକଟରେ ଗତ ୩ ବର୍ଷ ତଳେ ମିଶନ ଶକ୍ତି ଗୃହ ନିର୍ମାଣ ହୋଇଥିଲା। ଏହି ଗୃହରେ ସ୍ୱୟଂ ଗୋଷ୍ଠୀର ମହିଳାମାନେ ବୈଠକ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ; ମାତ୍ର ନିର୍ମାଣର ତିନି ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ଗୃହ କାମରେ ଆସୁନାହିଁ। ସମ୍ପୃକ୍ତ ଠିକାଦାର ଓ ବ୍ଲକ ପ୍ରଶାସନ ଆଜି ଯାଏ ଉକ୍ତ ଗୃହକୁ ହସ୍ତାନ୍ତର କରିନାହାନ୍ତି। ଘରର ଚତୁଃପାର୍ଶ୍ୱ ଏବେ ଘାସ ଗୁଳ୍ମରେ ପରିପୂର୍ଣ୍ଣ। ଦୂରରୁ ଦେଖିଲେ ଭୂତକୋଠି ପରି ଲାଗୁଛି। ହେଲେ ଜଣେ ବ୍ୟବସାୟୀଙ୍କ କବଜାରେ ଏହି ଗୃହ ରହିଥିବା ଅଭିଯୋଗ ହୋଇଛି। ବ୍ୟବସାୟୀ ଜଣକ ଦୀର୍ଘ ଦିନ ଧରି ଉକ୍ତ ଘରେ ସାର ଗୋଦାମ କରିଛନ୍ତି। ଏ ନେଇ ସରପଞ୍ଚ ନମିତା ଟୁଡୁଙ୍କୁ ପଚାରିବାରୁ ଗୃହଟି ଏ ପର୍ଯ୍ୟନ୍ତ କାହାରିକୁ ହସ୍ତାନ୍ତର କରାଯାଇନାହିଁ। ଘଟଣା ସମ୍ପର୍କରେ ବିଡ଼ିଓ ସତ୍ୟଜିତ ରାଉତଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

## ରେଡି ଭଲିଣ୍ଟିୟର୍ସ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ରାଇରଙ୍ଗପୁର, ୭।୬(ସମିସ): ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ୱେଚ୍ଛାସେବୀ ସଂଗଠନ ରେଡି ଭଲଣ୍ଟିଅର୍ସ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ଦିବସ ପାଳିତ ହୋଇଯାଇଛି। ସଂଗଠନର କ୍ୟାପଟେନ ବିଜୟ କୁମାର ରାମଙ୍କ ଆହ୍ୱାନକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ନବୀନ ରାମ, କୃଷ୍ଣବିହାରୀ ମହାନ୍ତି, ରକ୍ତଦାତାଗତିକୃଷ୍ଣମହାନ୍ତ, ଲାଲବାବୁସାଓପରିବେଶସୁରକ୍ଷାଉପରେ ବକ୍ତବ୍ୟ ରଖିଥିଲେ। ରୀତା ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁରବୀ ଶୂନ୍ୟ କପ୍ତିପଦା ବ୍ଲକ୍; ବଢ଼ିଲାଣି ଅରାଜକତା

କପ୍ତିପଦା, ୭।୬(ସମିସ): କପ୍ତିପଦା ବ୍ଲକ ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ସବୁଠି ଅରାଜକତା, ଖାଁ ଖାଁ ବ୍ଲକ ପରିବେଶ, ମୁରବୀ ନ ଥିବାରୁ କେହି ବି କର୍ମଚାରୀ ଠିକ ସମୟରେ ଆସୁନାହାନ୍ତି। ଫଳରେ ବ୍ଲକକୁ ବିଭିନ୍ନ କାମରେ ଆସୁଥିବା ଲୋକେ ହନ୍ତସନ୍ତ ହେଉଛନ୍ତି। ୨୬ଟି ପଞ୍ଚାୟତକୁ ନେଇ କପ୍ତିପଦା ବ୍ଲକ ଗଠିତ। ଏଠାରେ ବିଡ଼ିଓ ନ ଥିବାରୁ ଅରାଜକତା ଦେଖାଦେଇଛି। ଆୟତନ ଦୃଷ୍ଟିରୁ ଏହା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ। ନିର୍ବାଚନ ପରେ ବିଡ଼ିଓ ସିଦ୍ଧେଶ୍ୱର ନାୟକଙ୍କ ବଦଳି ହୋଇଥିଲେ ବି ଆଜିଯାଏ ପଦ ଖାଲି ପଡ଼ିଛି। ଗତ ଏପ୍ରିଲ ୧୧ ତାରିଖରେ ରଶ୍ମିତା ଟେଟେ ବିଡ଼ିଓ ଭାବେ ଯୋଗଦେଇଥିଲେ; ହେଲେ ୧୦ ସପ୍ତାହ ପାଇଁ ଗୋପବନ୍ଧୁ ଏକାଡେମୀରେ ତାଲିମ ପାଇଁ ଯୋଗଦେଲେ। ତାଙ୍କ ଦାୟିତ୍ୱରେ ରହିଲେ ତହସିଲଦାର ଆଶିଷ କୁମାର ମହାପାତ୍ର। ଶ୍ରୀ ମହାପାତ୍ର ଏବେ ତହସିଲଦାର, ସବରେଜିଷ୍ଟ୍ରର ଓ ବିଡ଼ିଓ ଦାୟିତ୍ୱରେ ରହିଛନ୍ତି। ଫଳରେ ଏହି ୩ଟି ସ୍ଥାନରେ ଠିକ୍‌ଭାବେ କାମ ହୋଇପାରୁନାହିଁ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ନିର୍ବାଚନ ପରଠାରୁ କୌଣସି କାମ ହେଉନଥିବା ବେଳେ ବ୍ଲକ ଉପରେ ନିର୍ଭର କରୁଥିବା ଲୋକେ ନିରାଶରେ ରହିଛନ୍ତି। ଦୀର୍ଘ ୨୫ ବର୍ଷ ଧରି କପ୍ତିପଦା ବ୍ଲକ ବିଜେଡି କବଜାରେ ଥିବାବେଳେ ଏବେ ବିଜେପି-ବିଜେଡି କଳି ତୁଟୁନାହିଁ ଆଗକୁ ବର୍ଷା ଦିନ ଆସୁଥିବାରୁ ପୁଣି ୬ମାସ ପର୍ଯ୍ୟନ୍ତ କାମ ହୋଇପାରିବ ନାହିଁ। ତେଣୁ ଆସନ୍ତା ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହେବା ଭଳି ଲାଗୁନାହିଁ। ବ୍ଲକ ଅଧ୍ୟକ୍ଷ ପଦବୀ ବିଜେଡି ହାତରେ ଥିବାବେଳେ ପ୍ରାୟ ୯୦ପ୍ରତିଶତ ସଭ୍ୟ, ସରପଞ୍ଚ ବିଜେଡିର। ଯଦିବା ବିଜେଡ଼ିର ଦବଦବା ଅଛି କିନ୍ତୁ ସରକାର ବିଜେପି ହୋଇଥିବାରୁ ବିଜେପି କର୍ମୀ ବ୍ଲକ କବଜା କରିବାକୁ ଚେଷ୍ଟା କରୁଛନ୍ତି। ଏଭଳି ପରିସ୍ଥିତିରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### କୁଚେଇବୁଢ଼ୀରେ ଲକ୍ଷ୍ମୀ-ନାରାୟଣ ବିବାହ ଉତ୍ସବ

# ବେଦମନ୍ତ୍ର ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ



ରାଇରଙ୍ଗପୁର, ୭।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ କୁଚେଇବୁଢୀରେ ମା' ଲକ୍ଷ୍ମୀ ମନ୍ଦିରରେ ଲକ୍ଷ୍ମୀ-ନାରାୟଣଙ୍କ ବିବାହ ଉତ୍ସବ ଆଡମ୍ବର ସହକାରେ ପାଳନ ହୋଇଛି। ଏକ ସୁସଜ୍ଜିତ ଯାନରେ ନାରାୟଣ ବର ଯାତ୍ରୀମାନଙ୍କ ସହ ଆସି ମନ୍ଦିର ନିକଟରେ ପହଞ୍ଚିଥିଲେ। ଏଥି ସହିତ କନ୍ୟାଦଳ ମଧ୍ୟ ମନ୍ଦିରରେ ପହଞ୍ଚିଥିଲେ। କନ୍ୟା ମା' ଲକ୍ଷ୍ମୀଙ୍କ ପକ୍ଷରୁ କର୍ତ୍ତା ପମୁ ସାହୁ କର୍ତ୍ତ୍ରୀ ସରସିବାଳା ସାହୁ ଏବଂ ବର ଶ୍ରୀନାରାୟଣ ପକ୍ଷରୁ କର୍ତ୍ତା ପ୍ରକାଶ ଦତ୍ତ କର୍ତ୍ତ୍ରୀ ସୁଷମା ଦତ୍ତ ପୂଜା କର୍ମକାଣ୍ଡରେ ମନ୍ଦିର ଅଗଣାରେ ଉପବେସନ କରିଥିଲେ। ମୁଖ୍ୟ ପୁରୋହିତ ଶ୍ରୀନିବାସ ପତି, ସୁଧାକର ପତି ଓ ସୁବ୍ରତ ପତିଙ୍କ ବେଦମନ୍ତ୍ର ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ଯଥାବିଧି ପୂଜାକର୍ମାଣି ସହିତ ବରକନ୍ୟାଙ୍କ ହସ୍ତଗଣ୍ଠି, ବରକନ୍ୟାଙ୍କୁ ଘରଲୋକେ ଆର୍ଶୀବାଦ ପ୍ରଦାନ, ମାଳା ଅଦଳବଦଳ, ହୋମଯଜ୍ଞ ଓ ବରକନ୍ୟାଙ୍କ ମନ୍ଦିର ଚାରିପଟେ ପରି ଭ୍ରମଣ କଲାପରେ ମା' ଲକ୍ଷ୍ମୀ ନାରାୟଣଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏହି ଭବ୍ୟ ବିବାହ ଉତ୍ସବ ଦେଖିବା ପାଇଁ ବହୁ ଭକ୍ତ ସମବେତ ହୋଇଥିଲେ। ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନଭୋଗ ବଣ୍ଟନ କରାଯାଇଥିଲା। ଅଲେଖ ସାହୁ, ରବି ମହାନ୍ତି, ବାବୁଲୁ ମହାନ୍ତ, ଦିପୁ ଦତ୍ତ, ବିମଳ ମହାକୁଡ, ଟୁଟୁ ସାହୁ, ସାଗର ମହାନ୍ତି, ଗିରିଜା ମହାନ୍ତ, ବିକୁ ରଜକ, ଦିଲ୍ଲୀପ ଦତ୍ତ, ସଞ୍ଜୟ ସାହୁ, ନିତେଶ ମଲ୍ଲିକ, ଅଶୋକ ମଲ୍ଲିକ, ସୌଭାଗ୍ୟ ମହାନ୍ତ ଓ ବାବୁ ବାରିକ ପ୍ରମୁଖ ମନ୍ଦିର କମିଟି କର୍ତ୍ତୃପକ୍ଷ ପରିଚାଳନାରେ ସହଯୋଗ କରିଥିଲେ।

# ଭାଗ୍ୟର ଖେଳ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ନିଜକୁ ତିନୋଟି ପୁଅର ମାଆ ବୋଲି ବହୁତ ଭାଗ୍ୟବାନ ମନେ କରୁଥିଲେ ରମାଦେବୀ । ଗର୍ବରେ ତାଙ୍କ ଛାତି ଫୁଲି ଉଠେ ଯେବେ ପାଖ ପଡ଼ୋଶୀ ତାଙ୍କ ତିନି ପୁଅଙ୍କ ଗୁଣ ଗାରିମା କଥା କହି ତାଙ୍କ ପ୍ରଶଂସା କରନ୍ତି । ତିନି ଜଣ ଯାକ ଭଲ ପାଠ ପଢ଼ି ଉଚ୍ଚ ପଦ ପଦବିରେ ଅଧିଷ୍ଠିତ, କାହିଁକି ଗର୍ବ ନ କରିବେ ଯେ ! କମ କଷ୍ଟ କରିନାହାନ୍ତି ବାପା ମାଆ ଦିଜଣ ତିନି ତିନିଟା ପିଲାଙ୍କୁ ବଡ଼େଇବା ପାଇଁ । ରମେଶ ବାବୁ ସରକାରୀ ଦରମାରେ ବଡ଼ କଷ୍ଟରେ ଘର ଚଳାଉଥିବେ ବି ପିଲାଙ୍କ ପାଠପଢ଼ାରେ ଊଣା କରିନାହାନ୍ତି କେବେ କିଛି । ଅତି ଅଭାବ ପଡ଼ିଲେ, ବାପ ଦାଦିଙ୍କଠାରୁ ପାଇଥିବା ଜମି ଖଣ୍ଡେ ଖଣ୍ଡେ ବିକ୍ରି କରିଦେଇଛନ୍ତି, ହେଲେ ପିଲାଙ୍କର ଅସୁବିଧା ହେବାକୁ ଦେଇ ନାହାନ୍ତି । କ'ଣ ହେବ ସେ ଜମି ଜମା, ଯାହା ତ ଅଛି ସବୁ ପିଲାଙ୍କ ପାଇଁ । ତାପରେ ସେମାନେ ବଡ଼ ହୋଇଗଲେ ଘରର ସବୁ ଦାୟିତ୍ୱ ନେବେ ନାହିଁ କି ?

ଆଗତ ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ବିଭୋର ହୁଅନ୍ତି ବାପାମାଆ । ଏ ଜନ୍ମରେ ତ ଅନ୍ତତଃ ତାଙ୍କର କିଛି ଅସୁବିଧା ରହିବ ନାହିଁ ବୋଲି ବିଶ୍ୱାସଟିଏ ଦାନା ବାନ୍ଧୁଥାଏ ତାଙ୍କ ଅନ୍ତରରେ । ବାର୍ଦ୍ଧକ୍ୟ ସୁଖମୟ ହେବାର ପୂର୍ଣ୍ଣ ବିଶ୍ୱାସ ଦୁହିଁଙ୍କ ମୁଖମଣ୍ଡଳକୁ ଉଜ୍ଜ୍ୱଳ କରେ । ଅବସର ନେଲା ପରେ କାହା ଘରେ ରହିବେ, କେଉଁଠିକୁ ବୁଲିବାକୁ ଯିବେ, ସବୁ ତାଙ୍କ ଇଚ୍ଛା ଅନୁସାରେ ହେବା ତ ଥୟ । ଏବେ ଟିକେ କଷ୍ଟ କରିଦେଲେ ଗଲା । ଏହି ବିଚାର ଜନିତ ଆଶ୍ୱସ୍ତି ଦମ୍ପତିଙ୍କ ମନରେ ସଦା ରହିଥାଏ । ସେଥିପାଇଁ ତ ବାର୍ଦ୍ଧକ୍ୟ ପାଇଁ କିଛି ସଞ୍ଚୟ କରିବାକୁ ଉଚିତ ମଣି ନାହାନ୍ତି ସୁରେଶ ବାବୁ । ପୁଅମାନଙ୍କ ସହ ଖୁସି ଜୀବନ ବିତେଇବାର ଯୋଜନା ତାଙ୍କ ମସ୍ତିଷ୍କ କେବେଠାରୁ କରି ସାରିଛି ।

ଦାରୁଣ ଭାଗ୍ୟର କି ଖେଳ ! ତିନି ତିନିଟା ପୁଅର ମାଆ, ଆଜି ପରିଣତ ବୟସରେ ନିଜେ ରୋଷେଇ କରି ଖାଇବାକୁ ବାଧ୍ୟ ହେଉଛି । ସୁରେଶ ବାବୁଙ୍କ ମୃତ୍ୟୁ ପରେ ରମାଦେବୀ ଯେମିତି ହଠାତ ବୋଝ ପାଲଟି ଯାଇଛନ୍ତି ସେମାନଙ୍କ ପାଇଁ । ବାପାଙ୍କ ପେନ୍‌ସନ୍ ଲୋଭରେ ସମସ୍ତେ କିଛି କିଛି ଦିନ ପାଳି କରି ତାଙ୍କୁ ଘରେ ରଖିଲେ । ବୟସ ବଢ଼ିବାରୁ ମାଆର ବି ଉଚ୍ଚ ରକ୍ତଚାପ, ମଧୁମେହ ରୋଗ ବାହାରି ପଡ଼ିଲା । ପେନ୍‌ସନ୍ ତକ ତାଙ୍କ ନିୟମିତ ଚିକିତ୍ସା, ଔଷଧ ଆଉ ଟିକେ ଭଲମନ୍ଦ ଖାଇବାରେ ଶେଷ । ପୁଅମାନେ ଦେଖିଲେ ମାଆକୁ ଏବେ ପାଖରେ ରଖିଲେ ଲାଭଠାରୁ ବଟଂ ଖର୍ଚ୍ଚ ଅଧିକ । ଜଣେ ଅନ୍ୟ ଜଣଙ୍କୁ ମାଆର ଦାୟିତ୍ୱ ନେବାକୁ କହିଲେ ନିଜର ଭିନ୍ନ ଭିନ୍ନ ଅସୁବିଧା ଦେଖାଇ ।

ରମାଦେବୀ ବୁଝି ପାରିଲେ ତାଙ୍କ ସିଆଣିଆ ପୁଅମାନଙ୍କ ମନକଥା । ନିଜ ସ୍ୱାମୀ ଗଢ଼ିଥିବା ଗାଁର ପରିତ୍ୟକ୍ତ ଘରକୁ ଫେରିଯିବା ପାଇଁ ସେ ନିଷ୍ପତ୍ତି ନେଲେ । ଉପରେ ଉପରେ ପୁଅମାନେ ବହୁତ ମନ ଦୁଃଖ କଲେ, ମାଆକୁ ମନା ବି କଲେ ନ ଯିବା ପାଇଁ । ହେଲେ ମାଆ ତ, ପିଲାମାନଙ୍କର ମନକଥା ଜାଣିବା ପରେ ସେମାନଙ୍କ ସହ ଦଣ୍ଡେ ହେଲେ ଆଉ ରହିବାକୁ ଚାହିଁଲେ ନାହିଁ । ଶେଷ ନିଶ୍ୱାସ ନିଜ ସ୍ୱାମୀ ତୋଳିଥିବା ଘରେ ନେଲେ ହିଁ ମୁକ୍ତି ଅଛି, ଭାବି ଏକୁଟିଆ ଗାଁରେ ରହିବାକୁ ଲାଗିଲେ ।



ପରଳ ପଡ଼ିଥିବା ଆଖିରେ ଭଲରେ କିଛି ଦେଖାଯାଏନି ବୋଲି ଦିନକୁ ଥରେ କ'ଣ ଗଣ୍ଡେ ଫୁଟେଇ ଦେଇ ଦିନଯାକ ସେୟାକୁ ଖାଇ ଦିଅନ୍ତି ରମାଦେବୀ । ଦେହ ପା' ଅସୁଖ ଦିନ ଚୁଲି ନ ଜାଳି ପାରିଲେ ଶୁଖିଲା ମୁଢ଼ି କି ଚୁଡ଼ା ପାଟିରେ ପକେଇ ନିଜ ଭାଗ୍ୟକୁ ନିନ୍ଦନ୍ତି । କେତେଥର ଝାଡ଼ା, ପରିସ୍ରା ଗଲା ବେଳେ ଶିଉଳି ଲଗା ଭୂଇଁ ଉପରେ ପାଦ ଖସି ପଡ଼ିଯାଇଛନ୍ତି । ମୁଣ୍ଡରେ, କହୁଣୀରେ ବାଜି କ୍ଷତ ସୃଷ୍ଟି ହୁଏ । ପୁଣି ଉଠି ନିଜେ ମଲମ ଲଗାଇ ନିଜକୁ ବୋଧ ଦିଅନ୍ତି ସେ । ଏମିତି ନୁହେଁ ଯେ ଯନ୍ତ୍ରଣା ହୁଏ ନାହିଁ, ହେଲେ ସେ କଷ୍ଟ ତାଙ୍କ ଅନ୍ତରର ଯନ୍ତ୍ରଣାଠାରୁ ଢେର କମ୍ । ନିତି ଠାକୁରଙ୍କ ପାଖରେ ମୃତ୍ୟୁ ପାଇଁ ପ୍ରାର୍ଥନା କରନ୍ତି, "କାହିଁକି ନେଇ ଯାଉ ନାହଁ ଠାକୁରେ, ଏ ଜୀବନ ଥାଇ ଆଉ କି ଲାଭ ? କାହାର ତ କିଛି ଆଉ କାମରେ ଆସୁନାହିଁ ମୁଁ, କାହିଁକି ଏକାକୀ କଷ୍ଟ ଭୋଗିବାକୁ ବଞ୍ଚେଇ ରଖିଛ ମୋତେ!"

ସ୍ୱାମୀ ସୁରେଶଙ୍କ ଫଟୋ ଆଗରେ ଛିଡ଼ା ହୋଇ ନିଜ ଭାଗ୍ୟକୁ ନିନ୍ଦନ୍ତି । "ତିନି ପୁଅ ହେଲେ ବୋଲି କେତେ ଖୁସି ହେଉଥିଲ, ଆମେ କେତେ ଭାଗ୍ୟବାନ ବୋଲି ଚାରିଆଡ଼େ କହି ବୁଲୁଥିଲ, ମାତ୍ର ସେଇ ତିନି ପୁଅଙ୍କ ସେବା, ସ୍ନେହ, ସାନ୍ନିଧ ପାଇବା ଆମ ଭାଗ୍ୟରେ ନାହିଁ । କେଉଁ ଜନ୍ମରେ କି ପାପ କରିଥିଲି ବୋଧେ, ତା'ର ଫଳ ଭୋଗିବାକୁ ବାକି ଜୀବନ ଏକୁଟିଆ ବିତେଇବାକୁ ହେଉଛି ।"

ଥର ଥର ହାତରେ ଘରକାମ କଲା ବେଳକୁ ତାଙ୍କର ମନ କଷ୍ଟ ହୁଏ ସିନା, ତଥାପି ପରମେଶ୍ୱରଙ୍କ ପାଖରେ ତିନି ପୁଅଙ୍କ ଶୁଭ ମନାସି ପ୍ରତିଦିନ ଦୀପଟିଏ ଜାଳିବାକୁ ଭୁଲନ୍ତି ନାହିଁ ସେ । ନିଜ ଭାଗ୍ୟକୁ ନେଇ କେତେ ଯେ ଗର୍ବ କରୁ ନ ଥିଲେ ସେ ! ଏବେ ନିଜ ଭାଗ୍ୟର ତର୍ଜମା କରି ପ୍ରାୟ ସବୁଦିନ ଏମିତି ତାଙ୍କ ଆଖିରୁ ଲୁହ ବୋହିଯାଏ ।

ଭୁବନେଶ୍ୱର - ୨
ମୋ: ୬୩୭୦୫୧୬୪୭୮

# ନିବୃତ୍ତ ରହିବି



ମନୁଆ ଦାସ

ଯେତେ ଦିନ ବଞ୍ଚିବି
ଇଚ୍ଛା ହୁଏ ନିବୃତ୍ତ ରହିବି
ହିଂସାର ପ୍ରତିଯୋଗିତାରୁ
କିଏ କେତେ କଲା ସୀମାରେ
ନରସଂହାର
ନିବୃତ୍ତ ରହିବି ନ୍ୟାୟ ଅନ୍ୟାୟର
ବଦଳୁଥିବା ସାମରିକ ପରିଭାଷାରୁ

ମୋ ପରିଚୟରୁ ଉତାରି ଦେବି ଦେଶର ସାଂଗିଆ
ଜାତିର ସାଂଗିଆ, ଧର୍ମର ସାଂଗିଆ ଆଉ ପୁଞ୍ଜିର ମାପକାଠି
ମୋ ସମ୍ପର୍କରୁ ଓହ୍ଲାଇଦେବି ଅହଂକାରର ଯେତେ ପରିପାଟୀ

ଯେତେ ଦିନ ବଞ୍ଚିବି
ଇଚ୍ଛା ହୁଏ ନିବୃତ୍ତ ରହିବି
ରାଜନୀତିର ସଂକ୍ରମଣରୁ
କିଏ କେତେ ଅକ୍ତିଆର କଲା କ୍ଷମତା
ବସିବାକୁ ସର୍ବୋଚ୍ଚ ନିଶାପରେ
ନିବୃତ୍ତ ରହିବି ଜୟପରାଜୟର
ବଦଳୁଥିବା ବେପାର ଚିହ୍ନରୁ

ମୋ ମନୁଷ୍ୟତ୍ୱରୁ ଉତାରି ଦେବି ଉପଭୋକ୍ତାର ଭୋକ
ଆତ୍ମସାତ୍ କରିବାର ଲୋଭ, ପକ୍ଷଧାରୀର ଛଦ୍ମବେଶ
ମୋ ସଂପର୍କରୁ ଓହ୍ଲାଇଦେବି ସମତାର ବିଚାର ବିଦ୍ୱେଷ

ଯେତେ ଦିନ ବଞ୍ଚିବି
ଇଚ୍ଛା ହୁଏ ନିବୃତ୍ତ ରହିବି

ମୋ ଚଳଣିରୁ ଉତାରି ଦେବି ନିର୍ବାଚନର ସୁଆଙ୍ଗ
ମୋ ନିଃସର୍ତ୍ତ ପ୍ରେମରୁ ଉତାରି ଦେବି ଅପ୍ରାପ୍ତିର ହିସାବ
ମୋ ମର୍ଯ୍ୟାଦାରୁ ଓହ୍ଲାଇ ଦେବି ପ୍ରତିପତ୍ତିର ରଙ୍ଗ
ମୋ ଅପାସୋରା ସ୍ମୃତିରୁ ଓହ୍ଲାଇଦେବି ଅମରତ୍ୱ

ସତରେ କ'ଣ ନିବୃତ୍ତ ରହିପାରିବି
ପ୍ରତ୍ୟାହାର କରିପାରିବି ନିଜକୁ
ଯେତେ ଦିନ ବଞ୍ଚିବି
ମୋ ଅଶାନ୍ତ ନିଃସଙ୍ଗତାରେ
ସଂସାରର ଆଶା
ମୋ ବ୍ୟର୍ଥ ଏକାକୀତ୍ୱରେ
କ'ଣ ସମ୍ବରଣ କରିପାରିବି
ବଞ୍ଚିରହିବାର ପିପାସା
ମୋ ପ୍ରେରିତ ସର୍ଜନାରେ
କ'ଣ ଲିଭେଇ ଦେଇପାରିବି
ସ୍ୱତ୍ତ୍ୱଲିପିର ଉତ୍ତରାଧିକାର

ଅଥଚ ବାରମ୍ବାର କାହିଁକି
ଇଚ୍ଛା ହୁଏ ନିବୃତ୍ତ ରହିବି
ଅପଦାର୍ଥ ହୋଇ ବଞ୍ଚିବି
ଅଚିହ୍ନା ଅକିଞ୍ଚନ ହୋଇଯିବି
ସମୟର ଘନଘଟାରେ ଏଇଠି
ଥାଉ ଥାଉ ଥିବି ଯେପରି ନିଷ୍କ୍ରାନ୍ତ

ମୋ: ୯୭୭୭୯୭୫୩୨୦

# ବାପା : ଅବୁଝା ଈଶ୍ୱର



ଡକ୍ଟର ପୁରୁଷୋତ୍ତମ ମିଶ୍ର

ନିରୀହ ବାପା
ଯାହା କଲେ ବି ମନ ବୁଝେନା କାହାରି
ଗାମୁଛା କାନିରେ ବାନ୍ଧିକି ଆଣିଥିବା
ଅବୋଲକରା ନିଶ୍ୱାସକୁ ସାଇତି ରଖେ
କାଠ ବାକ୍ସରେ
ଦଶ ପ୍ରାଣୀର ଦଶ ଆଞ୍ଜୁଳାରେ
ନିଇତି ପରଷି ଦିଏ ଝୋଳ ।

ଆଗତ ବିଗତ ଭଲ ମନ୍ଦ ଜଣେ ନା,
ତେଣୁ ଯାହା ବି ଏ ଘରେ
ଅଶାନ୍ତି, ଅସନ୍ତୋଷ ଉପୁଜୁଛି
ସବୁଥି ପାଇଁ ସେ ଦାୟୀ ବୋଲି
ନିରୀହ ବାପା କେତେ ଟାପରା ଶୁଣେ,
ଶୁଣି ଶୁଣି
ହସି ଦିଏ ବଟଂ, ତୀକ୍ଷ୍ଣ ଏକ ଛୁରିକାରେ
ତରଭୁଜ ପରି ହୃଦୟକୁ କରେ ଦଶ ଫାଳ ।

ଅନ୍ତିମରେ ନିଜର କିଛି ବୋଲି କିଛି ନାହିଁ
କି ଆମ ପାଇଁ ବାପା କିଛି କଲେ ନାହିଁ ବୋଲି
ବାରମ୍ବାର ଶୁଣିବା ସତ୍ତ୍ୱେ
ମୁଣ୍ଡରେ ଗାମୁଛା ଭିଡ଼େ ଯକ୍ଷ,
ଭିଡ଼େ ଜଞ୍ଜାଳ
ଗଧପୂର୍ଣ୍ଣି ସାଗ ପଟାଳିରେ
ପାଣି ମଡ଼ାଏ ସାରାଟା ଖରାବେଳ ।

ବାପାର ଛାତିରେ ଧୂଆଁ ଉଠେ
ଛାତିରେ ଚୁଲି ଜଳେ
ବାପାର ଛାତି, ଝାଲୁଆ ଗନ୍ଧେ

ବାପା ଲେଙ୍ଗଡ଼ା ପିନ୍ଧେ,
ବାପା କିଛି ଜାଣେନା
ଫୋକଟ୍ ରାମ୍ ଗିରିଧାରୀ
ତେଣୁ ତାଙ୍କୁ ଛାଡ଼ କହି
ବୁଢ଼ା ବୟସରେ ସଭିଏଁ ଦୂରରେ ରଖନ୍ତି,
ତଥାପି କିଏ ଖାଇଲା ନ ଖାଇଲା
କିଏ ଯାଇଛି, କିଏ ଆସିଲା
ସବୁ ପଚାରି ପଚାରି ବାପା
ଶୁଣେ ଅସହଣି ପଦ ।

ବାପା, ଜୀବନ ସାରା ବୁଝାମଣାର
ଏକ ଲମ୍ବା ସ୍ୱାକ୍ଷର,
ନିରୀହ ବାପା
ବାଇଶି ଏକଡ଼ ଜମି ମଝିରେ କରି ଦେଇଛି
ମସ୍ତବଡ଼ ଗୋଟିଏ ଘର,
ବାପାର ଅନ୍ୟ ନାମ ଅବୁଝା ଈଶ୍ୱର ।

ସୁବର୍ଣ୍ଣପୁର
ମୋ: ୮୮୯୫୮୦୮୦୫୦

# 'ଜ୍ଞାନମଣ୍ଡଳ'ର ଏକକ ପ୍ରଣେତା ବିନୋଦ କାନୁନ୍‌ଗୋ



ବୈଷ୍ଣବ ମେହେର

"ମୁଁ ମନୁଷ୍ୟ । ଅନ୍ୟ ପ୍ରାଣୀମାନଙ୍କ ତୁଳନାରେ ମୋର ଗୋଟିଏ ଉନ୍ନତ ମସ୍ତିଷ୍କ ଅଛି । ତେଣୁ ଜଗତର ଯେ କୌଣସି କଥା ଜାଣିବା ପାଇଁ ଆଗ୍ରହ ହେବ । ମୁଁ ସହଜରେ ଜାଣିବି-ଜାଣିବାର ସୁଯୋଗ ପାଇବି । ମୁଁ ମନୁଷ୍ୟ ହୋଇଥିବାରୁ ଜ୍ଞାନ ହାସଲ କରିବାଟା ମୋର ଜନ୍ମଗତ ଅଧିକାର । ସେହି ଅଧିକାରରୁ କେହି ମୋତେ ବଞ୍ଚିତ କରିପାରିବେ ନାହିଁ । ଗୋଟିଏ ଅଭିଧାନରୁ ଗୋଟିଏ ଭାଷାର ପ୍ରତ୍ୟେକ ଶବ୍ଦର ଅର୍ଥ ମିଳିଗଲା ଭଳି ଗୋଟିଏ ପୁସ୍ତକରୁ ମାନବ ଜ୍ଞାନର ପ୍ରତ୍ୟେକ ବିଭାଗର ସଂକ୍ଷିପ୍ତ ପରିଚୟ ମିଳୁଥିବା ପୁସ୍ତକଟିର ଆବଶ୍ୟକତା ଅନୁଭବ କରାଗଲା...ଆମେ ଓଡ଼ିଆ, ଆମର ଗୋଟିଏ ଉନ୍ନତ ଭାଷା ଅଛି । ଦୁନିଆର ଚାରିଆଡ଼େ ଏହି ଭଳି ପୁସ୍ତକ ପ୍ରକାଶ ପାଉଥିଲା ବେଳେ ଆମେ କ'ଣ ସେଭଳି କରି ପାରିବା ନାହିଁ ? ଏହି ପ୍ରଶ୍ନ ଯେତେବେଳେ ମୋ ମନ ଭିତରେ ଉଠିଛି, ମୁଁ ବ୍ୟଥିତ ହୋଇ ପଡ଼ିଛି ଓ ନିଶ୍ଚୟ ପ୍ରକାଶ ପାଇବା ଉଚିତ ବୋଲି ବିଚାରି ୧୯୫୪ରେ ଗୋଟିଏ ଯୋଜନା କଲି ଓ ଆଜିର ଏହି ପ୍ରଥମ ଖଣ୍ଡିକ ସେଇ ଯୋଜନାର ଫଳ ।" 'ଜ୍ଞାନମଣ୍ଡଳ'ର ପ୍ରଥମ ଭାଗ ମୁଖବନ୍ଧର ନିଜକଥାରେ ଏହା ହେଉଛି ପ୍ରଣେତାଙ୍କ ଲିଖିତ ନିଜସ୍ୱ ଉକ୍ତି । ଉକ୍ତ ମୁଖବନ୍ଧରେ ମାତୃଭୂମି ଓ ମାତୃଭାଷା ପ୍ରତି ଜଣେ ସର୍ଜନଶୀଳ ମଣିଷର ସମର୍ପିତ ଭାବର ଯେଉଁ ପରିପ୍ରକାଶ ଘଟିଛି ତାର ପଟାନ୍ତର ନାହିଁ ।

ଆଜି ୱିକିପିଡ଼ିଆର ଯୁଗ ଚାଲିଛି, କିନ୍ତୁ ସମୟ ଥିଲା ଓଡ଼ିଶାରେ ଚାଲିଥିଲା ଜ୍ଞାନମଣ୍ଡଳର ଯୁଗ । ଜଣେ ଯଦି କିଛି ଓଡ଼ିଆ ଭାଷାରେ ଜାଣିବାକୁ ଚାହୁଁଥିଲା, ତେବେ ପାଖରେ ରଖିବାକୁ ପଡୁଥିଲା ଏକମାତ୍ର ଜ୍ଞାନର ଉତ୍ସ 'ଜ୍ଞାନମଣ୍ଡଳ' । ସେହି 'ଜ୍ଞାନମଣ୍ଡଳ'ର ସଫଳ ସ୍ରଷ୍ଟା ଥିଲେ ବିଂଶ ଶତାବ୍ଦୀର ଓଡ଼ିଶାର ଚଳନ୍ତି ଜ୍ଞାନବୃକ୍ଷ ଭାବରେ ପରିଚିତ ଭାଷା ଆଉ ମାଟି ପ୍ରତି ସମର୍ପିତ ମଣିଷ ବିଶିଷ୍ଟ ଚିନ୍ତାନାୟକ ବିନୋଦ କାନୁନ୍‌ଗୋ ।

କଥିତ ଅଛି ଯେ ତ୍ରୟୋଦଶ ଶତାବ୍ଦୀରେ ମଧ୍ୟ ଯୁଗର ପ୍ରଖ୍ୟାତ ଇଂରେଜ ବୈଜ୍ଞାନିକ ରୋଜର୍ ବେକନ ବିଶ୍ୱର ପ୍ରଥମ 'ଜ୍ଞାନକୋଷ' ରଚନା କରିଥିଲେ । କିନ୍ତୁ ତାହା ଲୋକଲୋଚନକୁ ଆସିବା ପୂର୍ବରୁ କୁଆଡ଼େ ଅନ୍ତର୍ହିତ ହୋଇଗଲା । ଏହାର ପ୍ରାୟ ପାଞ୍ଚଶହ ବର୍ଷ ପରେ ଏନ୍‌ସାଇକ୍ଲୋପିଡ଼ିଆ ବ୍ରିଟାନିକାର ଆବିର୍ଭାବ ହେବା, ଗୋଟିଏ ଜ୍ଞାନକୋଷ ପ୍ରଣୟନ କରିବା କେତେ ଦୁଃସାଧ୍ୟ ତାହା ଅନୁମାନ କରାଯାଇପାରେ । ଇଂରେଜମାନେ ଭାବୁଥିଲେ ଯେ, ଇଂରାଜୀ ହିଁ ଏକମାତ୍ର ଜ୍ଞାନର ଭାଷା ଓ ଅନ୍ୟ ସମସ୍ତ ଭାଷା କେବଳ ଭାବର ଆଦାନପ୍ରଦାନ ପାଇଁ କଥିତ ଭାଷା ମାତ୍ର । ଆତ୍ମଗର୍ବୀ ଇଂରେଜମାନଙ୍କ ଏଭଳି ମନୋଭାବ ସେତେବେଳେ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବ୍ୟଥିତ କରିଥିଲା । ସମସ୍ତେ ଲାଗିଥିଲେ ଯେ ଭାରତର ପ୍ରତ୍ୟେକ ପ୍ରାନ୍ତୀୟ ଭାଷା, ଜ୍ଞାନର ଭାଷା ହେଉ । ଏହି କ୍ରମରେ ଓଡ଼ିଆ ଭାଷାକୁ ଜ୍ଞାନର ଭାଷା ଭାବରେ ପରିଗଣିତ କରିବା ପାଇଁ ସଂଗ୍ରାମୀ ବିନୋଦ କାନୁନ୍‌ଗୋ ଓଡ଼ିଆ ଜ୍ଞାନକୋଷ ଲେଖିବାର ପରିକଳ୍ପନା କରିଥିଲେ ।

"ରଣ ସମୟରେ ବହି ଘୋଷିବାକୁ ମୋତେ ଆଉ ତୁମେ ବଳାନା
ଛାତିର ରକତ ତାତି ଉଠେ ମୋର, ବାଜିବାରୁ ଯୁଦ୍ଧ ବାଜଣା ।
ଯୁଦ୍ଧ ଇତିହାସ ହୋଇଲେ ପଠିତ,
ଶୁଣି ବଂଶଧର ହୋଇବେ ପଣ୍ଡିତ
ନରହନ୍ତାର କଂସେଇ ଶାଳେ ମୁଁ ଲେଖୁଥିବି ବସି ରଚନା ।"

ମାମୁଁ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ କଟକସ୍ଥିତ ବାସଭବନରେ ରହି କଲିଜିଏଟ୍ ସ୍କୁଲରେ ପାଠ ପଢୁଥିବା ସମୟରେ ଜାତୀୟକବି ବୀରକିଶୋରଙ୍କ ଉକ୍ତ ଗୀତ ବିନୋଦଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା । ବିନୋଦଙ୍କ କହିବା ଅନୁସାରେ ୧୯୩୦ ମସିହା ଏପ୍ରିଲ ନଅ ତାରିଖରେ ଏହି ଗୀତ ପଢ଼ିଲା ପରେ ତାଙ୍କ ମନର ସମସ୍ତ ସନ୍ଦେହ ଦୂର ହୋଇ ସେ ନିଜର ପ୍ରକୃତ କର୍ତ୍ତବ୍ୟ ପ୍ରତି ସଚେତନ ହୋଇଯାଇଥିଲେ । ଏହାର ଠିକ୍ ପରଦିନ ମାମୁଁ ଆର୍ତ୍ତବଲ୍ଲଭ ମହାନ୍ତି, ପ୍ରଧାନଶିକ୍ଷକ ସଚ୍ଚି ରାୟ ଏବଂ ଡ. ପ୍ରାଣକୃଷ୍ଣ ପରିଜା ବହୁତ ବୁଝାଇବା ସତ୍ତ୍ୱେ ଅଧାରୁ ପାଠ ଛାଡ଼ି ନିଜର କିଛି ସହପାଠୀଙ୍କ ସହ ମାତୃଭାଷା ଓ ମାତୃଭୂମିର ସୁରକ୍ଷା ନିମନ୍ତେ ସେ ବାହାରି ଯାଇଥିଲେ । ଏଥିସହ ସେଦିନ ବିନୋଦ କାନୁନ୍‌ଗୋ ଆଉ ଏକ ଶପଥ ନେଇଥିଲେ ଯେ, ସ୍କୁଲ ଛାଡ଼ିଲେ ସିନା ପାଠ କେବେ ଛାଡ଼ିବେ ନାହିଁ ।

ହାତରେ ମାତ୍ର ଟଙ୍କାଟିଏ ଧରି 'ଜ୍ଞାନମଣ୍ଡଳ' ପ୍ରସ୍ତୁତିର ସଂକଳ୍ପ ନେଇ ଜନ୍ମମାଟି ଛାଡ଼ି ଦିନେ କଟକ ଚାଲିଆସିଥିଲେ ବିନୋଦ କାନୁନ୍‌ଗୋ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ବିନୋଦ ଧର୍ମଘଟରେ ଯୋଗଦେଇ ଏକାଧିକବାର କାରବାସ ଭୋଗିଥିଲେ । ଜେଲରେ ଥିବା ବେଳେ ସେଠାରେ କାଗଜର ଅଭାବ ଥିବାରୁ ବିଭିନ୍ନ ଛାପା କାଗଜର ଦୁଇଧାଡ଼ି ମଝିରେ ଥିବା ଖାଲି ଜାଗାରେ ଛୋଟଛୋଟ ଅକ୍ଷରରେ ଜ୍ଞାନକୋଷ ପାଇଁ ଲେଖି ରଖୁଥିଲେ । ବର୍ଷ ବର୍ଷ ଧରି ବିଭିନ୍ନ ଖବରକାଗଜରୁ ଆବଶ୍ୟକ ତଥ୍ୟ ଏବଂ କନିକା ପାଠାଗାରରେ ଘଣ୍ଟା ଘଣ୍ଟା ଅଧ୍ୟୟନ କରି ସେଠାରୁ ସଂଗୃହୀତ ତଥ୍ୟକୁ ନେଇ ସେ ୪୦ ରୁ ୫୦ ହଜାର ଯାଏଁ ଫାଇଲ ତିଆରି କରିଥିଲେ । ପରବର୍ତ୍ତୀ ସମୟରେ ଜ୍ଞାନମଣ୍ଡଳ ଲେଖିଲା ବେଳେ ଏହାର ସବୁଯାକ ଭାଗ ପାଇଁ ସେ ନିଜ ହାତରେ ହିଁ ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ । ୬୦ ଖଣ୍ଡରେ ପ୍ରକାଶ ପାଇବାକୁ ଥିଲା ଏହି ସବୁ ତଥ୍ୟାବଳୀ । ୧୯୫୪ ମସିହା ଜାନୁଆରୀ ମାସରେ ଜ୍ଞାନମଣ୍ଡଳ ପାଇଁ ତଥ୍ୟ ସଂଗ୍ରହ ଆରମ୍ଭ ହୋଇଥିବା ବେଳେ ଏହାର ପ୍ରଥମ ଖଣ୍ଡ ୧୯୬୦ ଡିସେମ୍ବର ଦୁଇ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ୧୯୬୧ ରୁ ୨୨ ଜୁନ୍ ୧୯୯୦ରେ ବିନୋଦଙ୍କ ପରଲୋକ ବେଳକୁ ଜ୍ଞାନମଣ୍ଡଳର ସମୁଦାୟ ୪୦ ଖଣ୍ଡ ପ୍ରକାଶିତ ହୋଇଥିଲା । ତାଙ୍କ ମୃତ୍ୟୁ ପରେ ଜ୍ଞାନମଣ୍ଡଳର ଏକ ସର୍ବାଧୁନିକ ସଂକ୍ଷିପ୍ତ, ପୂର୍ଣ୍ଣାଙ୍ଗ ସଂସ୍କରଣ ମଧ୍ୟ ପ୍ରକାଶିତ ହୋଇଛି । ଓଡ଼ିଆ ବିଶ୍ୱକୋଷ 'ଜ୍ଞାନମଣ୍ଡଳ'ର ଏକକ ରଚୟିତା ବିନୋଦ ବିଶ୍ୱକୋଷକୁ ତିନି ଶ୍ରେଣୀରେ ବିଭକ୍ତ କରିଛନ୍ତି । ପ୍ରଥମତଃ ବିଶେଷଜ୍ଞଙ୍କ ପାଇଁ 'ରିଫେରେନସ୍ ଏନ୍‌ସାଇକ୍ଲୋପିଡ଼ିଆ', ଦ୍ୱିତୀୟରେ କିଶୋରଙ୍କ ପାଇଁ ଚିତ୍ରବହୁଳ ଓ ସରଳ ଭାଷାରେ ଲିଖିତ 'ଚିଲ୍‌ଡରେନ୍ସ ଏନ୍‌ସାଇକ୍ଲୋପିଡ଼ିଆ' ଓ ତୃତୀୟଟି ହେଉଛି ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସୁଖପାଠ୍ୟ, ସହଜବୋଧ 'ପପୁଲାର୍ ଏନ୍‌ସାଇକ୍ଲୋପିଡ଼ିଆ' । 'ପପୁଲାର୍ ଏନ୍‌ସାଇକ୍ଲୋପିଡ଼ିଆ' ବା 'ଜନପ୍ରିୟ ବିଶ୍ୱକୋଷ'ରେ ଚିତ୍ର ମାଧ୍ୟମରେ ଯେମିତି ବିଷୟବସ୍ତୁର ବର୍ଣ୍ଣନା ରହିଛି, ତାହା ଅଳ୍ପ ପାଠ ପଢ଼ିଥିବା ପିଲା ମଧ୍ୟ ସହଜରେ ବୁଝି ପାରିବ ।

ବିନୋଦ କାନୁନ୍‌ଗୋ ଆତ୍ମଜୀବନୀ, ଜୀବନୀ, ପ୍ରବନ୍ଧ, ଶିଶୁସାହିତ୍ୟ, ଅନୁବାଦ, ଡାଏରି ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ୧୧୦ ଟି ପୁସ୍ତକ ରଚନା କରିଛନ୍ତି । 'ଋଣ ପରିଶୋଧ' ଓ 'ପାଠ ପଛେ ପଛେ ଅପାଠୁଆ' ତାଙ୍କର ଦୁଇଟି ଆତ୍ମଜୀବନୀ ପୁସ୍ତକ । ଯେଉଁଥିରୁ ତାଙ୍କ ଜୀବନର ସଂଘର୍ଷ ଓ ସାଧନା କଥା ଯେତିକି ଫୁଟି ଉଠେ, ସେତିକି ଓଡ଼ିଶାର ତତ୍କାଳୀନ ସାମାଜିକ, ସାଂସ୍କୃତିକ ଓ ବୌଦ୍ଧିକ ଚିତ୍ର ମଧ୍ୟ ବାରିହୁଏ । ୧୯୮୦ ଓ ୧୯୮୪ ମସିହାରେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୧୯୮୬ରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଉପାଧିରେ ସେ ସମ୍ମାନିତ ହୋଇଛନ୍ତି । ତେବେ ତାଙ୍କ ସାମାଜିକ ସମ୍ମାନ ଓ ସ୍ୱୀକୃତି ଥିଲା ଏସବୁରୁ ଖୁବ୍ ଊର୍ଦ୍ଧ୍ୱରେ ।


ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଶିକ୍ଷାର ଏକ ନବଜାଗରଣ ସୃଷ୍ଟି କରିବାକୁ ଯେଉଁମାନେ ନିଜ ଜୀବନର ବ୍ରତ ବୋଲି ଧରି ନେଇ ଥିଲେ, ସେହିଭଳି ସମ୍ବେଦନଶୀଳ, ମାନବବାଦୀ ଚିନ୍ତାଧାରାର ଅନ୍ୟତମ ବାହକ ହେଉଛନ୍ତି ବିନୋଦ କାନୁନ୍‌ଗୋ । ଓଡ଼ିଆ ଭାଷା ଓ ମାଟି ପାଇଁ ତାଙ୍କ ଅନ୍ତରରେ ଥିବା ଅବଦମିତ ଉତ୍ସାହ, ନିଷ୍ଠାପରତା ଓ ପ୍ରତିଶ୍ରୁତିବଦ୍ଧତା ସର୍ବଦା ଅତୁଳନୀୟ ହୋଇ ରହିବ ।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ପୁସ୍ତକ ପରିଚୟ

### ଅଶେଷ ଅନୁରାଗ

ବିଜୟାନନ୍ଦ ସିଂହ




ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୨
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୮୦ ଟଙ୍କା

ମଣିଷର ଜୀବନ ଦୁଃଖ, ବେଦନା, ନୈରାଶ୍ୟ, ଯନ୍ତ୍ରଣା ଜର୍ଜରିତ । ତଥାପି ପ୍ରେମ ଓ ଆତ୍ମୀୟତା ଜୀବନକୁ ଅମୃତମୟ କରିଦିଏ । ଜୀବନର ଏଭଳି ମହନୀୟ ଉପଲବ୍ଧିକୁ ଅନୁଭବ କରିହୁଏ ବିଜୟାନନ୍ଦ ସିଂହଙ୍କ 'ଅଶେଷ ଅନୁରାଗ' ପୁସ୍ତକର ଗପଗୁଡ଼ିକରେ । ଏହି ପୁସ୍ତକରେ ସନ୍ନିବେଶିତ 'ଅଶେଷ ମୋହ', 'ଦୁଃଖର ବୋଇତ', 'ନବଜନ୍ମ', 'ଅବ୍ୟକ୍ତ', 'ପାଣିଫୋଟକା', 'ବିଭାଜିତା ସ୍ୱପ୍ନ', 'ଫେରିବାର ବେଳ', 'ଅତର୍କିତ ସମୟ', 'ଉତ୍ତୀର୍ଣ୍ଣ ଶିହରଣ', 'ସୁନ୍ଦର ସକାଳ', 'ସଂସାର ପଥେ, 'ଚାଲ! ଫେରିଯିବା', 'ଏକତ୍ରବାସ', 'ଚଢ଼େଇ ବସା', 'ସ୍ୱଚ୍ଛ ସେବକ', 'ଅନୁରାଗର ଛାଇ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଶିଶୁରୋଗ ବିଶେଷଜ୍ଞ ସରିତାଙ୍କ ହୃଦୟ ମାତୃତ୍ୱର ଅକୁହା ବେଦନାରେ କିଭଳି ଛଟପଟ ହେଉଛି ତାହା 'ଅଶେଷ ମୋହ' ଗଳ୍ପରେ ମାର୍ମିକ ଭାବେ ବର୍ଣ୍ଣନା ହୋଇଛି । ସେହିପରି ଗୋଟିଏ ପଟେ ରୋଗରେ ପୀଡ଼ିତ ବାପା ପ୍ରତି ଜଣେ ପୁଅର କର୍ତ୍ତବ୍ୟ ଓ ଅନ୍ୟପଟେ ଦେଶସେବା ପ୍ରତି ଉତ୍ସର୍ଗୀକୃତ ମନୋଭାବ 'ଅନୁରାଗର ଛାଇ' ଗପରେ ଚମତ୍କାର ଭାବେ ପ୍ରତିଫଳିତ ହୋଇଛି । ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି , ପିତୃସେବା, ଦେଶପ୍ରେମ ଏହି ଗପରେ ପ୍ରସ୍ଫୁଟିତ ହୋଇଉଠିଛି । ମାନବୀୟ ମୂଲ୍ୟବୋଧ, ମାନବୀୟ ଭାବାବେଗ, ଜୀବନ ପ୍ରତି ଗଭୀର ଅନୁରାଗ ଓ ଅନ୍ତରଙ୍ଗ ଆବେଦନ ଏହି ପୁସ୍ତକର ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । 'ଅଶେଷ ଅନୁରାଗ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ ।

### ସୂର୍ଯ୍ୟ ଉଇଁବାର ବେଳ

ଅରୁଣ କୁମାର ସାହୁ



ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର,
ଭୁବନେଶ୍ୱର-୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ମଣିଷକୁ ଯିଏ ଭଲ ପାଏ, ଦେଶପ୍ରେମରେ ଯିଏ ଉଦ୍‌ବୁଦ୍ଧ ହୋଇପାରେ ସେ ହିଁ ପ୍ରକୃତରେ ବିପ୍ଳବୀ । ମଣିଷ ପ୍ରତି ଅନ୍ୟାୟ ହେଲେ, ଦେଶରେ ଅରାଜକତା ସୃଷ୍ଟି ହେଲେ ମନ ଭିତରେ ବିପ୍ଳବ ଆରମ୍ଭ ହୁଏ । "ଗୁଳି ଦିଅ ମୋ ଥାଳିରେ/ ଗୋଳା ଭର ଥାଳରେ ମୋ/ ଯୁଦ୍ଧ ପାଇଁ ଭୂଇଁ ଦିଅ/ ଦେଖାଅ ଅଜାଗା ଜାଗା/ ଅଦୃଶ୍ୟ ଶତ୍ରୁର/ ଲଢ଼ିବି ମୁଁ ଅଯୋଦ୍ଧା ମେଳିରେ/ ଲଢ଼ିବି ମୁଁ ଈର୍ଷାର ଗଳିରେ ।" (ଅଦୃଶ୍ୟ ଶତ୍ରୁ) ଏଭଳି ବିପ୍ଳବର ପ୍ରତିଧ୍ୱନି ପ୍ରତିଫଳିତ ହୋଇଛି ଅରୁଣ କୁମାର ସାହୁଙ୍କ 'ସୂର୍ଯ୍ୟ ଉଇଁବାର ବେଳ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକର 'କ୍ରାନ୍ତିର କିଛି ହଳ ଚଳେଇବା', 'ଭାରତ', 'ବିଭାଜନ ବିଭୀଷିକାର ଶରଣାର୍ଥୀ', 'ଦେଶଦ୍ରୋହୀ ଖୋଜିବା ଆସ ଆମରି ଭିତରେ', 'ନଇଁ ପଡ଼ିଥିବା ମଣିଷ ପାଇଁ', 'ଅଦୃଶ୍ୟ ଶତ୍ରୁ', 'ବିପ୍ଳବ ଆଞ୍ଚରେ ଏବେ ନିଆଁ ଲାଗିଲାଣି', 'ଅହିଂସାର ଖଦଡ଼ରେ ଏତେ ରକ୍ତ', 'କାଳରାତ୍ରୀ ଆବାହନୀ' ଆଦି କବିତାରେ ସମାଜର ଅରାଜକତା, ସାମାଜିକ ଅସମାନତା, ଅବହେଳିତ ମଣିଷ ପ୍ରତି ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ କବି ସ୍ୱର ଉତ୍ତୋଳନ କରିଛନ୍ତି । ଜଣେ ସଚ୍ଚୋଟ ପ୍ରେମିକ ହିଁ ବିପ୍ଳବର ସ୍ୱର ତୋଳିପାରେ । ଯାହା ଏହି ପୁସ୍ତକର ଅନେକ କବିତାରେ ବଳିଷ୍ଠ ଭାବେ ପ୍ରତିଫଳିତ ହୋଇଛି । ଏ ବିପ୍ଳବ ଅସତ୍ୟରୁ ସତ୍ୟକୁ, ଅନ୍ଧାରରୁ ଆଲୋକ ଆଡ଼କୁ ମଣିଷକୁ ଉତ୍ତୋଳିତ କରି ନେବାର ଏକ ସର୍ଜନଶୀଳ ପ୍ରୟାସ । 'ସୂର୍ଯ୍ୟ ଉଇଁବାର ବେଳ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

### ବୋଝ ଓ ଅନ୍ୟାନ୍ୟ ଗଳ୍ପ

ରଶ୍ମି ସାମଲ



ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୪
ମୂଲ୍ୟ: ୧୫୦ ଟଙ୍କା

ଜୀବନର ନିବିଡ଼ ଅନୁଭବ ଓ ଅଭୁଲା ଅନୁଭୂତି ରଶ୍ମି ସାମଲଙ୍କ 'ବୋଝ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର ଅନେକ ଗଳ୍ପରେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକରେ ମୋଟ ୩୧ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗଳ୍ପର ଆବେଦନ ଓ ସ୍ୱର ଭିନ୍ନ ଭିନ୍ନ । ମାନବୀୟ ଭାବାବେଗ ଓ ସାମାଜିକ ବାସ୍ତବତାର ଚିତ୍ର ମାର୍ମିକ ଭାବେ ଅନେକ ଗପରେ ପ୍ରସ୍ଫୁଟିତ ହୋଇ ଉଠିଛି । ଏହି ପୁସ୍ତକରେ ସନ୍ନିବେଶିତ 'ଭୋକର ସ୍ୱପ୍ନ', 'ଅବୁଝାମଣା', 'ବାୟା ଚଢ଼େଇ', 'ଜନ୍ମଦିନ', 'ବୋଝ', 'ନିରୁତ୍ତର', 'ପୋଡ଼ପିଠା', 'ରକ୍ତ ସଂପର୍କ' 'ଝାପ୍‌ସା ଅନ୍ଧାର', 'ଜୀବନର ଦୋଛକି', 'ବୋକୀ ଝିଅଟା', 'ସଂପର୍କ', 'କଳାମାଳି', 'ଅବ୍ୟକ୍ତ ଅପରାହ୍ନ' ଆଦି ଗପ ମନଛୁଆଁ ହୋଇଛି । ଜଣେ ପୁଅକୁ ନେଇ ବାପାମାଆ ଦେଖିଥିବା ସ୍ୱପ୍ନ କିଭଳି ଧୂଳିସାତ୍ ହୋଇଯାଇଛି 'ବୋଝ' ଗପରେ ତାହା ଅତି ହୃଦୟସ୍ପର୍ଶୀ ଭାବେ ବର୍ଣ୍ଣିତ ହୋଇଛି । ଅନିତା ଦେବୀ ଓ ତାଙ୍କ ସ୍ୱାମୀ ଅଶ୍ୱିନୀ ବାବୁ ସ୍ୱାମୀସ୍ତ୍ରୀ ଉଭୟେ ବହୁ ଦୁଃଖକଷ୍ଟରେ ଏକମାତ୍ର ପୁଅ ବାପିକୁ ଡାକ୍ତରୀ ପାଠ ପଢ଼ାଇ ଥିଲେ । ସେ ବାପାମାଙ୍କ ସ୍ୱପ୍ନ ସାକାର କରିବ ବୋଲି ଭାବୁଥିଲେ । ହେଲେ ଡାକ୍ତର ପୁଅ ଓ ବୋହୂଙ୍କ ପାଇଁ ସେମାନେ କିଭଳି ବୋଝ ପାଲଟି ଯାଇଛନ୍ତି, ତାହାକୁ ନେଇ ଏହି ଗପର କାହାଣୀ ଗତିଶୀଳ ହୋଇଛି । ମାନବୀୟ ସଂପର୍କ, ଆତ୍ମୀୟତା, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର, ଗ୍ରାମ୍ୟଜୀବନର ନିଚ୍ଛକ ପ୍ରତିଛବି ଅନେକ ଗପରେ ପ୍ରତିଫଳିତ ହୋଇଛି । ପ୍ରତିଟି ଗପରେ ଏକ ସାମାଜିକ ବାର୍ତ୍ତା ରହିଛି । 'ବୋଝ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ବିସ୍ଫୋରକ ସହ ଟ୍ରକ୍ ଲୁଟ୍ ଘଟଣା

# ସରିଲା ୨ ଦିନିଆ ରିମାଣ୍ଡ; ଜେଲ୍ ଗଲେ ଗୋଦାମ ମାଲିକ



ରାଉରକେଲା, ୭।୬(ସମିସ): ଦୁଇ ଦିନିଆ ରିମାଣ୍ଡ ଶେଷ ପରେ ପୁଣି ଜେଲ ହାଜତକୁ ଯାଇଛନ୍ତି ବିସ୍ଫୋରକ ଗୋଦାମ ମାଲିକ ଶ୍ରବଣ କୁମାର ଅଗ୍ରୱାଲ। ଶ୍ରବଣ ଓ ତାଙ୍କ ପତ୍ନୀ ନିକିତା ଅଗ୍ରୱାଲଙ୍କୁ ରଘୁନାଥପଲ୍ଲୀ ଥାନାରେ ଗତକାଲି ସନ୍ଧ୍ୟାରେ ମୁହାଁମୁହିଁ ଜେରା କରି ପୁଲିସ ଅନେକ ତଥ୍ୟ ହାସଲ କରିଛି। ରଘୁନାଥପାଲି ଥାନା ପୁଲିସଙ୍କ ସହ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ଏସଆଟି ଟିମ ଓ ଜିଏସଟି ଟିମ ଘନଘନ ଜେରା କରି ଅନେକ ତଥ୍ୟ ହାସଲ କରିଛନ୍ତି। ଦୁଇଦିନିଆ ରିମାଣ୍ଡ ଶେଷ ହେବା ପରେ ଶନିବାର ରାଉରକେଲା ଜେଲ ହାଜତକୁ ଯାଇଛନ୍ତି ଶ୍ରବଣ।

ରଘୁନାଥପାଲି ଥାନା ପୁଲିସଙ୍କ ସହ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ପୁଲିସ ଏସଆଇଟି ଟିମ ଜେରା କରି ଅନେକ ତଥ୍ୟ ହାସଲ କରିଛନ୍ତି। ଏହାସହ ଜିଏସ୍‌ଟି ଡେପୁଟି କମିଶନଙ୍କ ନେତୃତ୍ୱରେ ଏକ ଟିମ୍ ମଧ୍ୟ ପଚରାଉଚରା କରିଛନ୍ତି। ଶ୍ରବଣ ଓ ତାଙ୍କ ପତ୍ନୀ ନିକିତା ଅଗ୍ରୱାଲଙ୍କ ନାମରେ ୪ ଟି ଲାଇସେନ୍ସ ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ନିକିତା ବିସ୍ଫୋରକ ସାମଗ୍ରୀ କିଣିବା ମହଜୁଦ ରଖିବା ଓ ବିକ୍ରି କରିବା କାର୍ଯ୍ୟ କରୁଥିବାବେଳେ ଶ୍ରବଣ ଖଣିରେ ବ୍ଲାଷ୍ଟିଙ୍ଗ କରିବା କାର୍ଯ୍ୟ କରୁଥିଲେ। ଏଥିସହ ଏହାର ଲାଇସେନ୍ସ ଥିବା ପଚରାଉଚରା ସମୟରେ ଜଣାପଡ଼ିଛି।

ଜିଏସଟି ପଇଠ ନକରି ଓ ବିନା କାଗଜପତ୍ରରେ କାହିଁକି ବିସ୍ଫୋରକ ସାମଗ୍ରୀ ଚାଲାଣ କରୁଥିଲେ, ସେନେଇ ପୁଲିସ ପଚରାଉଚରା ସମୟରେ ଅନେକ ତଥ୍ୟ ସଂଗ୍ରହ କରିଥିବା ସୂଚନା ମିଳିଛି।

ପତ୍ନୀ ଓ ପତିଙ୍କ ବିସ୍ଫୋରକ ବ୍ୟବସାୟରେ କ'ଣ ଭୂମିକା ରହିଛି। ବିସ୍ଫୋରକ ସାମଗ୍ରୀ କେଉଁଠୁ କିଣି ଆଣୁଥିଲେ। କେଉଁ କେଉଁ ଅଞ୍ଚଳକୁ ବିସ୍ଫୋରକ ସାମଗ୍ରୀ ଯୋଗାଣ କରୁଥିଲେ ଓ ଏସ୍‌ଓପି କାହିଁକି ପାଳନ କରାଯାଉନଥିଲା, ସେନେଇ ପଚରାଉଚରା କରାଯାଇ ପୁଲିସ ପକ୍ଷରୁ ଅନେକ ତଥ୍ୟ ହାସଲ କରାଯାଇଥିବା ସୂଚନା ମିଳିଛି।

ବାଙ୍କୋ ପଥର ଖଣିରେ ବିସ୍ଫୋରଣ ମହଜୁଦ ରଖିବା ଓ ବ୍ଲାଷ୍ଟିଙ୍ଗ କରିବା ପାଇଁ ପଥର ଖଣି ମାଲିକଙ୍କ ଲାଇସେନ୍ସ ନଥିବାରୁ ଗର୍ଗ ବ୍ଲାଷ୍ଟ ସର୍ଭିସର ଶ୍ରବଣ କୁମାର ଅଗ୍ରୱାଲଙ୍କୁ ବ୍ଲାଷ୍ଟିଙ୍ଗ କରିବା ପାଇଁ ଏଗ୍ରିମେଣ୍ଟ ହୋଇଥିବା ତଦନ୍ତରୁ ଜଣାପଡିଛି। ଶ୍ରବଣଙ୍କ ବିସ୍ଫୋରକ ସାମଗ୍ରୀ ଖଣିକୁ ନେଇ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରିବା ପରେ ବିଲ୍ କରୁଥିବା ପଥର ଖଣି ମାଲିକ ନିରଜ ପାଣ୍ଡେ ପୁଲିସକୁ ସୂଚନା ଦେଇଛନ୍ତି। ଯେତିକି ବିସ୍ଫୋରକ ସାମଗ୍ରୀ ବ୍ୟବହାର ହେବା ଓ ବଳକା ବିସ୍ଫୋରକ ସାମଗ୍ରୀ ଫେରସ୍ତ ହେବା ପରେ ବିଲ ହୋଇ ପରେ ପେମେଣ୍ଟ କରାଯାଉଥିଲା। ବଙ୍କୋ ପଥର ଖଣି ମାଲିକ ନିରଜ ପାଣ୍ଡେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ମଇ ୨୭ ତାରିଖ ରାତିରେ ବାଙ୍କୋ ପଥର ଖଣି ନିକଟରୁ ମାଓବାଦୀମାନେ ୫ ହଜାର କେଜି ବିସ୍ଫୋରକ ଲୁଟି ନେବା ଘଟଣାରେ ଓଡିଶା ଝାଡଖଣ୍ଡ ପୁଲିସ ଓ ସିଆରପିଏଫ ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ ଓ କମ୍ବିଂ ଅପରେସନ କରି ଏବେ ସୁଦ୍ଧା ୩୮୦୦ କେଜି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ବଳକା ବିସ୍ଫୋରକ ସାମଗ୍ରୀ ଜବତ କରିବା ପାଇଁ ପୁଲିସ ପକ୍ଷରୁ ଅପରେସନ ଜାରି ରହିଛି।

# ନିହତ ହେଉଛନ୍ତି ବଡ଼ ବଡ଼ ମାଓ ନେତା

## ୩ ଦିନରେ ଗଲାଣି ୭ ମାଓବାଦୀଙ୍କ ଜୀବନ

ମାଲକାନଗିରି, ୭।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଥିବା ଜାତୀୟ ଉଦ୍ୟାନରେ ଗତ ତିନି ଦିନ ହେଲା ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ମୋଟ ୭ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଗତ ୫ ତାରିଖରୁ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ଏହି ତଲାସି ଅଭିଯାନ ଜାରି ରହିଥିବା ବେଳେ ଗତ ୫ ୬ ଓ ଆଜି ଅର୍ଥାତ ୭ ତାରିଖରେ ମାଓ ଦମନ କ୍ଷେତ୍ରରେ ବିଜାପୁର ର ଜାତୀୟ ଉଦ୍ୟାନ ରେ ଜବାନଙ୍କ ପକ୍ଷରୁ ଜାରି ଥିବା ଅପରେସନ ରେ ମୋଟ ୭ ମାଓବାଦୀଙ୍କ ମରଶରୀର ଉଦ୍ଧାର କରାଯାଇଛି। ୫ ତାରିଖରେ ମାଓ କେନ୍ଦ୍ରୀୟ କମିଟି ର ସଦସ୍ୟ ସୁଧାକର, ୬ ତାରିଖରେ ତେଲେଙ୍ଗାନା କମିଟି ର ସଦସ୍ୟ ଭାସ୍କର ଓ ଆଜି ଅର୍ଥାତ ୭ ତାରିଖରେ ୫ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଆଜି



ନିହତ ହୋଇଥିବା ୫ମାଓବାଦୀ ଙ୍କ ମଧ୍ୟରେ ୨ ମହିଳା ମାଓବାଦୀ ଓ ୩ ପୁରୁଷ ମାଓବାଦୀ ରହିଛନ୍ତି। ଘଟଣା ସ୍ଥଳରୁ ୨ଟି ଏକେ ୪୭ ବନ୍ଧୁକ ଓ ମାଓ ସାମଗ୍ରୀ ଜବତ। ମାଓନେତା ଭାସ୍କର ନାମରେ ସରକାର ୨୫ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ। ମାଓ ସଙ୍ଗଠନରେ ନେତୃତ୍? ନେଉଥିବା ଅମ୍ବାଲା କେଶବ, ସୁଧାକର ଓ ଭାସ୍କରର ମୃତ୍ୟୁ ପରେ ମାଓ ସଙ୍ଗଠନ ଏକ ପ୍ରକାର ଭାଙ୍ଗି ପଡିଥିବା ବେଳେ ବର୍ତ୍ତମାନ ମାଓ ସଙ୍ଗଠନର ମଙ୍ଗ ଧରିବାକୁ କେହି ନାହାନ୍ତି ବୋଲି କୁହାଯାଉଛି। ଏପରି ସାମୀରେ ମାଓବାଦୀ ମାନେ ଜଙ୍ଗଲ ମଧ୍ୟରେ ଯବାନଙ୍କ ଠାରୁ ଲୁଚି ଛପି ନିଜର ଜୀବନ ବଞ୍ଚାଉ ଥିବା ବେଳେ ନେତୃତ୍? କିଏ ନେବ ସେନେଇ ଆଲୋଚନା ମଧ୍ୟ ହୋଇ ପାରୁନଥିବା ସୂଚନା ମିଳିଛି। ନେତୃତ୍? ବିହୀନ ମାଓ ସଂଗଠନ ବର୍ତ୍ତମାନ ଏକ ପ୍ରକାର ସେସ ନିଶ୍?ାସ ନେଉଥିବା ବେଳେ ଯବାନଙ୍କ ଘନ ଘନ ଅପରେସନ ଯୋଗୁଁ ମାଓବାଦୀ ମାନେ ପଛ ଘୁଞ୍ଚା ଦେଇ ପୂର୍ବଉର ଅନେକ ଥର ଶାନ୍ତି ବାର୍ତ୍ତା ପାଇଁ ମଧ୍ୟ ଅପିଲ କରିଛନ୍ତି।

# ରାଇଘର ବ୍ଲକ ଚାଷୀଙ୍କ ଧାନ ବିକ୍ରି ବକେୟା ତୁରନ୍ତ ଦିଆଯାଉ: ବିଜେଡି



ଭୁବନେଶ୍ୱର, ୭।୬(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ୩୪୪ ଚାଷୀଙ୍କ ଧାନ ବିକ୍ରି ବକେୟା ପ୍ରାୟ ସାଢ଼େ ୪ କୋଟି ଟଙ୍କା ତୁରନ୍ତ ରାଜ୍ୟ ସରକାର ପ୍ରଦାନ କରନ୍ତୁ ବୋଲି ବିଜେଡି ଦାବି କରିଛି। ଭୁବନେଶ୍ୱରଠାରେ ରାଇଘର ଚାଷୀଙ୍କ ଅହୋରାତ୍ର ଧାରଣାସ୍ଥଳକୁ ଯାଇ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଉପସଭାପତି ସଞ୍ଜୟ ଦାସବର୍ମା, ଚାଷୀଙ୍କ ନ୍ୟାଯ୍ୟ ଦାବିକୁ ସମର୍ଥନ ଜଣାଇବା ସହ ରାଜ୍ୟ ସରକାର ଏ ବାବଦରେ ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି।

ଗତ ତିନି ଦିନ ଧରି ରାଇଘର ବ୍ଲକର ଚାଷୀମାନେ ଆସି ରାଜଧାନୀରେ ଅହୋରାତ୍ର ଧାରଣା ଦେଇଛନ୍ତି। ସେମାନେ ସରକାରୀ ନିୟମ ମୁତାବକ ଟୋକେନ ଜରିଆରେ ୧୮,୦୦୦ କୁଣ୍ଟାଇ ଧାନ ବିକ୍ରୟ କରିବାର ଚାରି ମାସ ବିତିଯାଇଥିଲେ ମଧ୍ୟ ସେମାନଙ୍କର ପ୍ରାପ୍ୟ ସରକାର ପ୍ରଦାନ କରିନାହାନ୍ତି। ଗତକାଲି ଧାରଣାସ୍ଥଳକୁ ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ ଓ ପ୍ରଦୀପ ମାଝୀ ଯାଇ ଚାଷୀଙ୍କୁ ସମର୍ଥନ ଜଣାଇଥିଲେ। ଶନିବାର ବିଜେଡିର ଦୁଇ ବରିଷ୍ଠ ନେତା ଶ୍ରୀ ମିଶ୍ର ଓ ଶ୍ରୀ ଦାସବର୍ମା ଧାରଣାରେ ସାମିଲ ହେବା ସହ ସରକାରଙ୍କ ଚାଷୀଙ୍କ ପ୍ରତି ହେୟ ମନୋଭାବକୁ କଡ଼ା ଭାଷାରେ ନିନ୍ଦା କରିଥିଲେ। ଚାଷୀଙ୍କ ଜୀବନଜୀବିକା ସହ ଖେଳି ଏଭଳି ଅପରାଧୀଙ୍କୁ ଅବହେଳା କରିଥିବା ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଧାନ ସଂଗ୍ରହକୁ ନେଇ ରାଜ୍ୟ ସରକାର ଯେଉଁଭଳି ନିଜ ପିଠି ନିଜେ ଥାପୁଡଉଛନ୍ତି, ଏହା ତାହାର ଏକ ଜ୍ୱଳନ୍ତ ନମୁନା। ଚାଷୀଙ୍କଠାରୁ ଧାନ ସଂଗ୍ରହ କରି ସାରିବା ପରେ ଚାରି ମାସ ଧରି ବକେୟା ପ୍ରଦାନ ନକରି ନିରବ ରହିବା ରାଜ୍ୟ ସରକାରଙ୍କ ଚାଷୀକୁଳ ପ୍ରତି ସମ୍ବେଦନହୀନତାର ପରିଚୟ ବୋଲି ଉଭୟ ଶ୍ରୀ ମିଶ୍ର ଓ ଦାସବର୍ମା ଅଭିଯୋଗ କରିଛନ୍ତି।

■ ମଦଭାଟି ପୋଡି ମାମଲାରେ ଚାର୍ଜଫ୍ରେମ

# ବ୍ରହ୍ମପୁର କୋର୍ଟରେ ହାଜର ହେଲେ ଜୟପୁର ବିଧାୟକ



ବ୍ରହ୍ମପୁର,୭।୬(ସମିସ): ୨୦୧୬ ମସିହାର ଏକ ଦେଶୀ ମଦଭାଟି ପୋଡ଼ି ଓ ଟଙ୍କା ଲୁଟ ମାମଲାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଶନିବାର ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ହାଜର ହୋଇଛନ୍ତି। ଉକ୍ତ ମାମଲାରେ ତାଙ୍କୁ ଜଡ଼ିତ କରାଯାଇଥିବା ଜଜ୍ ତାଙ୍କୁ ସୂଚନା ଦେଇଥିଲେ। ଏହି ମାମଲାର ବିଚାରଣା ଜୁଲାଇ ୧ରେ ଆରମ୍ଭ ହେବ। ପୂର୍ବରୁ ଗତ ୨୦୨୪ ଏପ୍ରିଲ ୧୮ରେ ଏହି କୋର୍ଟରେ ସେ ଆତ୍ମସମର୍ପଣ କରିଥିଲେ। ବିଧାୟକ ବାହିନୀପତିଙ୍କୁ ୫୦ହଜାର ଟଙ୍କାର ୨ଟି ମୁଚାଲିକା ଓ ୧୦ହଜାର ଟଙ୍କା ପଇଠରେ ସର୍ତ୍ତମୂଳକ ଜାମିନ ମଞ୍ଜୁର ହୋଇଥିଲା।

ସୂଚନାଯୋଗ୍ୟ ଯେ, ୨୦୧୬ ମାର୍ଚ୍ଚ ୧୦ରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ପୁରୁଣା ବୋରିଗୁମ୍ମା ମଣ୍ଡିପଡିଆଠାରେ ଶ୍ରୀବାହିନୀପତିଙ୍କ ନେତୃତ୍ୱରେ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ ଅଞ୍ଚଳରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦଭାଟି ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ ଶତାଧିକ ଲୋକ ସେଠାରେ ଥିବା ଦେଶୀ ମଦଭାଟିରେ ପହଞ୍ଚି ବିପୁଳ ପରିମାଣର ଦେଶୀ ମଦ ଓ ମହୁଲି ନଷ୍ଟ କରିବା ସହ ଭାଟିରେ ନିଆଁ ଲଗାଇ ୭୫ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଭାଟିର କର୍ମଚାରୀ ଅନୀଲ କୁମାର ଗୁପ୍ତା ବୋରିଗୁମ୍ମା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶ୍ରୀବାହିନୀପତିଙ୍କ ସହ ମୋଟ ୨୪ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ଏହି ମାମଲାର ବିଚାରଣା ପୂର୍ବରୁ ସ୍ଥାନୀୟ କୋର୍ଟରେ ଚାଲୁଥିଲା। ହେଲେ ଜନପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ ହେବା ପରେ ମାମଲାଟି ବ୍ରହ୍ମପୁର ସ୍ଥିତ ଏଡିଜେ-୩ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ମାମଲାର ବିଚାରଣା ଚାଲୁଥିବା ବେଳେ କୋର୍ଟରେ ହାଜର ହେବାକୁ ଶ୍ରୀବାହିନୀପତି ଓ ଅନ୍ୟ ଅଭିଯୁକ୍ତଙ୍କୁ ସମନ୍ ଜାରି ହୋଇଥିଲା। ହେଲେ ବାରମ୍ବାର ସମନ ସତ୍ତ୍ୱେ ହାଜର ନହେବାରୁ କୋର୍ଟ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ତେବେ ୱାରେଣ୍ଟ ବଳରେ ଗିରଫ ହେବା ପୂର୍ବରୁ କୌଣସି ସୂତ୍ରରୁ ଖବରପାଇ ଶ୍ରୀବାହିନୀପତି ଶନିବାର ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର କୋର୍ଟରେ ଆତ୍ମସମର୍ପଣ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମାଗୁଣି ପଲାଇ ମକଦ୍ଦମା ପରିଚାଳନା କରୁଥିବା ବେଳେ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଦୀପକ ପଟ୍ଟନାୟକ ପରିଚାଳନା କରୁଛନ୍ତି।

# ଯୁବକଙ୍କ ମୃତଦେହ ଉଦ୍ଧାର



ବରଗଡ଼,୭।୬(ସମିସ): ବରଗଡ଼ ସହର ଦିନକୁ ଦିନ ଅଶାନ୍ତ ହୋଇପଡ଼ୁଛି। ପୁଲିସକୁ ଚ୍ୟାଲେଞ୍ଜ କଲା ପରି ଆସାମୀମାନେ ଗୋଟିଏ ପରେ ଗୋଟିଏ କାଣ୍ଡ ଭିଆଇ ଚାଲିଛନ୍ତି। ଦିନକ ପୂର୍ବରୁ ୩ ଲକ୍ଷ ୫୦ ହଜାର ଟଙ୍କା ସ୍କୁଟି ଡିକିରୁ ଗାଏବ ହୋଇଥିବାବେଳେ ଆଜି ବରଗଡ଼ ସହର ଉପଖଣ୍ଡ ପଞ୍ଚାୟତ କଲେଜ ପାଖ ବିଲ ମଧ୍ୟରୁ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତ ଦେହ ଦେଖିବାକୁ ମିଳିଛି। କେହି ଦୃର୍ବୃତ୍ତ ହତ୍ୟା କରିବା ପରେ ମୃତଦେହକୁ ମାଟି ରେ ପୋତିବାକୁ ଚେଷ୍ଟା କରି ଅଧା ପୋତି ଛାଡ଼ିଦେଇ ଚାଲିଯାଇଛି। ମୃତକ ସ୍ଥାନୀୟ ଅଞ୍ଚଳର ୪୫ ବର୍ଷୀୟ ଯୁବକ ଦେବରାଜ ପାଣିଗ୍ରାହୀ ବୋଲି ଜଣାପଡ଼ିଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲା ସେ ନେଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ମୃତ ବ୍ୟକ୍ତି ଜଣକ ବରଗଡ଼ରେ ଏକୁଟିଆ ରହୁଥିଲେ। ସେ ମୋବାଇଲ ଫୋନ୍ ବ୍ୟବହାର କରୁ ନ ଥିଲେ। କେମିତି କୋଉ ଆଧାରକୁ ନେଇ ପୁଲିସ ତଦନ୍ତ କରିବ ତାହା ଏବେ ପୁଲିସ ପାଇଁ ଚାଲେଞ୍ଜ ହୋଇଛି। ଅନ୍ୟପଟେ ମୃତକଙ୍କ ଭଉଣୀ ଘଟଣାର ଉଚିତ୍ ତଦନ୍ତ ସହ ଭାଇଙ୍କ ହତ୍ୟାକାରୀଙ୍କୁ ଶୀଘ୍ର ଗିରଫ କରାଯାଉ ବୋଲି ଦାବି କରିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate Niali, I, KABITA BHOI age-49years, At-Mahanga, PO-Amankud, PS-Niali, DIST-Cuttack, Pin-752103. have changed my name from RENUBALA BHOI to KABITA BHOI. Henceforth I shall be known as **KABITA BHOI** for all future purpose.

**AFFIDAVIT**

Before the Court of the Executive Magistrate, Sundargarh. I, Manjari Boda, D/o- Goutam Boda, R/o At- Gaidega, PO-Tildega, PS- Kinjirkela, Dist-Sundargarh do hereby declare that my correct name is Manjari Boda, which has been mentioned in my matric certificate and SEBC certificate. But my Aadhar card bearing no. 9301 2524 7502, my name has been wrongly mentioned as Mandakini Tajan instead of Manjari Boda. Hence both the persons are same and one person for purposes of correction of Aadhar card.

**AFFIDAVIT**

By Virtue Of an Affidavit no. 26/2 dtd. 19.5.2025 the Executive Magistrate Nayagarh, I Sarojini Pradhan W/o- Jatadhari Pradhan At/Po-Notar, Ps-Itamati, Dist-NAYAGARH have changed my name Saojini Pradhan to Sarojini Pradhan. Henceforth He will be know as Sarojini Pradhan for all purposes.

**NOTICE**

By virtue of an affidavit sworn before the Executive Magistrate, Udala, Mayurbhanj, dated 03.06.2025, Baruna Beherinia, Village- Puradihi, PO.-Jaida, PS.- Udala, Dist- Mayurbhanj, Odisha, Pin-757041 declare that I have changed my name from Barun Beherinian to Baruna Beherinia. Henceforth, I shall be known as Baruna Beherinia for all purposes.

Baruna Beherinia

**AFFIDAVIT**

By virtue of an affidavit before the Notary Public, Boudh, dtd- 02/06/2025. I, **Krushna Chandra Behera,** age 40 years, resident of Vill/Po- Dhalpur, Ps-Harbhanga, Dist- Boudh, Odisha. I declared that my son name **Biswajit Behera** who took birth 14/05/2017 at CHC Purunakatak, in birth certificate my son name has mentioned as **Biswajit Behera** but in Aadhar Card vide No - 3759 3287 9517 name has been wrongly recorded as **Suryabrat Behera.** Henceforth, both the name **Biswajit Behera** and **Suryabrat Behera** are same and one person and he will be known as **Biswajit Behera** for all future purposes.

**Krushna Chandra Behera**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

I, Rasmirekha Jena, aged about 48 years, W/o- Ranjan Kumar Jena, resident of S-4 CP-28/29, Niladri Vihar, Near Buddha Park, Chandrasekharpur, Bhubaneswar, Dist-Khordha, Odisha, PIN-751021 declare by this affidavit No. 1149, dtd-07/06/2025, that now onwards I shall be known as **RASHMIREKHA JENA** for all future purposes.

OFFICE OF THE PRINCIPAL
**MANDOSIL DEGREE COLLEGE, MANDOSIL**
Dist.: Bargarh, Pin-768050

**TENDER CALL NOTICE**

Invited sealed quotations from reputed Farms / Agency / Vendors to supply IT equipments at the college office by post / by hand on or before **18.06.2025.** For more details visit **www.mandosildegreecollege.com**

Sd/- Principal

# ଅବଶିଷ୍ଟାଂଶ

## ଆହୁରି ୫ ଦିନ...

ଉଲ୍ଲେଖଥାଉ କି, ଗତ ୨୪ଘଣ୍ଟାରେ ଉପକୂଳ ଓଡିଶାର ଚାରି ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଜଗତସିଂହପୁରରେ ସର୍ବାଧିକ ୮୬.୮ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଗଜପତିରେ ୮୨ମିମି, ଭଦ୍ରକରେ ୭୯.୧ମିମି, ପୁରୀରେ ୬୯.୧ମିମି ବର୍ଷା ରେକର୍ଡ ହୋଇଛି। ନୟାଗଡ଼ରେ ୪୮.୨ମିମି, କେନ୍ଦ୍ରାପଡାରେ ୪୫ମିମି, ଖୋର୍ଦ୍ଧାରେ ୪୦ ମିମି ବର୍ଷା ସହ ଗଞ୍ଜାମରେ ୩୭.୪ମିମି ବାଲେଶ୍ୱରରେ ୩୫ ମିମି ବର୍ଷା ରେକର୍ଡ ହୋଇଛି। ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଦେଖାଯାଇ ନାହିଁ। ପୂର୍ବପରି ପ୍ରାୟ ସମସ୍ତ ଜିଲ୍ଲାରେ ୩୩ ଡିଗ୍ରି ଉପରେ ତାପମାତ୍ରା ରହୁଛି। କେବଳ ଫୁଲବାଣୀରେ ସର୍ବନିମ୍ନ ୨୨ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବାବେଳେ ସମ୍ବଲପୁରରେ ସର୍ବାଧିକ ୩୯.୮ ଡିଗ୍ରୀ ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ୩୬.୭ ଡିଗ୍ରୀ ଓ କଟକରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତାକାଲିଠୁ ଏକାଧିକ ଜିଲ୍ଲାରେ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଅଧିକ ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଆସନ୍ତାକାଲି ପାଇଁ ବର୍ଷା ଥିବାବେଳେ ଅଗାମୀ ୭ ଦିନ ପାଇଁ ବିଶେଷ ବର୍ଷା ନ ହେଲେ ବି ପାଗ କୋହଲା ରହିବ ବୋଲି ବିଭାଗ କହିଛି।

## ବଢ଼ିଛି ଗ୍ରାମାଞ୍ଚଳ...

ବିଜେଡି ସରକାରଙ୍କ ବହୁ ଜନକଲ୍ୟାଣକାରୀ କାର୍ଯ୍ୟକାରୀ କରିଥିବା ବେଳେ ଏଥିଯୋଗୁଁ ଗରିବ ଲୋକେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି କ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚରୁ ବର୍ତ୍ତି ଯାଇଥିବା ବେଳେ ନିଜ ସଞ୍ଚୟ ସାମର୍ଥ୍ୟ ବୃଦ୍ଧି କରିପାରିଛନ୍ତି। ଏକ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ମିଶନ ଶକ୍ତି, ମୋ ସ୍କୁଲ ପରି ସରକାରୀ ଯୋଜନା ରାଜ୍ୟବାସୀଙ୍କ ପାଇଁ ବରଦାନ ସାଜିଥିବା ବେଳେ ଲୋକେ ଅଯଥା ଖର୍ଚ୍ଚରୁ ବର୍ତ୍ତି ପାରିଛନ୍ତି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାରଣରୁ ଲୋକେ ସ୍ୱାସ୍ଥ୍ୟ ବାବଦରେ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରୁ ବର୍ତ୍ତିଥିବା ବେଳେ ଏହା ସେମାନଙ୍କର ସଞ୍ଚୟ ଶକ୍ତିକୁ ବୃଦ୍ଧି କରିପାରିଛି। ଯାହା ସେମାନଙ୍କର କ୍ରୟ ଏବଂ ଖର୍ଚ୍ଚ ଶକ୍ତିକୁ ବୃଦ୍ଧି କରିପାରିଛି। ସେହିପରି ପିଲାଙ୍କ ପାଠ ପଢ଼ାଟାରୁ ଆରମ୍ଭ କରି ମହିଳାଙ୍କୁ ଆତ୍ମନିର୍ଭର କରିବା ଯାଏଁ ବିଜେଡି ସରକାରଙ୍କ ପ୍ରଣୀତ ଏକାଧିକ ଯୋଜନା ରାଜ୍ୟବାସୀଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ କରିପାରିଛି। ରାଜ୍ୟ ସରକାରଙ୍କ ଏହି ଯୋଜନାଗୁଡ଼ିକର ସୁଫଳତା ଏଚସିଇଏସ ରିପୋର୍ଟରେ ପ୍ରତିଫଳିତ ହୋଇଛି ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ...

ଅଧିକ ହ୍ରାସ ଘଟିଛି। ଟ୍ରମ୍ପ ସହ ବିବାଦରେ ମସ୍କଙ୍କ ଟେସଲାକୁ ବଡ଼ କ୍ଷତି ସହିବାକୁ ପଡିଛି। ଏମିତିକି ମାତ୍ର ଗୋଟିଏ ଦିନରେ ଟେସଲାର ବଜାର ମୂଲ୍ୟରେ ପ୍ରାୟ ୧୫୦ ବିଲିୟନ ଡଲାର ହ୍ରାସ ଘଟିଛି। ଟ୍ରମ୍ପ ତାଙ୍କ ସାହାଯ୍ୟ ବିନା ଜିତିପାରି ନ ଥାନ୍ତେ ବୋଲି ନିକଟରେ ମସ୍କ କହିବା ପରେ ଟ୍ରମ୍ପ ପାଲଟା ଆକ୍ରମଣ କରିଛନ୍ତି। ଟ୍ରମ୍ପ୍ ସୋସିଆଲ ମିଡିଆରେ ମସ୍କଙ୍କୁ ଦେଶଦ୍ରୋହୀ ବୋଲି କହି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ବଜେଟ୍‌ରେ କୋଟି କୋଟି ଡଲାର ସଞ୍ଚୟ କରିବାର ସହଜ ଉପାୟ ହେଉଛି ଏଲନ୍ ମସ୍କଙ୍କ ସରକାରୀ ସବସିଡି ଏବଂ ଚୁକ୍ତିନାମାକୁ ବନ୍ଦ କରିବା।

ଅପରପକ୍ଷେ ଟ୍ରମ୍ପଙ୍କ ସହ ବିବାଦ ପରେ, ମସ୍କ ଏକ ନୂତନ ରାଜନୈତିକ ଦଳ ଗଠନ କରିବାକୁ ଚିନ୍ତା କରୁଛନ୍ତି। ମସ୍କ ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି, ଆମେରିକାରେ ଏକ ନୂତନ ରାଜନୈତିକ ଦଳ ଗଠନ କରିବାର ସମୟ କ'ଣ ଆସିଛି, ଯାହା ଆମେରିକାର ୮୦% ମଧ୍ୟବିତ୍ତ ବର୍ଗର ଲୋକଙ୍କୁ ପ୍ରତିନିଧିତ୍ୱ କରେ। ତାଙ୍କ ପୋଷ୍ଟରେ ୫୬ ଲକ୍ଷରୁ ଅଧିକ ଲୋକ ଅନଲାଇନରେ ଭୋଟ ଦେଇଛନ୍ତି। ଏଥିମଧ୍ୟରୁ ୮୦.୪% ଲୋକ ମସ୍କଙ୍କ ଧାରଣା ସହିତ ସହମତ। ଏକ ଥିଙ୍କ ଟ୍ୟାଙ୍କକୁ ଜବାବ ଦେଇ ମସ୍କ କହିଛନ୍ତି, ଡୋନାଲ୍ଡ ଟ୍ରମ୍ପ ଆଉ ମାତ୍ର ୩.୫ ବର୍ଷ ପାଇଁ ରାଷ୍ଟ୍ରପତି ରହିବେ, କିନ୍ତୁ ମୁଁ ଏଠାରେ ୪୦ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ରହିବି। ବିଶେଷଜ୍ଞଙ୍କ ଅନୁସାରେ, ମସ୍କଙ୍କୁ ଯେଉଁ ପ୍ରକାରର ସମର୍ଥନ ମିଳିଛି, ସେ ଆଗାମୀ ଦିନରେ ଏକ ରାଜନୈତିକ ଦଳ ଗଠନ କରିପାରିବେ। ସୂଚନାଯୋଗ୍ୟ ଯେ, 'ଏକ୍ସ' ରେ ମସ୍କଙ୍କ ୨୦୦ ନିୟୁତରୁ ଅଧିକ ଅନୁଗାମୀ ଅଛନ୍ତି।

## ମହିଳା ମୃତ...

ହୋଇଥିବା ସହ ତାଙ୍କ ନାତୁଣୀ ରୁକ୍‌ସାନା ବେଗମ ଓ ଶାଳୀ ଅମିନା ବିବି ଆହତ ହୋଇଛନ୍ତି। ତାଙ୍କ ଘରେ କେହି ଅଜ୍ଞାତ ବିସ୍ଫୋରଣ ସାମଗ୍ରୀ ରଖି ଦେଇଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବୋଲଗଡ଼ ଥାନାରେ କେସ୍ ନଂ ୧୨୫/୨୫ରେ ଏକ ମାମଲା ରୁଜୁ ହେବା ସହିତ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଘରୁ ଘୋଷାଡ଼ିନେଇ...

କାବଟ ବାଡ଼େଇଥିଲେ। ମହିଳା କବାଟ ଖୋଲୁଖୋଲୁ ଅଭିଯୁକ୍ତଦ୍ୱୟ ତାଙ୍କୁ ଘୋଷାଡ଼ି ଘୋଷାଡ଼ି ପାଖରେ ଥିବା ଏକ ପରିତ୍ୟକ୍ତ ଘରକୁ ନେଇ ଯାଇଥିଲେ। ପରେ ସେଠାରେ ଗଣଦୁଷ୍କର୍ମ କରିଥିଲେ। ତେବେ ଭୋର୍ ସମୟରେ ଏହି ଅଘଟଣ ଘଟିଥିବାରୁ ସ୍ଥାନୀୟ ଲୋକ ଜାଣିପାରିନଥିଲେ। ପରେ ମହିଳାଜଣଙ୍କ ଏ ସଂପର୍କରେ ଜଣାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ପରେ ମହିଳାଙ୍କ ପରିବାରଲୋକ ଏ ସଂପର୍କରେ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ।

## ସହରୀ ବିକାଶ...

୨ବର୍ଷରେ ୩ ଲକ୍ଷ ବେଆଇନ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ହୋଇଛି। ଏଭଳି କାରନାମା କରିଥିବା ୩୦୦ ଅଧିକାରୀଙ୍କୁ ଚିହ୍ନଟ କରାଗଲା। ଏମାନଙ୍କ ବିରୋଧରେ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଗଲା। ହେଲେ କାର୍ଯ୍ୟାନୁଷ୍ଠାନ କେବଳ କାରଣ ଦର୍ଶାଅ ନୋଟିସରେ ସୀମିତ ରହିଗଲା। ଲେ-ଆଉଟ୍ ଅନୁମୋଦନ ସରଳ ଓ ସହଜ କରିବାକୁ ବାଟ ବାହାରୁନି। ଆପାର୍ଟମେଣ୍ଟ କିଣାବିକାକୁ ନେଇ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ସରକାର କୌଣସି ଠୋସ୍ ନିଷ୍ପତ୍ତି ନେଇ ପାରୁନାହାନ୍ତି। ଅକ୍ୟୁପାନ୍ସି ସାର୍ଟିଫିକେଟ ଓ କମ୍ପ୍ଲିସନ୍ ସାର୍ଟିଫିକେଟ ଦ୍ୱନ୍ଦ୍ୱ ହଟୁ ନଥିବାରୁ ଅଦାଲରେ ମାମଲା ଗଡ଼ିଚାଲିଛି। ଫଳରେ ରିୟଲ-ଇଷ୍ଟେଟ୍ କାରବାର ଏକ ପ୍ରକାର ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ରିୟଲଇଷ୍ଟେଟ୍ ଆକ୍ଟିଭିଷ୍ଟମାନେ ମତ ପ୍ରକାଶ କରିଛନ୍ତି।

ଟାଉନ ପ୍ଲାନିଂ ସ୍କିମ୍ ଜୋରଦାର କରିବାକୁ ସରକାର ଅଣ୍ଟା ଭିଡ଼ିଥିଲେ। ହେଲେ ଜମି ମାଲିକମାନେ ବିଭିନ୍ନ ଜାଗାରେ ଏହାକୁ ବିରୋଧ କରୁଛନ୍ତି। ଭୁବନେଶ୍ୱର ପରେ କଟକର ପ୍ରଥମ ଟାଉନ ପ୍ଲାନିଂ ଯୋଜନାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏଭଳି ସ୍ଥିତିରେ ସହରୀ ବିକାଶ ଯୋଜନାରେ ସ୍ୱଚ୍ଛତା ନେଇ ବିଭାଗୀୟ ମନ୍ତ୍ରୀଙ୍କ ଦାବି ଖାଲି ଘୋଷଣାରେ ରହିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

## କୁଳସଚିବ ନେଇଛନ୍ତି...

ଏକ ପ୍ରସ୍ତାବ ଦେଲେ। ପୂର୍ବରୁ ଦିଲ୍ଲୀର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ସହକାରୀ-କୁଳସଚିବ ଭାବେ କାର୍ଯ୍ୟ କରିଥିବାରୁ ତଦନୁଯାୟୀ ଦରମା ପ୍ରଦାନ କରିବାକୁ ଅନୁରୋଧ କଲେ। ଏହାପରେ ଆଇଏମ୍‌ଏ ପକ୍ଷରୁ ତାଙ୍କ ମୂଳ ଦରମାକୁ ତିନିଗୁଣାରୁ ଅଧିକ ଅର୍ଥାତ ୧,୫୧,୧୦୦ ଟଙ୍କା କରାଯାଇଥିଲା। ଏନେଇ କୌଣସି ଅଫିସ୍ ଅର୍ଡର ମଧ୍ୟ ପ୍ରକାଶ ପାଇଲା ନାହିଁ।

ଅପରପକ୍ଷରେ ଆଇଏମ୍‌ଏରେ ନିଯୁକ୍ତି ପାଇଁ ଆବେଦନ କରିବା ସମୟରେ ମିଥ୍ୟା ତଥ୍ୟ ଦେଇଥିବା ଅଡିଟ୍‌ରେ ଜଣାପଡ଼ିଛି। ଦିଲ୍ଲୀର ସେହି ଘରୋଇ ଶିକ୍ଷାନୁଷ୍ଠାନରୁ ୨୦୨୩ ମେ' ମାସରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ ମଧ୍ୟ ଆବେଦନ ସମୟରେ ତାହା ଦର୍ଶାଇ ନଥିଲେ। ଚତୁରତାର ସହିତ କେବଳ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିବା ଦର୍ଶାଇଥିଲେ। ଆବେଦନର ଶେଷ ତାରିଖ ୨୦୨୩ ମାର୍ଚ୍ଚ ୧୮ ତାରିଖ ଥିବାବେଳେ ସେହି ସମୟରେ ଡ. ରାୟ ଚାକିରି କରୁଥିଲେ। ଅବସର ନନେଇ କିପରି ଆବେଦନ କଲେ ବୋଲି ଅଡିଟ୍‌ରେ ପ୍ରଶ୍ନ କରାଯାଇଛି। ସେ ଅନ୍ୟ ସ୍ଥାନରେ ଚାକିରି କରୁଥାଇ ମଧ୍ୟ ଆଇଏମ୍‌ଏରେ କୁଳସଚିବ ପଦ ପାଇଁ ଆବେଦନ କରିଥିବା ଦର୍ଶାଇ ତାଙ୍କ ନିଯୁକ୍ତିକୁ ଅବୈଧ ବୋଲି ଦର୍ଶାଯାଇଛି।

ସେହିପରି କୁଳସଚିବଙ୍କ ମାସିକ ଦରମା ୪୬ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଡ. ରାୟ ଜଣେ ଅବସରପ୍ରାପ୍ତ ଅଧିକାରୀଭାବେ ସେହି ପଦରେ ନିଯୁକ୍ତି ପାଇଥିବାରୁ ସେ ମଧ୍ୟ ୪୬ହଜାର ଟଙ୍କା ହିଁ ପାଇବାକୁ ଯୋଗ୍ୟ। ଡିଏ ଓ ଏଚ୍‌ଆର୍‌ଏ ମଧ୍ୟ ପାଇପାରିବେ ନାହିଁ। ହେଲେ ତାଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯାଇଛି। ଡିଏ, ଏଚ୍‌ଆର୍‌ଏ ସମେତ ଇପିଏଫ୍ ମଧ୍ୟ ପ୍ରଦାନ କରାଯାଇଛି। ଏପରିକି ଇପିଏଫ୍ ପ୍ରଦାନ ପାଇଁ କୌଣସି ଅଫିସ୍ ଅର୍ଡର ମଧ୍ୟ ନାହିଁ। ଏଗୁଡ଼ିକ ସମ୍ପୂର୍ଣ୍ଣ ଅବୈଧ ବୋଲି ଦର୍ଶାଇବା ସହ ଅଧିକ ୨୦ଲକ୍ଷ ୮୮ହଜାର ୮୬୨ ଟଙ୍କା ପ୍ରଦାନ କରାଯାଇଥିବା ଅଡିଟ୍‌ରେ ଉଲ୍ଲେଖ କରାଯାଇଛି। ଏହି ଅଧିକ ଅର୍ଥ ତାଙ୍କଠାରୁ ଆଦାୟ କରିବାକୁ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗକୁ ସୁପାରିସ୍ କରାଯାଇଛି। ଡ. ରାୟଙ୍କୁ ଅହେତୁକ ଅନୁକମ୍ପା ପଦାକୁ ଆସିବା ପରେ ଆଇଏମ୍‌ଏ ନିର୍ଦ୍ଦେଶକଙ୍କ ଭୂମିକାକୁ ନେଇ ମଧ୍ୟ ଅଭିଭାବକମାନେ ସନ୍ଦେହ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟ ୨୦ ତାରିଖରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ସିଏଜିଙ୍କ ପକ୍ଷରୁ ଅଡିଟ୍ କରାଯାଇଥିଲା।

# ଆର୍ଥିକ ଜୁଲୁମ୍ ବିରୋଧରେ ଟ୍ରକ୍ ମାଲିକଙ୍କ ମେଳି



ବାଲିବନ୍ଧ,୭ ।୬(ସମିସ): କେନ୍ଦୁଝର ଜିଲ୍ଲାରେ ଟ୍ରକ୍ ପରିବହନ ଜୀବିକାର୍ଜନର ଏକ ପ୍ରମୁଖ ମାଧ୍ୟମ ହୋଇଥିବାବେଳେ ବର୍ତ୍ତମାନ ଏହି ବ୍ୟବସାୟ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ସ୍ଲରି ପାଇପ୍ ଲାଇନ ଯୋଗେ ଖଣିଜ ପରିବହନ ପରେ ଟ୍ରକ୍ ଲୋଡିଙ୍ଗ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ବର୍ତ୍ତମାନ ଲୋକାଲ ଲୋଡିଂ କୋଟା ଟ୍ରକ୍ ମାଲିକଙ୍କ ସ୍ଥିତିକୁ ଆହୁରି ଦୟନୀୟ କରିଦେଇଥିବା ଅଭିଯୋଗ ହୋଇଛି । ଖଣି ଅଞ୍ଚଳ ବାହାରେ ରହିଥିବା ଟ୍ରକ୍ ମାଲିକଙ୍କ ପାଇଁ ମାସକୁ ଗୋଟିଏ ଟ୍ରିପ ଲୋଡ୍ ପାଇବା କଷ୍ଟକର ହୋଇ ପଡିଥିବାବେଳେ ଏକାଧିକ ଋଣ କିସ୍ତି ଫେଲ ହେବାରୁ ଗାଡ଼ି ମାଲିକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ଅଧିକାଂଶ ଟ୍ରକ୍ ସରେଣ୍ଡର କରିବା ପାଇଁ ନିଷ୍ପତ୍ତି ନେବାକୁ ବସିଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ଶୁକ୍ରବାର ଝୁମ୍ପୁରା ଥାନା, ଦୁଧକୁଣ୍ଡ ନିକଟରେ ଶତାଧିକ ଗାଡ଼ି ମାଲିକଙ୍କ ମେଳି ହୋଇଥିଲା । ସମସ୍ୟାର ସମାଧାନ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଛି ।

ଯୋଡ଼ା ଖଣି ମଣ୍ଡଳର କିଛି ପରିବହନ ଠିକାଦାରଙ୍କ ଦ୍ୱାରା ସ୍ଥାନୀୟ ଟ୍ରକ ମାଲିକମାନେ ବର୍ତ୍ତମାନ ଶୋଷଣର ଶିକାର ହେଉଛନ୍ତି । ସଦର ଏବଂ ଚମ୍ପୁଆ ନିର୍ବାଚନମଣ୍ଡଳୀର ପ୍ରାୟ ୫ ହଜାର ଟ୍ରକ ଖଣିଜ ପରିବହନ କରୁଥିବାବେଳେ ୩ ହଜାର ଟ୍ରକ ମାଲିକ ଯୋଡ଼ା ଖଣିକ୍ଷେତ୍ର ଉପରେ ନିର୍ଭର କରୁଛନ୍ତି । ଏବେ ଯାହାକିଛି ପରିବହନ ହେଉଛି ସେସବୁ ଜାଗାରେ ପରିବହନ ଠିକାଦାରମାନେ ଜୁଲୁମ କରୁଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଟ୍ରକ ଛିଡ଼ା ହୋଇ ରହୁଥିବା ସମୟରେ ଏସେଲ୍ ମାଇନିଙ୍ଗ ବସନ୍ତପୁର ପ୍ଲାଣ୍ଟରୁ ସମ୍ପୂର୍ଣ୍ଣ ଭାବେ ବାହାର ରାଜ୍ୟ ଟ୍ରକ ମାଧ୍ୟମରେ ମା'ତାରିଣୀ ଟ୍ରାନ୍ସପୋର୍ଟ ଏବଂ ପଦ୍ମିନୀ ଟ୍ରାନ୍ସପୋର୍ଟ ନାମକ ପରିବହନ ସଂସ୍ଥା ପରିବହନ କରୁଛି । ଏହାର ସମାଧାନ ପାଇଁ ଶୁକ୍ରବାର ଟ୍ରକ୍ ମାଲିକମାନେ ଏକ ବୈଠକ କରିଥିବାବେଳେ ଜିଲ୍ଲା ପ୍ରଶାସନ ଏବଂ ଟ୍ରକମାଲିକ ସଂଘ ଦ୍ୱୟଙ୍କୁ ଅବଗତ କରିବା ପାଇଁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି ମହେଶ ସିଂ, ହୃଷୀକେଶ ମହାନ୍ତ, ପ୍ରଭାସ ପ୍ରସାଦ ଗୁପ୍ତା, ଅଷ୍ଟକ ଅଲ୍ଲୀ, ରାଜେଶ ପ୍ରସାଦ ସାହୁ, ଲୋହିତ ବାରିକ,ଧାନଚାନ୍ଦ ବାରିକ ପ୍ରମୁଖ । ୭ଦିନ ଭିତରେ ଏହାର ସମାଧାନ କରା ନଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଟ୍ରକ ମାଲିକମାନେ ଚେତାବନୀ ଦେଇଛନ୍ତି ।

# ନିଲାମୀର ଲମ୍ବା ଲାଇନ; ଜିନ୍ଦଲ ହାତେଇଲା ରୋଇଡ଼ା ଖଣି

ଯୋଡ଼ା, ୭।୬ (ସମିସ):

ରାଜ୍ୟ ସରକାରଙ୍କ ପକ୍ଷରୁ ସୁନ୍ଦରଗଡ ଏବଂ କେନ୍ଦୁଝର ଜିଲ୍ଲାରେ ୮ଟି ଖଣିର ନିଲାମ ପ୍ରକ୍ରିୟା ଏବେ ଜାରି ରହିଛି । ସେଥିମଧ୍ୟରୁ ୪ଟି ଖଣିର ଲିଜ୍ ମିଆଦ ସରିଥିବା ବେଳେ ୪ଟି ନୂତନ ଖଣିର ନିଲାମ ପ୍ରକ୍ରିୟା ସରକାର ଆରମ୍ଭ କରିଛନ୍ତି । ଖଣିଗୁଡିକ ମଧ୍ୟରେ ସୁନ୍ଦରଗଡ ଜିଲ୍ଲା କୋଇଡା ଲୌହ ଖଣି, ଝୁମକା ପଲ୍‌ହିରିପଶି ୱେଷ୍ଟ ଲୌହ ଖଣି, ଓରାହୁରି ଲୌହ ଓ ମାଙ୍ଗାନିଜ ଖଣି, ଭାଙ୍ଗିପୁଷୁମ ମାଙ୍ଗାନିଜ ଖଣି ଏବଂ କେନ୍ଦୁଝର ଜିଲ୍ଲାର ରୋଇଡା-୧ ଲୌହ ମାଙ୍ଗାନିଜ ଖଣି, ପୁଟୁଳିପାଣି ଲୌହ ଖଣି, ଜଳହରି ଲୌହ ଓ ମାଙ୍ଗାନିଜ ଖଣି ଏବଂ ରୋଇଡା-ଡି ମାଙ୍ଗାନିଜ ଖଣି ଅନ୍ତର୍ଭୁକ୍ତ । ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ରୋଇଡା-୧ ଲୌହ ଓ ମାଙ୍ଗାନିଜ ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ରାତ୍ରି ପର୍ଯ୍ୟନ୍ତ ଏହାର ନିଲାମ ପ୍ରକ୍ରିୟା ଜାରି ରହିଥିଲା । ଶେଷରେ ଜିନ୍ଦଲ ଷ୍ଟିଲ ଏବଂ ପାୱାର ଲିଃ (ଜିନ୍ଦଲ) ଏହାକୁ ୧୧୭ ପ୍ରତିଶତ ନିଲାମ ଧରିବାରେ ସଫଳ ହୋଇଥିବା ଜଣାପଡିଛି । ପୂର୍ବରୁ ଏହି ଖଣିଟି ମେସ୍କୋ କମ୍ପାନୀ ନାମରେ ଥିବା ବେଳେ ଏହି କମ୍ପାନୀର ଲିଜ୍ ମିଆଦ ଗତ ମାର୍ଚ୍ଚ ସୁଦ୍ଧା ସରିଯାଇଥିଲା । ତେବେ ଏହି ଖଣିଟିରେ ଉଚ୍ଚ ମାନର ଲୁହାପଥର ଥିବା ବେଳେ ଏହାକୁ ହାତେଇବା ପାଇଁ ୧୪ଟି ଖଣି କମ୍ପାନୀ ନିଲାମରେ ଭାଗ ନେବା ପାଇଁ ଆବେଦନ କରିଥିଲେ । ସେମାନେ ହେଲେ କଲ୍ୟାଣୀ ଷ୍ଟିଲ ଲିଃ, ଅମିତ ମେଟାଲିକ୍ସ, ଆର୍ସେ?ଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (ମିତ୍ତଲ), ଓଡିଶା ମେଟାଲିକ୍ସ ପ୍ରାଃ ଲିଃ, ଶ୍ୟାମ ୱର୍ସ ଝାଡଖଣ୍ଡ ପ୍ରାଃ ଲିଃ, ଲାଲ ଟ୍ରେଡର୍ସ ଏବଂ ଏଜେନ୍ସି ପ୍ରାଃ ଲିଃ, ରୁଙ୍ଗଟା ସନ୍ସ ପ୍ରାଃ ଲିଃ, ଜିନ୍ଦଲ ଷ୍ଟିଲ ଏବଂ ପାୱାର ଲିଃ, ବେଦାନ୍ତ ଲିଃ, ନର୍ଭ?ାରାମ ପାୱାର ଏବଂ ଷ୍ଟିଲ ଲିଃ, ଜିଭିପିଆର ଇଞ୍ଜିନିୟର୍ସ ଲିଃ, ମିଡୋ ହାଇସିଂ ପ୍ରାଃ ଲିଃ, ବୈତରଣୀ ରିଭସ ପିଲେଟ ଲିଃ (ବିଆରପିଏଲ) ଏବଂ ଟାଟା ଷ୍ଟିଲ ଲିଃ । ବୃହତ୍ତ ଖଣି ଓ ଶିଳ୍ପ ସଂସ୍ଥା ଏହି ଖଣିଟିକୁ ହାତେଇବା ପାଇଁ ପ୍ରତ୍ୟେକ ୫ ଲକ୍ଷ ଟଙ୍କା ଟେଣ୍ଡର ପ୍ରାଇସ ଜମା କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୮ଟି କମ୍ପାନୀକୁ ଯୋଗ୍ୟ ବିବେଚିତ କରାଯାଇ ନିଲାମ ପ୍ରକ୍ରିୟାରେ ସାମିଲ କରାଯାଇଥିଲା । ଅନ୍ତିମ ପର୍ଯ୍ୟାୟରେ ରୁଙ୍ଗଟା କମ୍ପାନୀ ସହିତ ଜିନ୍ଦଲର କଡ଼ା ମୁକାବିଲା ଦେଖିବାକୁ ମିଳିଥିବା ବେଳେ ଶେଷରେ ୧୧୭ ପ୍ରତିଶତ ଦରରେ ଜିନ୍ଦଲ କମ୍ପାନୀ ଏହାକୁ ନିଲାମ ଧରିଥିଲା । ରୋଇଡା-୧ ଲୌହ ଓ ମାଙ୍ଗାନିଜ ଖଣିଟି ୧୦୪.୮୪ ହେକ୍ଟର ପରିମିତ ଥିବା ବେଳେ ଏଥିରେ ୬୦ ପ୍ରତିଶତ ଲୌହ ଅଂଶ ଥିବା ଲୁହାପଥର ପ୍ରାୟ ୧୨୬.୦୫ ନିୟୁତ ଟନ୍ ଗଚ୍ଛିତ ଥିବା ଜଣାପଡିଛି । କେନ୍ଦୁଝର ଜିଲାରେ ଜିନ୍ଦଲର କାଶିଆଠାରେ ଗୋଟିଏ ଲୌହ ଖଣି ଥିବା ବେଳେ ଏହା ଦ୍ୱିତୀୟ ଖଣି ବୋଲି ଜଣାପଡିଛି ।

# କୋଳିମାଟି ଅଞ୍ଚଳରେ ଆହତ ହାତୀ



ଆନନ୍ଦପୁର,୭।୬ (ସମିସ): ଆନନ୍ଦପୁର ବ୍ଲକ୍ କୋଳିମାଟି ଅଞ୍ଚଳରେ ଶିକାରୀଙ୍କ ଆକ୍ରମଣର ଶିକାର ହୋଇ ଏକ ତୀରବିଦ୍ଧ ଦନ୍ତା ହାତୀ ଜନବସତିରେ ଘୂରିବୁଲୁଛି । ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ତିନି ଦିନ ଧରି କୋଳିମାଟି କନ୍ତୋ ଓ ନୂଆପଡ଼ା ଜଙ୍ଗଲରେ ବୁଲୁଥିବା ଏହି ଦନ୍ତାହାତୀକୁ ତୀରମାଡ଼ କରାଯାଇଥିବା ଅଭିଯୋଗ ହୋଇଛି । ହାତୀଟି ଆହତ ଅବସ୍ଥାରେ ଜଙ୍ଗଲରେ ରହିଛି । ଆନନ୍ଦପୁର ଓ ଘଟଗାଁ ଜଙ୍ଗଲ ବିଭାଗ କର୍ମଚାରୀମାନେ ନଜର ରଖିଛନ୍ତି । ହାତୀଟି ଆଜି ନୂଆପଡ଼ା ନିକଟରେ ଆହତ ଅବସ୍ଥାରେ ଥିବାବେଳେ ବେହେରା ବାଡ଼ି ଓ ଆମ୍ବ ତୋଟା ନିକଟରେ ଆଶ୍ରୟ ନେଇଛି । କେହି ଦୁର୍ବୃତ୍ତ ହାତୀ ଗୋଡ଼କୁ ତୀରମାଡ଼ କରିଥିବା ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ । ଘଟଗାଁ ଫରେଷ୍ଟର ଯତୀନ୍ଦ୍ର ସାହୁ କହିଛନ୍ତି, ହାତୀଟି ଦିନ ୧୧ଟାରେ ଆନନ୍ଦପୁର ରେଞ୍ଜ ଅତିକ୍ରମ କରି ଘଟଗାଁ ରେଞ୍ଜକୁ ଆସିଥିଲା । ହାତୀଟି ଅସୁସ୍ଥ ଥିବା ଜଣାପଡ଼ିଛି । ତୀରମାଡ଼ ହୋଇଛି କି ନାହିଁ ତା'ର ଅନୁଧ୍ୟାନ କରାଯାଉଛି ।

# ଟୁଙ୍କୁଣା ଶାସନରେ ଗୀତା ପାଠ



ଆନନ୍ଦପୁର ୭।୬ (ସମିସ): ଆନନ୍ଦପୁର ନିକଟସ୍ଥ ଟୁଙ୍କୁଣା ଶାସନରେ ହରିହାଟ ଓ ଗୀତାପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭକଳସ ସ୍ଥାପନ କରାଯାଇଥିଲା । ପରେ ୫୧ ଜଣ ବୈଦିକ ବ୍ରାହ୍ମଣ ଗୀତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ ଶାସନର ଉଦ୍ୟୋଗୀ ନରହରି ମିଶ୍ର, ଶ୍ରୀବତ୍ସ ମିଶ୍ର, ସଦାଶିବ ମିଶ୍ର, ନିରଞ୍ଜନ ଦାଶ, ମିରକାର ମିଶ୍ର, ଅଶୋକ ମିଶ୍ର, ବିଶ୍ୱନାଥ ମିଶ୍ର, କୁଳମଣି ମିଶ୍ର, ନିରଞ୍ଜନ ମିଶ୍ର, ପୀତବାସ ମିଶ୍ର, ବିଜୟ ମିଶ୍ର, କୀର୍ତ୍ତନ ମିଶ୍ର, ଘନଶ୍ୟାମ ମିଶ୍ର, ଲକ୍ଷ୍ମଣ ମିଶ୍ର, ବ୍ରଜକିଶୋର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଦିବ୍ୟାଙ୍ଗ ଜ୍ଞାନରଞ୍ଜନଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା



ଆନନ୍ଦପୁର, ୭।୬ (ସମିସ): ଘସିପୁରା ବ୍ଲକ ଅଳତି ପଞ୍ଚାୟତ ରାଇତଳା ଗ୍ରାମର ରାଜେଶ ନାଏକଙ୍କ ପୁଅ ଜ୍ଞାନରଞ୍ଜନ ଜନ୍ମରୁ ୮୦% ପ୍ରତିଶତ ଦିବ୍ୟାଙ୍ଗ । ସେ ବର୍ଦ୍ଧିତ ଭତ୍ତା ପାଇଁ ଧାଇଁ ଧାଇଁ ନିରାଶ ହେଲେଣି । ସରକାରୀ ଭତ୍ତା ପାଇ ଆସୁଥିଲା ବେଳେ ଆର୍ଥିକ ସମସ୍ୟା ଥିବାରୁ ପରିବାର ଲୋକ ବର୍ଦ୍ଧିତ ଭତ୍ତା ପାଇଁ ଆଶା ରଖିଛନ୍ତି । ଘସିପୁରା ବ୍ଲକ ସହ କେନ୍ଦୁଝର ଯାଇ ଅଭିଯୋଗ କଲାପରେ ମଧ୍ୟ ବର୍ଦ୍ଧିତ ଭତ୍ତା ମିଳୁନାହିଁ । ଯଥାଶୀଘ୍ର ବର୍ଦ୍ଧିତ ଭତ୍ତା ଦେବାପାଇଁ ପରିବାର ସଦସ୍ୟ ନିବେଦନ କରିଛନ୍ତି ।

# ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ



ତୁରୁମୁଙ୍ଗା, ୭।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଅନ୍ତର୍ଗତ ସ୍ୱାମ ଶାସନ ବାସିନ୍ଦା ମଧୁସୁଦନ ଦ୍ୱିବେଦୀଙ୍କ ସାନପୁଅ ଜିତେନ୍ଦ୍ର (୩୫)ଙ୍କ ଶୁକ୍ରବାର ରାତିରେ ହୃଦଘାତରେ ମୃତ୍ୟୁ ଘଟିଛି । ପରିବାର ଲୋକେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା ବେଳ ସେଠାରେ ଥିବା ଡ଼ାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଜିତେନ୍ଦ୍ର ଦ୍ୱିବେଦୀଙ୍କ ମୃତ୍ୟୁ ଖବର ପାଇ ବଡ଼ ପାଟଣା ପଞ୍ଚାୟତର ସରପଞ୍ଚ ବିନତୀ ବାନରା ଓ ବିଶିଷ୍ଟ ବ୍ୟକ୍ତିମାନେ ପହଞ୍ଚି ତାଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ଗଭୀର ଶୋକ ପ୍ରକାଶ କରିଛନ୍ତି । ବୈତରଣୀ ନଦୀ ଘାଟରେ ତାଙ୍କ ଅନ୍ତିମ ସତ୍କାର କାରାଯାଇଛି ।

# ତମ୍ପୋ ବାଲିଘାଟ ବିରୋଧରେ ତେଜୁଛି ଅସନ୍ତୋଷ

ବେଲବାହାଳି,୭।୬(ସମିସ): ଘସିପୁରା ତହସିଲ ଅଧୀନସ୍ଥ ବାତୋ ପଞ୍ଚାୟତ ତମ୍ପୋଠାରେ ପ୍ରସ୍ତାବିତ ବାଲିଘାଟକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି । କେନ୍ଦୁଝର ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ତମ୍ପୋଠାରେ ବୈତରଣୀ ନଦୀରେ ବାଲିଘାଟ ପାଇଁ ତିନିବର୍ଷ ତଳେ ଜନଶୁଣାଣି ହୋଇଥିଲା । ଦୀର୍ଘଦିନ ଧରି ବାଲିଘାଟ ଚାଲି ନଥିବାବେଳେ କିଛି ଦିନ ହେଲା ଏଠାରେ ବାଲିଘାଟ ଚଲାଇବାକୁ ଉଦ୍ୟମ ଆରମ୍ଭ ହୋଇଛି । ନଦୀଘାଟରେ ମେସିନ୍ ପକାଇବା ସହିତ ବାଲି ଉତ୍ତୋଳନପାଇଁ ନଦୀବନ୍ଧକୁ କାଟି ଦିଆଯାଇଛି । ଯାହାଫଳରେ ସ୍ଥାନୀୟ ଅଞ୍ଚଳର ୭ଟି ପଞ୍ଚାୟତ ବୈତରଣୀ ବନ୍ୟା ଦ୍ୱାରା ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି ।



ବାତୋ ଅଞ୍ଚଳର ରାଜ୍ୟ ସରକାରଙ୍କ ବନ୍ୟାଞ୍ଚଳ ତାଲିକାରେ ରହିଥିବାବେଳେ ୧୯୯୯ ମହାବାତ୍ୟାରେ ଏହି ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା । ଏହାଛଡା ୨୦୧୧, ୨୦୧୩, ୨୦୧୮ରେ ବାତୋ, ଶାଳଦେଇ, ତରୁଆଁର ୨୦ରୁ ଉର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ନଦୀବନ୍ଧ ସୁଦୃଢ ପାଇଁ ବିପୁଳ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏବେ ବାଲି ପରିବହନ ପାଇଁ ନଦୀବନ୍ଧକୁ କାଟି ଦିଆଯାଇଥିବାରୁ ନଦୀରେ ଯଦି ବନ୍ୟା ପରିସ୍ଥିତି ହୁଏ ତାହେଲେ ବାତୋ, ଶାଳଦେଇ, ତରୁଆଁ ସମେତ ଯାଜପୁର ଜିଲ୍ଲାର ୪ ପଞ୍ଚାୟତ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି । ଏପଟେ ବାଲିଗାଡ଼ି ଯାତାୟାତ କଲେ ସାଇଁକୁଳଠାରୁ ତମ୍ପୋ ପର୍ଯ୍ୟନ୍ତ ଗତବର୍ଷ ପୂର୍ତ୍ତବିଭାଗ ପକ୍ଷରୁ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହୋଇଥିବା ରାସ୍ତା ନଷ୍ଟ ହେବାର ସମ୍ଭାବନା ମଧ୍ୟ ରହିଛି । ବାଲି ପରିବହନ ହେବାକୁ ଥିବା ରାସ୍ତାରେ ପାଖାପାଖି ବିଭିନ୍ନ ଶିକ୍ଷାନୁଷ୍ଠାନ ରହୁଥିବାରୁ ଛାତ୍ରଛାତ୍ରୀମାନେ ଗୁରୁତର ଭାବେ ପ୍ରଭାବିତ ହେବେ । ରାସ୍ତାରେ ବାଲି ବୋଝେଇ ଭାରୀଯାନ ଚଳାଚଳ କଲେ ଲୋକମାନେ ଗୁରୁତର ଭାବେ ପ୍ରଭାବିତ ହେବେ । ପ୍ରଶାସନ ପକ୍ଷରୁ ଆଗୁଆ କୌଣସି ପ୍ରକାର ଅନୁଧ୍ୟାନ କରା ନଯାଇ ତରବରିଆ ଏବଂ ମନମୁଖୀ ଭାବେ ଏହି ବାଲିଘାଟ ପାଇଁ ଲିଜ୍ ଦିଆଯାଇଛି । ଫଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

# ବିଭିନ୍ନ ସ୍ଥାନରେ ଇଦ୍ ପର୍ବ ପାଳିତ





ଚମ୍ପୁଆ, ୭।୬(ସମିସ): ଚମ୍ପୁଆ ସଦର ମହକୁମାଠାରେ ମୁସଲିମ ସମ୍ପ୍ରଦାୟର ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି । ସାମ୍ପ୍ରଦାୟିକ ସଦଭାବନା ଓ ଭାଇଚାରା ମଧ୍ୟରେ ପାଳିତ ଏହି ପର୍ବରେ ମୁସଲିମ ସମ୍ପ୍ରଦାୟର ଆବାଳ ବୃଦ୍ଧବନିତା ଶାନ୍ତିଶୃଙ୍ଖଳା ସହ ପାଳନ କରିଥିବା ବେଳେ ପ୍ରତ୍ୟୁଷରୁ ବିଭିନ୍ନ ଇଦଗା ପଡିଆଠାରେ ନମାଜ ପାଠ କରିଥିଲେ । ଚମ୍ପୁଆସ୍ଥିତ ଅଲିନଗର, ମୌଲାନାଗୋଡା, ମୁସଲିମ ବସ୍ତି ଓ ଜାମୁଦଲକଠାରେ ଥିବା ଇଦଗା ପଡିଆରେ ପ୍ରାୟ ସକାଳ ୬ ସମୟରେ ସମ୍ପ୍ରଦାୟର ମହିଳା ପୁରୁଷଠାରୁ ଆରମ୍ଭ କରି ଛୋଟ ଛୋଟ ଶିଶୁ ମାନେ ସ୍ନାନାଦି କାର୍ଯ୍ୟ ସମାପନ କରି ନୂତନ ବସ୍ତ୍ର ପରିଧାନ କରିବା ସହିତ ସମୂହ ନମାଜ ପାଠ କରିଥିଲେ । ମୁସଲିମ ଧର୍ମ ଗୁରୁମାନେ ନମାଜ ପାଠ କରାଇବା ସହିତ ପ୍ରଗତିଶୀଳ ରାଷ୍ଟ୍ରର ଉନ୍ନତି ଓ ଶାନ୍ତି ମୌତ୍ରିର ବାର୍ତ୍ତା ପ୍ରଦାନ କରିଥିଲେ । ବିଶ୍ୱଶାନ୍ତି ନିମିତ୍ତ ଉଦ୍ଦିଷ୍ଟ ଏହି ନମାଜ ପାଠରେ ସଦଭାବନା ଓ ମୈତ୍ରିର ନିଦର୍ଶନ ଦେଖିବାକୁ ମିଳିଥିଲା ।



ରାମଚନ୍ଦ୍ରପୁର/ବେଲବାହାଳି: ଘଷିପୁରା ବ୍ଲକ୍ ପଣ୍ଡୁଆ ଗ୍ରାମର ମୁସଲମାନ ଭାଇଭଉଣୀମାନେ ଇଦ୍-ଉଜ୍-ଜୁହା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁରଙ୍କୁ ମୁସଲମାନ ଭାଇ ଓ ଭଉଣୀ ମାନଙ୍କ ଦ୍ୱାରା ନମାଜ ଟୋପି ପିନ୍ଧାଇ ସମ୍ମାନିତ କରାଯାଇଥିଲା । ସଂଖ୍ୟାଲଘୁ ସମ୍ପ୍ରଦାୟର ସଭାପତି ସିରାଜ୍‌ଉଦ୍ଦିନ ଖାନ୍, ଏସକେ ମୁସଲିମ, ଅବଦୁଲ ମଜିଦ୍, ଇବ୍ରାହିମ୍ ଖାନ, ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ରହିମ ଖାନ, ତାଜଉଦ୍ଦିନ ଖାନ୍, ରିଜ୍ୱାନ ଖାନ୍, ସକୁର ଖାନ୍, ହାପିଜ୍‌ଉଦ୍ଦିନ ଖାନ୍, ନୁରୁଉଦ୍ଦିନ ଖାନ୍, ଏସକେ ତସ୍ଲିମ୍, ନିମାଜି ଖାନ୍, କହି ଖାନ୍, ରିଆଜଉଦ୍ଦିନ୍ ଖାନ, ଶାହବୁଦ୍ଦିନ ଖାନ, ହନାନ ଖାନ୍, ଲକାତ୍ ଖାନ୍ ସମେତ ଶତାଧିକ ମୁସଲମାନ ଭାଇ ଉପସ୍ଥିତ ଥିଲେ ।

# ଯୁବକବି ବିଶ୍ୱଜିତଙ୍କୁ ସମ୍ବର୍ଦ୍ଧନା



ହାଟଡିହୀ,୭।୬(ସମିସ): ପ୍ରତିଭା ପ୍ରଣାମ ମଞ୍ଚ ଆନନ୍ଦପୁର, କେନ୍ଦୁଝର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱରର ମିଳିତ ସହଯୋଗରେ ବୁଦ୍ଧ ମନ୍ଦିର ସଭାଗୃହ, ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ହାଟଡିହୀ ବ୍ଲକ ଅନ୍ତର୍ଗତ ଇଞ୍ଜେଲ ଗ୍ରାମର ପିତାମ୍ବର ରାଉତ ଓ ମନୋରମା ରାଉତଙ୍କ ପୁତ୍ର ଯୁବକବି ତଥା ଗାଳ୍ପିକ ବିଶ୍ୱଜିତ୍ ରାଉତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଛି । ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରସନ୍ନ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅବସରପ୍ରାପ୍ତ ପ୍ରଫେସର କବିତା ବାରିକ, ପୌରୋହିତ୍ୟ ଅବସରପ୍ରାପ୍ତ ଭା.ପ୍ର.ସେ ଗୋସ୍ୱାମୀ ଗୋଲାମ ଦେବତା, ଆବାହକ ରତ୍ନାକର ଦାସ ଯୋଗ ଦେଇଥିଲା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଓ ବିଶିଷ୍ଟ ପାଲାଗାୟକ ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଓଡ଼ିଶାର ଅନେକ କବି, କବୟିତ୍ରୀ, ଲେଖକ, ଲେଖିକା, ସମାଜସେବୀ ଉପସ୍ଥିତ ଥିଲେ ।

## ଟୋଲ୍‌ପ୍ଲାଜାରେ ଏବେ ବି ଯାତ୍ରୀ ହନ୍ତସନ୍ତ

# ବସିଲା ବୋର୍‌ୱେଲ, କାର୍ଯ୍ୟକ୍ଷମ ହେଲାନି ଶୌଚାଳୟ

ବେଲବାହାଳି, ୭।୬(ସମିସ):

ଖରାଦିନରେ ପାଣି ମୁନ୍ଦାଏ ପାଇଁ ରାସ୍ତାରେ ଯାତ୍ରୀମାନେ ଡହଳବିକଳ ହେଉଛନ୍ତି । ବିଭିନ୍ନ ପେଟ୍ରୋଲ ପମ୍ପଠାରୁ ଆରମ୍ଭ କରି ଟୋଲପ୍ଲାଜା ଏବଂ ଛକ ସ୍ଥାନରେ ପାନୀୟଜଳର ବ୍ୟବସ୍ଥା କରାଯାଇଥାଏ । ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିବା ଟୋଲପ୍ଲାଜାରେ ଆଜି ପର୍ଯ୍ୟନ୍ତ ଯାତ୍ରୀମାନେ ପାଣି ମୁନ୍ଦାଏ ପାଇପାରିଲେ ନାହିଁ । ୨୦ନଂ ଜାତୀୟ ରାଜପଥ ହସନପୁର ଟୋଲପ୍ଲାଜାରେ ଦୀର୍ଘ ୧୦ ବର୍ଷ ପରେ ଏକ ବୋରୱେଲ ବସିଥିଲେ ମଧ୍ୟ ଏହାର ସୁଫଳ ଜନସାଧାରଣ ପାଇପାରୁ ନାହାନ୍ତି । ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କ ଅଣଦେଖା ଓ ମନମୁଖୀ ପାଇଁ ଦୁଇ ପାର୍ଶ୍ୱରେ ଥିବା ଶୌଚାଳୟ ପୂର୍ବରୁ ଅନାବନା ଘାସ ମାଡ଼ିଯିବା ସହ ଭୂତକୋଠି ପାଲଟିଥିଲା । ପରେ ଉକ୍ତ ସମ୍ପର୍କିତ ସୂଚନାଟି "ସକାଳ'ରେ ପରିବେଷଣ ହେବାରୁ ବର୍ତ୍ତମାନ ଶୌଚାଳୟକୁ ସଫା କରିବା ସହିତ କାନ୍ଥରେ



ରଙ୍ଗ ଲଗାଯାଇଛି । ପ୍ରକୃତରେ ଏହାର ସଦୁପଯୋଗ କରାଯାଉନାହିଁ । ଖାଲି ବାହାରକୁ ଚିକିମିକି କରୁଥିବା ଶୌଚାଳୟଟିରେ ବର୍ତ୍ତମାନ ପର୍ଯ୍ୟନ୍ତ ପାଣି ନଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡ୍ରାଇଭର ଓ ଦୂର ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ଟୋଲପ୍ଲାଜାରେ ଦୈନିକ ହଜାର ହଜାର ସଂଖ୍ୟାରେ ଗାଡ଼ି ଯିବାଆସିବା କରୁଥିବା ବେଳେ ଗାଡ଼ିରୁ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଟୋଲ ଫି ଆଦାୟ ହେଉଛି । ଯାତ୍ରୀମାନେ ଏଠି ସାଧାରଣ ସୁବିଧାରୁ ଏହି ଟୋଲପ୍ଲାଜାରେ ବଞ୍ଚିତ ହେଉଛନ୍ତି । ଏନ୍ଏଚଆଇର ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଶୌଚାଳୟ ଚାଲୁ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଅନ୍ୟପଟେ ଏନଏଚ୍ଆଇର ପାଟ୍ରୋଲିଂ ମ୍ୟାନେଜର ଆଲୋକ ଜେନା କହିଛନ୍ତି, ପୂର୍ବରୁ ପାଣିର ଅସୁବିଧା ରହିଥିଲା । ବର୍ତ୍ତମାନ କିନ୍ତୁ ଗୋଟିଏ ବୋରୱେଲ୍ କରାଯାଇଛି । ପାଣି ସମେତ ଶୌଚାଳୟଟି ତୁରନ୍ତ ଚାଲୁ କରାଯିବ ।

## କପ୍ତିପଦା ପରେ ଶରତ ଅଞ୍ଚଳରେ ବାଲି ମାଫିଆ ସକ୍ରିୟ

କପ୍ତିପଦା,୭।୬(ସମିସ): ଅତିରିକ୍ତ ତହସିଲଦାରଙ୍କ ମାଡ଼ ଘଟଣାରେ କପ୍ତିପଦାଅଞ୍ଚଳରେ ଜଣେ ପରେ ଜଣେ ବାଲିମାଫିଆ ଗିରଫ ହେଉଥିବା ବେଳେ ଶରତ ଥାନା ଅଞ୍ଚଳରେ ପୁଣି ସକ୍ରିୟ ହେଲେଣି ବାଲିମାଫିଆ। ଶରତ ଥାନା ଅଧୀନ ଅସୁରଖାଲ ନିକଟରେ ଏକ ନାଳରୁ ଦିନ ଦିପହରରେ ବାଲି ଉଠାଣ ହେଉଛି। ଶୁକ୍ରବାର ଅପରାହ୍ନରେ ୩ଟି ଟ୍ରାକ୍ଟର ବାଲି ଲୋଡ ହୋଇ ସ୍କୁଲଠାରୁ ଅଳ୍ପ ଦୂରରେ ଗଚ୍ଛିତ କରାଯାଇଥିଲା। ଗୋଟିଏ ଟ୍ରାକ୍ଟରରେ ନମ୍ବର ନ ଥିଲା। ଏ ନେଇ ଶରତ ଥାନାଧିକାରୀଙ୍କୁ ଯୋଗାଯୋଗ କରିବାରୁ ଆମ ଥାନା ଅଧୀନରେ କୌଣସି ବାଲିଘାଟ ନାହିଁ। ତେଣୁ ଖଣି ବିଭାଗକୁ ଯୋଗାଯୋଗ କରନ୍ତୁ ବୋଲି କହିଥିଲେ। ବେଆଇନଭାବେ ବାଲି ଗଚ୍ଛିତ ହେଉଥିଲେ ମଧ୍ୟ ଥାନା ଅଧିକାରୀ କାଣି ନ କାଖିଲା ପରି ମାଫିଆଙ୍କୁ ସୁରକ୍ଷା ଦେଉଛନ୍ତି। ବର୍ତ୍ତମାନ ତହସିଲ କର୍ମଚାରୀ କଳାବ୍ୟାଜ ପିନ୍ଧିଥିବା ବେଳେ ଏହି ସୁଯୋଗକୁ ହାତଛଡ଼ା ନ କରି ବାଲି ମାଫିଆ ରାଜ କରୁଛନ୍ତି। ଏ ନେଇ କପ୍ତିପଦା ତହସିଲଦାରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ଖୁଣ୍ଟରେ ପିଟି ହେଲା ବାଇକ; ଜଣେ ମୃତ, ୨ ଆହତ

ଠାକୁରମୁଣ୍ଡା, ୭।୬(ସମିସ): ଠାକୁରମୁଣ୍ଡା-ଉଦଳା ରାସ୍ତାର ନୂଆସାହି ବାଙ୍କରେ ଶନିବାର ଅପରାହ୍ନରେ ଭାରସାମ୍ୟ ହରାଇ ରାସ୍ତାକଡ଼ ସୁରକ୍ଷା ଖୁଣ୍ଟରେ ଏକ ବାଇକ ପିଟି ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକରେ ବସିଥିବା ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଉଛନ୍ତି ମହୁଲଡ଼ିହା ଥାନା ଚମ୍ପାଝରଣ ଗ୍ରାମପଞ୍ଚାୟତ ଦିଲଗଞ୍ଜ ଗ୍ରାମ ଗାବାସାହିର ଜୟରାମ ପିଙ୍ଗୁଆ (୩୬)। ଆହତ ୨ ଜଣ ହେଉଛନ୍ତି ସେହି ଗ୍ରାମର ବେଡା ଖୁଣ୍ଟିଆ (୩୦), ରାମ କଣ୍ଡୋଲେକେଲ (୨୬)। ଏହି ୩ ଜଣ ବାଇକ ଯୋଗେ ଠାକୁରମୁଣ୍ଡା ଆସି କାମ ସାରି ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ପୁଲିସ ପହଞ୍ଚି ବାଇକକୁ ଜବତ କରିବା ସହିତ ତଦନ୍ତ ଚଳାଉଛି।

## ଅଜଣା ଟ୍ରକ୍ ଧକ୍କାରେ ଯୁବକ ମୃତ

ସାରସକଣା,୭।୬ (ସମିସ): ଆଜି ସନ୍ଧ୍ୟାରେ ସମୟରେ ଖଇରୋଖରାଆ ଥାନା ଅନ୍ତର୍ଗତ ଜାମଶୋଳା ରାଖା ଢ଼ାବା ସାମ୍ନାରେ ଅଜଣା ଟ୍ରକ ଧକ୍କାରେ ଜଣେ ଯୁବକ ମୃତ୍ୟୁ ଘଟିଛି। ସୂଚନା ଯେରେ ଦୁର୍ଘଣା ଫଟାପଡ଼ ପ୍ରଣାପାଣି ଗ୍ରାମର ହାଡିବନ୍ଧୁ ଧଡା ପୁଅ ରାଜୁ ଧଡା ବୟସ (୨୬) ବାଇକ୍ ଯୋଗେ ଘରକୁ ଯିବା ସମୟରେ ଏକ ଅଜଣା ଟ୍ରକ ଧକ୍କା ଦେଇ ଫେରରା ହେଇଯାଇଥିଲା। ଘଟଣାସ୍ଥଳରେ ରାଜୁ ଧଡା ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକମାନେ ପୋଲିସ କୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଂଚି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ କୁ ସ୍ଥାନାନ୍ତର କରିଥିଲେ।

## ଯୁବକଙ୍କ ଖଟିରେ ପୁଲିସ ଚଢ଼ଉ

ମୋରଡ଼ା,୭।୬(ସମିସ): ପ୍ରତିଦିନ ସନ୍ଧ୍ୟାରେ ମୋରଡ଼ା ଥାନା ଚିତ୍ରଡା ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକ ସମ୍ମୁଖରେ କିଛି ଯୁବକ ଆଡ୍ଡା ଜମାଉଥିଲେ। ଏହି ଖବର ପାଇ ଶନିବାର ଥାନା ଅଧିକାରୀ ସୁମିତ କୁମାର ସୋରେନ ପାଟ୍ରୋଲିଂ କରୁଥିବାବେଳେ ଚଢଉ କରିଥିଲେ। ପୁଲିସକୁ ଦେଖି ଉକ୍ତ ଯୁବକମାନେ ଦୌଡ଼ି ପଳାଇଥିଲେ। ପରେ ଘଟଣାସ୍ଥଳରେ ଥିବା ଦୁଇଟି ଗାଡିକୁ ପୁଲିସ ଜବତ କରିଥିଲା। ଜବତ ଗାଡିଗୁଡିକରେ ନମ୍ବର ପ୍ଲେଟ ନଥିବାରୁ ସେଗୁଡ଼ିକ ଯାଞ୍ଚ କରି ଜରିମାନା କରାଯିବ ବୋଲି ପୁଲିସ କହିଛି।

## ଅଟକ ଅଭିଯୁକ୍ତକୁ କୋର୍ଟ ଚାଲାଣ

ବାରିପଦା, ୭।୬(ସମିସ୍): ଟାଉନ ଥାନା ପୁଲିସ ଅଟକ ରଖିଥିବା ବ୍ରାଉନସୁଗର ବ୍ୟବସାୟୀକୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ଚିପଟ ଅସ୍ତିଆ ଅଞ୍ଚଳର ସୁମନ୍ତ ପଲେଇ (୩୨)। ବ୍ରାଉନ ସୁଗର କାରବାର ହେଉଥିବା ନେଇ ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଫଳରେ କାରବାର ସମୟରେ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ସୁମନ୍ତ ଧରା ପଡିଯାଇଥିଲା। ବ୍ରାଉନସୁଗର ଓ ବାଇକ ଜବତ କରିବା ସହିତ ତାଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିଲା। ଅଭିଯୁକ୍ତ ପାଖରୁ ୫.୧୬ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ପୁଲିସ ପକ୍ଷରୁ ଟାଉନ ଥାନାରେ ଏନଡିପିସି ଆକ୍ଟରେ ଏକ ମାମଲା ରୁଜୁ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଗିରଫ ଜଣକ ପୂର୍ବରୁ ମଧ୍ୟ ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ଥାଇ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ବାହାରି ପୁଣି କାରବାର କରୁଥିବା ନେଇ ସୂଚନା ମିଳିଛି।

## ବୃଦ୍ଧାଙ୍କୁ ମାଡ଼ମାରି ଯୁବକ ଗିରଫ

କୁଆମରା,୭।୬(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଲକ୍ଷ୍ମଣାସାହି ଗ୍ରାମର ଜଣେ ବୃଦ୍ଧାଙ୍କୁ ମାଡମାରିଥିବା ଅଭିଯୋଗରେ ପୁଲିସ ସେହି ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛି। ଆଜି ମଧ୍ୟାହ୍ନରେ ମଲ୍ଲି ମହାନ୍ତ (୬୨) ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଘରକୁ ଫେରୁଥିବା ବେଳେ ରାଜୀବ ମହାନ୍ତ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ମଲ୍ଲି ପ୍ରତିବାଦ କରିବାରୁ ରାଜୀବ ଉତ୍ତ୍ୟକ୍ତ ହୋଇ ନିର୍ମମ ଭାବେ ପିଟି ରକ୍ତାକ୍ତ କରି ପକାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ମଲ୍ଲିଙ୍କୁ ପ୍ରଥମେ ଖୁଣ୍ଟା ଡାକ୍ତରଖାନା ନେଇଥିଲେ। ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସ୍ୱାଧୀନତା ପରେ ବି ଉପଖଣ୍ଡବାସୀ ଦେଖିନାହାନ୍ତି ରେଳଛାଇ

# ୭୫ କିମି ରେଳପଥ ପାଇଁ ନାହିଁ ଆନ୍ତରିକତା

ଉଦଳା, ୭।୬(ସମିସ)



ଓଡ଼ିଶାରେ ରେଳ ସେବାର ବିକାଶ ପାଇଁ କେନ୍ଦ୍ର ସରକାର ବିଭିନ୍ନ ସମୟରେ ଅର୍ଥ ପ୍ରଦାନ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି ; ହେଲେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଏହା ବ୍ୟତିକ୍ରମ ଦେଖିବାକୁ ମିଳିଛି। ତତ୍କାଳୀନ ମୟୂରଭଞ୍ଜ ମହାରାଜାଙ୍କ ଶାସନ କାଳରେ ରୁପ୍ସା-ବାଙ୍ଗିରିପୋଷି ରେଳପ୍ଥ ଯୋଜନା ଆଜି ବି ଅଧୁରା ହୋଇରହିଛି। ଜିଲ୍ଲାରେ ୪ଟି ଉପଖଣ୍ଡ ଥିବାବେଳେ ରେଳସେବା କ୍ଷେତ୍ରରେ କପ୍ତିପଦା ଉପଖଣ୍ଡ ସବୁଠାରୁ ପଛରେ ରହିଛି। ସ୍ୱାଧୀନତାର ୭୮ ବର୍ଷ ପରେ ବି ଆଜି କପ୍ତିପଦା ଉପଖଣ୍ଡବାସୀ ରେଳସେବାରୁ ବଞ୍ଚିତ। ରେଳସେବାର ବିକାଶ ହେଲେ ଉପଖଣ୍ଡର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବିକାଶର ଚିତ୍ର ବଦଳିପାରନ୍ତା। ଜିଲ୍ଲାରେ ବସବାସ କରୁଥିବା ସ୍ଥାୟୀ ଜନଜାତିଙ୍କ ବିକାଶ ହୋଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବି ମତ ଦେଇଛନ୍ତି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରୁ ଅଦିବାସୀ ତଥା ଜନଜାତି ଲୋକମାନେ ଦୈନନ୍ଦିନ ବିଭିନ୍ନ ପ୍ରକାର ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ଶାଗମାଛ ଦରରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ସଠିକ ବଜାର କି ସହର ତଥା ମହାନଗର ସହ ଏହି ଉପଖଣ୍ଡ ଯୋଗାଯୋଗ କ୍ଷେତ୍ରରେ ପଛରେ ପଡ଼ିଥିବାରୁ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଜାତୀୟ ଉଦ୍ୟାନ ଶିମିଳିପାଳକୁ ରାଜ୍ୟ ତଥା ରାଜ୍ୟବାହାରୁ ଏପରିକି ବିଦେଶ ପର୍ଯ୍ୟଟକଙ୍କ ଅଗାମନ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ହୋଇଥାଏ। ଉପସ୍ଥାପନ କରିଥିଲେ ପରବର୍ତ୍ତୀ ସମୟରେ ରେଳ ବିଭାଗ ହେଲେ ଗମନାଗମନର ଉପଯୁକ୍ତ ବ୍ୟବସ୍ଥା ବିଶେଷ କରି ରେଳ ଦ୍ୱାରା ଏହି ରାସ୍ତାର ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ସେବା ନ ଥିବାରୁ ବହୁ ଆସୁବିଧାର ସମ୍ମୁଖୀନ ହୋଇଥାନ୍ତି । ପର୍ଯ୍ୟଟନ ଏକ ପ୍ରମୁଖ ଶିଳ୍ପ ଭାବେ ଅର୍ଥ ନୈତିକ ସ୍ଥିତି ଓ ନିଯୁକ୍ତି କ୍ଷେତ୍ରକୁ ଅଧିକ କରିପାରନ୍ତା। ଏଣୁ କପ୍ତିପଦା ଉପଖଣ୍ଡରେ ରେଳ ସେବାର ବିକାଶ ଏକାନ୍ତ ଜରୁରୀ ବୋଲି ଦାବି ଜୋର୍ ଧରିଲାଣି। ନିର୍ବାଚନ ସମୟରେ ସବୁ ପ୍ରମୁଖ ଜାତୀୟ ଦଳ ରେଳ ବିକାଶର ସ୍ୱପ୍ନ ଦେଖାଇ ନୀରିହ ଆଦିବାସୀଙ୍କଠାରୁ ଭୋଟ

**ଲୋକପ୍ରତିନିଧି ଦେଉଛନ୍ତି ମିଛ ଆଶ୍ୱାସନା; ଆନ୍ଦୋଳନ ପାଇଁ ସଜବାଜ**

ହାତେଇଥାନ୍ତି ; ହେଲେ ପରବର୍ତ୍ତୀ ଅବସ୍ଥାରେ ଭୁଲିଯାଆନ୍ତି। ବାରିପଦାଠାରୁ ଯାଜପୁର ରୋଡ-ଭାୟା ଆନନ୍ଦପୁର ଶରତ କପ୍ତିପଦା ଓ ଉଦଳା ଦେଇ ରେଳ ଲାଇନର ସଂଯୋଗୀକରଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ହୋଇଥିଲା; ଯାହାକି ଭଦ୍ରାଚଳମ ଖଜଗପୁର ରେଳପଥ ପାଇଁ (୮୭୫ କି.ମି.) ସର୍ଭେ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ସର୍ଭେରେ ଶରତ-କପ୍ତିପଦା-ଉଦଳା-ବାରିପଦା-ଶୁଳିଆପଦା ସ୍ଥାନ ପାଇଥିଲା। ତାହା ଏବେ ମଧ୍ୟ କେନ୍ଦ୍ର ସରକାରଙ୍କ ଫାଇଲ ତଳେ ଚାପିହୋଇ ରହିଛି। ଏହାର ବିକଳ୍ପ ନେଇ ନୀଳଗିରି-କପ୍ତିପଦା-ଉଦଳା- ବାରିପଦା ପର୍ଯ୍ୟନ୍ତ ସମ୍ପ୍ରସାରଣ ଦିଗରେ ଚର୍ଚ୍ଚା ଜୋର ଧରିଲା। ମାତ୍ର ୭୫ କିମି ରେଳପଥ ପାଇଁ ସବୁଜ ସଙ୍କେତ ରହିଥିଲେ ହେଁ ଅଦ୍ୟାବଧି ଏହାର ସ୍ଥିତି ସ୍ପଷ୍ଟ ହୋଇପାରିନି। ଅପରପକ୍ଷରେ ନୀଳଗିରି ପର୍ଯ୍ୟନ୍ତ ରେଳସେବା ସ୍ୱାଭାବିକ ହୋଇଥିଲେ ହେଁ ଉଦଳା ପର୍ଯ୍ୟନ୍ତ ସମ୍ପ୍ରସାରଣ ଓ ବାରିପଦା ପର୍ଯ୍ୟନ୍ତ ସଂଯୋଗ ପ୍ରକ୍ରିୟା କେବଳ କାଗଜପତ୍ରରେ ସୀମିତ ରହିଛି। କପ୍ତିପଦା ଉପଖଣ୍ଡକୁ ରେଳ ସେବା ପାଇଁ ରାଜନୈତିକ ଉଦାସୀନତା ଓ କେନ୍ଦ୍ର ସରକାରଙ୍କ ଅବହେଳା ତଥା ଅଣଦେଖା ନୀତିକୁ ଦାୟୀ କରିବା ସହ ଦାବି ହାସଲ ପାଇଁ ଲଢେଇ କରିବାକୁ ପଡ଼ିବ ବୋଲି ଉପଖଣ୍ଡବାସୀ ବୁଝିସାରିଲେଣି ଓ ସ୍ଥାନୀୟ ଲୋକପ୍ରତିନିଧି କେବଳ ମିଛ ଆଶ୍ୱାସନା ଦେଇ ଉପଖଣ୍ଡ ବାସୀଙ୍କୁ ଭକୁଆ କରୁଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଉପଖଣ୍ଡବାସୀ ଆନ୍ଦୋଳନ କରିବେ ବୋଲି ପ୍ରସ୍ତୁତ ହେଉଥିବା ସୂଚନା ମିଳିଲାଣି।

## ଚଢେଇଭୋଳରେ ଇଦ୍-ଉଲ୍-ଜୁହା



କରଞ୍ଜିଆ, ୭।୬(ସମିସ): ପବିତ୍ର ଇଦ ଉଲ ଜୁହା (ବକ୍ରିଦ) ଆଜି କରଞ୍ଜିଆ ବ୍ଲକର ମୁସଲିମ ବହୁଳ ଚଢେଇଭୋଳ ଗ୍ରାମରେ ପାଳିତ ହୋଇଛି। ଏହି ଅବସରରେ ସକାଳେ ୭ଟାରେ ଚଢେଇଭୋଳ ଇଦଗା ପଡିଆରେ ମୁସଲମାନ ଭାଇଙ୍କ ସମାଗମ ହୋଇଥିଲା। ମୌଲବୀ ମୁକ୍ତି କାସିମ ସାହେବ କୋରାନ ପାଠ କରିଥିଲେ। ଏଥି ସହିତ ଅନ୍ୟତମ ମୌଲବୀ କାସି ନୁରୁଲ ଅମିନ ମଧ୍ୟ ପବିତ୍ର ନମାଜ ପାଠ କରିଥିଲେ। ନମାଜ ପାଠ ଲରେ ମୁସଲମାନ ଭାଇ ପରସ୍ପର ମଧ୍ୟରେ ଅଭିନନ୍ଦନ ଜଣାଇଥିଲେ। ଅଂଚଳରେ ଏହି ପର୍ବକୁ ଭାଇ ଚାରା ସମ୍ପର୍କ ଭାବେ ହିନ୍ଦୁ-ମୁସଲମାନ ମଧ୍ୟରେ ସଦ୍ଭାବନା ପାଇଁ ପରସ୍ପର ମଧ୍ୟରେ ଅଭିନନ୍ଦନ ଜଣାଇଥିଲେ। ସମାଜସେବୀ ଇନ୍ଦ୍ରମଣି ମହାକୁଡ଼, ନୀଳକଣ୍ଠ ବାରିକ, ବିଜୟ ବାରିକ, ଜିଲ୍ଲା କଂଗ୍ରେସ ସଭାପତି ଭୁବନ ସାହୁ, ପାଞ୍ଚପୀର ସାମ୍ବାଦିକ ସଂଘର ସଭାପତି ଉମାଶଙ୍କର ଦାସ, କୋଷାଧକ୍ଷ ସୁରଜ ସିଂ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ସେହିପରି ତାଟୋ ଝାଟିଆଳି, ମଣ୍ଡୁଆ ସ୍ଥାନରେ ମଧ୍ୟ ଏହି ପର୍ବ ପାଳିତ ହୋଇଛି।

## ଜିଲ୍ଲାସ୍ତରୀୟ ସନ୍ତରଣ କୌଶଳ ତାଲିମ ଉଦଯାପିତ


ବାରିପଦା, ୭।୬(ସମିସ): ଶନିବାର ଅପରାହ୍ନରେ ଜିଲ୍ଲା ସ୍ତରୀୟ ସପ୍ତ ଦିବସୀୟ ପାଣିରେ ବୁଡ଼ିଯିବା ବିପଦରୁ ଉଦ୍ଧାର ପାଇବା ନିମନ୍ତେ ସନ୍ତରଣ ତାଲିମ କାର୍ଯ୍ୟକ୍ରମ (ବ୍ୟାଚ-୧) ଉଦଯାପିତ ହୋଇଯାଇଛି। ଓଏସଏପି, ପଞ୍ଚମ ବାଟାଲିୟନର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାମାଣ୍ଡେଣ୍ଟ ପି.କେ. ନାୟକ, ସମ୍ମାନିତ ଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଏ. ତାର୍କୀ, ଏଡିଇଓ ଗୌତମ ପାତ୍ର, ଏନଏସଏସ ସଂଯୋଜକ ଡ. ବସନ୍ତ ମହାନ୍ତ, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପିକା ରାଇବଣି ମାର୍ଣ୍ଡି ଯୋଗ ଦେଇଥିଲେ। ପ୍ରାରମ୍ଭରେ ଡିପିଓ ଶ୍ରୀ ମହାନ୍ତି ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଓସଡମା ସହାୟତାର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦ୍ୱାରା ସଫଳତାର ସହିତ ସମାପନ ହୋଇଛି। ଏଥି ସହିତ ଆଗକୁ ଆହୁରି ୯ ଗୋଟି ବ୍ୟାଚରେ ୨୭୦ ଜଣ ପିଲା ତଥା ୧୦ଟି ବ୍ୟାଚରେ ମୋଟ ୩୦୦ ଜଣଙ୍କୁ ଏହିପରି ଭାବେ ତାଲିମ ଦେଇ ୱାଟର ସ୍ମାର୍ଟ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ପ୍ରକାଶ କରିଥିଲେ। ଏଡିଇଓ ଶ୍ରୀ ପାତ୍ର ବର୍ତ୍ତମାନ



ପରିପ୍ରେକ୍ଷୀରେ ସନ୍ତରଣ ଶିକ୍ଷା ନିହାତି ଆବଶ୍ୟକ ବୋଲି କହିଥିଲେ। ସେହିପରି ଭାବେ ଏନଏସଏସ ସଂଯୋଜକ ଡ. ମହାନ୍ତ ଜିଲ୍ଲା ପ୍ରଶାସନର ଏପରି ପ୍ରୟାସକୁ ପ୍ରଶଂସା କରିବା ସହିତ ଏଥି ନିମନ୍ତେ ସମସ୍ତ ଅବିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ଅଧ୍ୟକ୍ଷ ଶ୍ରୀ ତିର୍କୀ ପିଲାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ସନ୍ତରଣ ଶିକ୍ଷା ନିହାତି ଆବଶ୍ୟକ ଓ ଏହାଦ୍ୱାରା ପିଲାମାନେ ନିଜେ ବଞ୍ଚିବା ସହିତ ଅନ୍ୟମାନଙ୍କୁ ବଞ୍ଚାଇ ପାରିବେ ଏବଂ ଜଣେ ଜଣେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିପାରିବେ ବୋଲି କହିଥିଲେ। ପ୍ରାଧ୍ୟାପକ ରାଇବଣି ମାର୍ଣ୍ଡୀ ପୁଅ ଓ ଝିଅ ସମସ୍ତେ ଏହି ତାଲିମ ନେବା ଉଚିତ ବୋଲି କହିଥିଲେ। ସେହିପରି ମୁଖ୍ୟଅତିଥି ଶ୍ରୀ ନାୟକ କହିଥିଲେ ଯେ ଅଭ୍ୟାସ ମଣିଷକୁ ସଶକ୍ତ କରିବା ସହିତ ସଫଳତା ଆଣି ଦେଇଥାଏ। ଶିକ୍ଷ୍ୟା ଲାଭ ଦ୍ୱାରା ଦକ୍ଷତା ଓ ମନୋବଳ ବୃଦ୍ଧି ପାଇଥାଏ ଯାହା ମନ ଭିତରେ ଥିବା ଭୟ ଦୂର କରି 'ମୁଁ ପାରିବି'ର ଜିଜ୍ଞାସା ସୃଷ୍ଟି କରିଥାଏ। ଅଭ୍ୟାସ, ସୁରକ୍ଷା ନିୟମ ପାଳନ ତଥା ସନ୍ତରଣ ପାଇଁ ସରଞ୍ଜାମ ନିହାତି ଆବଶ୍ୟକ। ଏହି ସନ୍ତରଣ ତାଲିମ ଆମକୁ ପାଣି ସହ ଲଢ଼ିବା ଶିଖାଇଛି ଏବଂ ଯେ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ଅଭ୍ୟାସ ମାଧ୍ୟମରେ ଅତିକ୍ରମ କରିବାର ସାହାସ ଦେଇଛି ବୋଲି କହିଥିଲେ। ଏହି ଅବରରରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପ୍ରଦାନ କରାଯାଇଥିଲା। ଶେଷରେ ଓଡ୍ରାଫର ଅରୁଣ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ମଙ୍ଗଳପାଟ କ୍ରିକେଟ୍; ନୂଆଗାଁ ଚାମ୍ପିଅନ

କେନ୍ଦୁଝର,୭।୬(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପୋଶି ପଞ୍ଚାୟତ ରେଙ୍ଗାଳବେଡା ଗ୍ରାମର ମା' ମଙ୍ଗଳପାଟ କ୍ରିକେଟ କମିଟି ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡିଆଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନୂଆଗାଁ ଏବଂ ବଉଳମାଳ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ନୂଆଗାଁ ଦଳ ଟସ୍ ଜିତି ୬ୱିକେଟ ହରାଇ ୫୦ ରନ୍ କରିଥିଲା। ବିପକ୍ଷ ଦଳ ନିର୍ଦ୍ଧାରିତ ୬ଓଭର ରେ ୭ୱିକେଟ ହରାଇ ୪୭ରନ୍ କରିବାରେ ସକ୍ଷମ ହୋଇଥିଲା। ଅମ୍ପାୟାର ଭାବେ ବିପନ ନାଏକ ଓ ପୁଟୁକୁ ନାଏକ, ସ୍କୋରର ବାପି କୁମାର ନାଏକ ଦାୟିତ୍ୱ ତୁଲାଇଥିବାବେଳେ ଧାରାବିବରଣୀ ରାଜେଶ ମାଝୀ ପ୍ରଦାନ କରିଥିଲେ। ପୁରୁସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ବିଜେପି ସଂପାଦକିକା ଗୀତାଞ୍ଜଳି ମହାନ୍ତ, ସମାଜସେବୀ କୃପାସିନ୍ଧୁ ମହାନ୍ତ ଚାମ୍ପିଅନ ନୂଆଗାଁ ଦଳକୁ ୧୨ ଏବଂ ରନର୍ସ ବଉଳମାଳ ଦଳକୁଙ୍କୁ ୯ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ରେଙ୍ଗାଳବେଡା ମା' ମଙ୍ଗଳପାଟ କ୍ରିକେଟ କମିଟିର ସଭାପତି ଜତିନ ନାଏକ, ସମ୍ପାଦକ ପପୁନ ମାଝୀ, ବିପିନ ନାଏକ, ପ୍ରଫୁଲ୍ଲ ନାଏକ, ରଞ୍ଜନ ନାଏକ, ଜିତୁ ନାଏକ, ମଙ୍ଗୁଲୁ ନାଏକ, ବିଜୟ ମୁଣ୍ଡା, ଅଜୟ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



## ବନାଯୋଡ଼ିସାହି ରାସ୍ତା ଶୋଚନୀୟ



କେନ୍ଦୁଝର,୭।୬(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ପଞ୍ଚାୟତ ବନାଯୋଡି କୀର୍ତ୍ତନ ମଣ୍ଡପ ଦେଇ ସିଲିସୁଆଁ ୟୁକାଲିପଟାସ ପର୍ଯ୍ୟନ୍ତ ଯାଇଥିବା ଅଧ କିଲୋମିଟର ମାଟି ରାସ୍ତା ମରାମତି ଅଭାବରୁ ଅତି ଶୋଚନୀୟହୋଇ ପଡ଼ି ରହିଛି। ବର୍ଷ ବର୍ଷ ଧରି ମାଟି ମୁଠେ ପଡୁ ନଥିବାରୁ ଛୋଟବଡ଼ ଭାରୀଯାନ ଯାତାୟାତ ଦ୍ୱାରା ବଡବଡ ଖାଲ ଖମା ସୃଷ୍ଟି ହୋଇଛି। ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷାଦିନେ ଖାଲଖମାରେ ପାଣି ଜମି ପୋଖରୀ ଭ୍ରମ ସୃଷ୍ଟି କରୁଛି। ଫଳରେ ଚଲାପାଦ ବ୍ୟବହାର କରିବା କଷ୍ଟକର ହୋଇ ପଡୁଛି। ସ୍କୁଲ-କଲେଜ ସମେତ ୧୦୮ ଆମ୍ବୁଲାନ୍ସ ଗର୍ଭବତୀ ମହିଳା କିମ୍ବା ଗୁରୁତର ରୋଗୀଙ୍କୁ ମେଡିକାଲ ନେବାକୁ ରାସ୍ତାଦେଇ ଗଲାବେଳେ ନାକେଦମ୍ ଦେଉଛି। ଏହାଛଡା କାଦୁଅ ପଚପଚ ହୋଇ ରହୁଥିବା ଯୋଗୁଁ ଦୁର୍ଗନ୍ଧ ହେବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ତୁରନ୍ତ ରାସ୍ତା ମରାମତି କରାଯିବାକୁ ଇଶ୍ୱରଚନ୍ଦ୍ର ବାରିକ, ରାଜୀବ ବେହେରା, ଦୁଷ୍ମନ୍ତ ନାଏକ, ସୁରେଶ ଦେହୁରୀ, ନାଗେଶ୍ୱର ବାରିକ୍, ରାମଚନ୍ଦ୍ର ଦେହୁରୀ, ଜ୍ୟୋରଞ୍ଜନ ମହାନ୍ତ, ଚତୁରାନନ୍ଦ ଦେହୁରୀ, ଗଣେଶ୍ୱର ଦେହୁରୀ, ସଦାନନ୍ଦ ବାରିକ୍ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

କପ୍ତିପଦା,୭।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ କପ୍ତିପଦା ବ୍ଲକ ରାଣୀପୋଖରୀ ଉଚ୍ଚବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ହାତରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ କୁନ୍ତଳା ମହାନ୍ତ. ପରିବେଶ ସୁରକ୍ଷା ମା' ପାଇଁ ଗଛଟିଏ ମିଶନ ତାଳ, ପ୍ଲାଷ୍ଟିକ ମୁକ୍ତ ବିଦ୍ୟାଳୟ, ସ୍ୱଚ୍ଛତା ହିଁ ସେବା ଭଳି ଅନେକ ପରିବେଶ ସମ୍ପର୍କିତ କାର୍ଯକ୍ରମ ଓ ସଚେତନତା ବୃଦ୍ଧି କରି



ଆଜି ଏହି ବିଦ୍ୟାଳୟର ଇକୋ କ୍ଲବ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପ୍ରଚେଷ୍ଟା ଦ୍?ାରା ଏହି ବିଦ୍ୟାଳୟ ପୁରସକୃତ ହୋଇପାରିଛି. ସେଥିପାଇଁ ପ୍ରଧାନ ଶିକ୍ଷୟତ୍ରୀ ବ୍ଲକସ୍ତର, ଜିଲ୍ଲାସ୍ତର, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ ତଥା ପରିବେଶବିତ ମାନଙ୍କୁ ଏହି ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବାସିପିଠା ୟୁପି ସ୍କୁଲ ଓ ବାଲିଡିହା ଆଶ୍ରମ ସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର

ଖୁଣ୍ଟା, ୭।୬(ସମିସ): ଖୁଣ୍ଟା ବ୍ଲକ ବାସିପିଠା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗୋପବନ୍ଧୁ ନଗର ବ୍ଲକ ସାନଖୁଣ୍ଟା ପଞ୍ଚାୟତ ବାଲିଡ଼ିହା ଆଶ୍ରମ ବିଦ୍ୟାଳୟକୁ



ବିଶ୍ୱ ପରିବେଶ ଦିବସରେ ଚଳିତ ବର୍ଷ ପାଇଁ ରାଜ୍ୟ ସରକାର ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରିଛନ୍ତି।""ବିଶ୍ୱ ପରିବେଶ ଦିବସ ପାଳନ ଅବସରରରେ ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଦ୍?ାରା ସେନେଇ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବାସିପିଠା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଳ୍ପତରୁ କଟୁଆଳ ଓ ବାଲିଡ଼ିହା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ନାୟକ ମନ୍ତ୍ରୀଙ୍କ ଠାରୁ ପ୍ରକୃତିମିତ୍ର ପୁରସ୍କାର ଓ ମନ ପତ୍ର ଗ୍ରହଣ କଟିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ।

## ଜେଫାର୍ମିଙ୍ଗ ଓଡ଼ିଶା ପକ୍ଷରୁ କୃଷକ କର୍ମଶାଳା

ରାମଚନ୍ଦ୍ରପୁର,୭।୬(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମରେ ଜେ ଫାର୍ମିଙ୍ଗ ସର୍ଭିସ ଓଡିଶା ପକ୍ଷରୁ ଏକ କୃଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ଷେତ୍ର ପର୍ଯ୍ୟବେକ୍ଷକ ମୃତ୍ୟୁଞ୍ଜୟ କର ବିଭିନ୍ନ ସୂଚନା ଦେବା ସହ ଚାଷୀଙ୍କୁ ଉତ୍ସାହିତ କରିଥିଲେ। ପରିବେଶ ଦିବସର ମହତ୍ୱକୁ ଉପଲବ୍ଧି କରି କିଛି ଔଷଧୀୟ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା। ଉନ୍ନତ କୃଷି ସମ୍ପର୍କିତ ଜ୍ଞାନ କୌଷଳ ଏବଂ ସେବା କିପରି ହାତ ପାଆନ୍ତାରେ ମିଳିପାରିବ ସେଥିନେଇ କ୍ଷେତ୍ର ଅଧିକାରୀ ମୋବାଇଲ ଆପ ଏବଂ ଟୋଲ୍ ଫ୍ରି ସେବାର ସହାୟତା ନେବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏଫଇସିର ବ୍ଲକ ମାଷ୍ଟର ଟ୍ରେନର ଇନ୍ଦିରା ମହାନ୍ତି, କୃଷକସାଥୀ ଦାମୋଦର ମଲ୍ଲିକ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

**ମାଙ୍କଡି ଘାଟୀ ସେହ୍ରା ପର୍ବ ଉଦଯାପିତ**

# ୫ ବାଦ୍ୟ ପ୍ରତିଯୋଗୀଙ୍କୁ ଖାସି ପୁରସ୍କାର

ବହଳଦା/ତିରିଂ,୭।୬(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ ଅନ୍ତର୍ଗତ ମାଙ୍କଡିଡିହି ଗ୍ରାମ ନିକଟ ବୁରୁସାହିରେ ଚାଲିଥିବା ମାଙ୍କଡି ବୁରୁ (ଜଙ୍ଗଲ) ସେହ୍ରା ପର୍ବ ଉଦଯାପିତ ହୋଇଯାଇଛି। ଆଦିବାସୀଙ୍କ ଧର୍ମ ବିଶ୍ୱାସ ଓ ପରମ୍ପରା ଅନୁସାରେ ଆଦିମ କାଳରୁ ପ୍ରକୃତି ପୂଜକ ଭାବେ ବଣ ଜଙ୍ଗଲ, ପର୍ବତ, ନଦୀ, ଜଳାଶୟ ଆଦିକୁ ଇଷ୍ଟ ଦେବତା ଭାବେ ପୂଜା ପାଠ କରି ଆସୁଛନ୍ତି। ଆଦିବାସୀଙ୍କ ପରମ୍ପରା ମଧ୍ୟରେ ଉତ୍ତମ ଫସଲ ଓ ଜୀବ ଜଗତର ମଙ୍ଗଳ ଉଦ୍ଦେଶ୍ୟରେ ଏହି ସେହ୍ରା ପୂଜା ପର୍ବ ପାଳିତ ହୋଇଆସୁଛି। ତେବେ ପୂର୍ବ ପୁରୁଷ ଏବଂ ଆଦିମ କାଳରୁ ନିର୍ଦ୍ଧାରିତ ପରମ୍ପରା ଅନୁସାରେ ନିର୍ଦ୍ଦିଷ୍ଟ ବଣ, ଜଙ୍ଗଲ, ପାହାଡ, ପର୍ବତରେ ଦେବତାଙ୍କୁ ସନ୍ତୁଷ୍ଟ କରାଯାଇ ଉତ୍ତମ ଫସଲ ଜନିତ ବର୍ଷା ଓ ଜୀବ ଜଗତର ମଙ୍ଗଳ କାମନା ଉଦ୍ଦେଶ୍ୟରେ ଏହି ସେହ୍ରା, ଶିକାର ପୂଜା ପର୍ବ ପାଳିତ ହୋଇଆସୁଛି। କାରଣ ଉତ୍ତମ ଫସଲ ବିନା ଖାଦ୍ୟ ଅଭାବରୁ ଜୀବ, ଜନ୍ତୁଙ୍କ ଜୀବନ ଓ ବୃକ୍ଷ, ଲତାଙ୍କ ଅସ୍ତିତ୍ୱ କଳ୍ପନାତୀତ। ଏହି ପୂଜା ପର୍ବରେ ଆୟୋଜିତ ବୀର ସିଙ୍ଗ୍ରାଇ ଓ ସମାଜ ସିଙ୍ଗ୍ରାଇ ଗୀତିନାଟ୍ୟରୁ ଅନୁପ୍ରେଣୀତ ହୋଇ ମାଙ୍କଡିଡିହି ଗ୍ରାମର କଲ୍ ହୋ ସମ୍ପ୍ରଦାୟର ବିରସିଂ ବଦ୍ରା ମାଙ୍କଡି ଜଙ୍ଗଲର ଦେବତାଙ୍କ ଉଦ୍ଦେଶ୍ୟରେ ଏହି



ସେହ୍ରା ପର୍ବ ଆରମ୍ଭ କରିଥିଲେ। ପରେ ତାଙ୍କ ସୁପୁତ୍ର କିଶନୁ ବଦ୍ରା ୨୫ ବର୍ଷ ହେଲା ଏହି ପର୍ବ ଆୟୋଜନ କରି ଆସୁଛନ୍ତି। ସେ ଆଦିବାସୀଙ୍କ ଧର୍ମବିଶ୍ୱାସ, ରିତିନୀତି ଓ ଭିଷା, ସଂସ୍କୃତିକୁ ଉଜ୍ଜିବୀତ ଓ ବଳିଷ୍ଠ କରି ରଖିବା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରି ଆସିଛନ୍ତି। ଚଳିତ ବର୍ଷ ପ୍ରଥମ ଦିବସରେ ପାରମ୍ପରିକ ପୂଜାବିଧି ସମ୍ପନ୍ନ କରିବା ପରେ ଦ୍ୱିତୀୟ ଦିନ ପାରମ୍ପରିକ କାଳହା ବାଜନା ବାଦ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ୫ଟି ଦଳକୁ ଖାସି ଛେଳି ଦେଇ ପୁରସ୍କୃତ କରାଯାଇଥିଲା। ଏଥିରେ ବହଳଦା ବ୍ଲକ ଅନ୍ତର୍ଗତ ଅସନା ଗ୍ରାମପଞ୍ଚାୟତ ରଡୋପୋଟକା, ମାରାଂଭାଲୁ ଓ ଗିଦିଘାଟୀ ଗ୍ରାମପଞ୍ଚାୟତ ଗିଦିଘାଟୀ ତଥା ସୁରଦା-ଯୋଶିପୁର ଗ୍ରାମପଞ୍ଚାୟତ ଝାବୁକୋଚା ଦଳ ସହିତ ତିରିଂ ବ୍ଲକ ଅନ୍ତର୍ଗତ ଲୁପୁଙ୍ଗ ଗ୍ରାମପଞ୍ଚାୟତର ମାରାଂଘୁଳା ଦଳ ସାମିଲ ହୋଇଥିଲେ। ସେହିପରି ପୂଜା ପରମ୍ପରା ଅନୁସାରେ ରାତ୍ରି ଗିଦିନାଟ୍ୟ ବୀର ସିଂଗ୍ରାଇ ଏବଂ ପରବର୍ତ୍ତୀ ଦିବସରେ ସମାଜ ସିଂଗ୍ରାଇରେ ଅଂଶ ଗ୍ରହଣ କରିଥିବା ୭ଟି ଦଳ ମଧ୍ୟରୁ ପ୍ରଥମ ୩ଟିକୁ ଖାସି ଛେଳି ଏବଂ ଅବଶିଷ୍ଟ ଦଳଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଭାବେ ବତକ (ହଂସ) ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଆୟୋଜକ କିଶନୁ ବଦ୍ରା ଓ ତାଙ୍କ ପରିବାର ସଦସ୍ୟଙ୍କ ସହିତ ଅତିଥି ଭାବେ ଯୋଗଦେଇଥିଲେ। ପଳସାପିଢ ପରଗଣା ଭାଗୀରଥି ହାଁସଦା ଏବଂ ସାମ୍ବାଦିକ ବସନ୍ତ ସାଣ୍ଡିଲ ପୁରସ୍କାର ବଣ୍ଟନ କରିଥିଲେ।

# ଦାଦନ ଯନ୍ତ୍ରଣା
# ଓମାନରେ ପଡ଼ିଛି ସ୍ୱାମୀଙ୍କ ଶବ



ବାଲେଶ୍ୱର, ୭।୬ (ସମିସ): ସାତ ଦରିଆପାରିରେ ପଡ଼ିଛି ସ୍ୱାମୀଙ୍କ ଶବ। ଏପଟେ, ଶେଷଥର ପାଇଁ ସ୍ୱାମୀର ମୁହଁ ଦେଖିବାକୁ ଏବଂ ଗାଁ ମଶାଣିରେ ଅନ୍ତିମ ସଂସ୍କାର କରାଇବା ପାଇଁ ସରକାରୀ ଅଫିସ୍ ଘୂରି ବୁଲୁଛନ୍ତି ପତ୍ନୀ। ବାଲେଶ୍ୱର ଜିଲ୍ଲାପାଳ ଅଫିସ୍‌ରେ ଆଜି ଏପରି ଏକ ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଅନ୍ତର୍ଗତ ଅନନ୍ତପାଣି ଗ୍ରାମର ନିତ୍ୟାନନ୍ଦ ମହାଳିକ (୪୬)। ପରିବାର ଚଳାଇବା ପାଇଁ ଗତ ୧୧ ବର୍ଷ ଧରି ସେ ଓମାନର ଏକ ହୋଟେଲରେ ଦାଦନ ଶ୍ରମିକ ଭାବେ କାମ କରିଆସୁଥିଲେ। ତେବେ ଗତକାଲି ସେଠାରେ ତାଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଛି। ତେଣୁ, ସ୍ୱାମୀଙ୍କ ଶବକୁ ଭିଟାମାଟିକୁ ଫେରାଇ ଆଣିବା ପାଇଁ ପତ୍ନୀ ଅନୁପମା ଆଜି ଜିଲ୍ଲାପାଳଙ୍କୁ କାନ୍ଦି କାନ୍ଦି ଗୁହାରି କରିଛନ୍ତି।

ଅନୁପମାଙ୍କ କହିବା ଅନୁସାରେ, ତାଙ୍କ ପରିବାର ଅତ୍ୟନ୍ତ ଗରିବ। ପରିବାର କହିଲେ, ଦୁଇପୁଅ, ଝିଅ ଏବଂ ବୃଦ୍ଧ ବାପା-ମାଆ। ପରିବାର ପ୍ରତିପୋଷଣ ପାଇଁ ନିତ୍ୟାନନ୍ଦ ବିଦେଶକୁ ଗୋଡ଼ ବଢ଼ାଇଥିଲେ। ଭଲ ଦି' ପଇସା ରୋଜଗାର ଆଶାରେ ସେ ସାଉଦି ଆରବ, ଦୁବାଇ ଭଳି ସ୍ଥାନରେ ୨ବର୍ଷ ଲେଖାଏଁ କାର୍ଯ୍ୟ କରିବା ପରେ ଗତ ୧୧ବର୍ଷ ଧରି ଓମାନର ଏକ ହୋଟେଲରେ କାମ କରି ଆସୁଥିଲେ। ଗତକାଲି (ଶୁକ୍ରବାର) ସକାଳ ଓ ଅପରାହ୍ଣରେ ସେ ଅନୁପମାଙ୍କ ସହ କଥା ହେବା ବେଳେ ତାଙ୍କ ପେଟ ବଥା ହେଉଥିବା କହିଥିଲେ। ତେବେ ରାତି ପ୍ରାୟ ୯ଟାରେ ହଠାତ୍ ଉକ୍ତ ହୋଟେଲର ମ୍ୟାନେଜର୍ ତାଙ୍କୁ ଫୋନ୍ କରି ନିତ୍ୟାନନ୍ଦଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହିଥିଲେ। ଆଜି ସକାଳେ ସେ ପୁଣିଥରେ ଫୋନ୍ କରିବାରୁ ତାଙ୍କ ସ୍ୱାମୀଙ୍କ ମୃତଦେହ ପଲିଥିନରେ ଘୋଡ଼ାଇ ହୋଇଥିବା ଦେଖିବାକୁ ପାଇଥିଲେ। ଏପରିକି, ହୋଟେଲ ମ୍ୟାନେଜର୍ ତାଙ୍କୁ ଅଧିକ କିଛି ନ ପଚାରିବା ପାଇଁ ଧମକ ଦେଇ ଫୋନ୍ ରଖି ଦେଇଥିଲା। ନିତ୍ୟାନନ୍ଦଙ୍କ ଏପରି

**ଫେରାଇ ଆଣିବା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କଲେ ପତ୍ନୀ**

ହଠାତ୍ ମୃତ୍ୟୁକୁ ଅନୁପମା ସହଜରେ ବିଶ୍ୱାସ କରିପାରୁନାହାନ୍ତି। ତାଙ୍କୁ ସେଠାରେ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଓମାନରୁ ନିତ୍ୟାନନ୍ଦଙ୍କ ମୃତଦେହ ଆଣିବା ଅନୁପମାଙ୍କ ପରିବାର ପକ୍ଷେ କଷ୍ଟକର ହୋଇପଡ଼ିଛି। ତେଣୁ, ମୃତଶରୀର ଆଣିବା ପାଇଁ ଆଜି ଅନୁପମା ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି।

ଜିଲ୍ଲାପାଳ ଏନେଇ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ୪ଜଣିଆ ଟିମ ଗଠନ କରି ଓମାନ ସହ ଯୋଗଯୋଗ କରିଥିବା ଜଣାଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଏ ସଂପର୍କରେ ତୁରନ୍ତ ଶ୍ରମ କମିଶନ କାର୍ଯ୍ୟାଳୟକୁ ଜଣାଯିବା ସହ ବୈଦେଶିକ ମନ୍ତ୍ରାଳୟକୁ ମଧ ଯୋଗାଯୋଗ କରାଯାଇଛି। ଉପଜିଲ୍ଲାପାଳ, ଜିଲ୍ଲା ଶ୍ରମଅଧିକାରୀ, ଦାୟିତ୍ୱରେ ଥିବା ରେମୁଣା ବିଡିଓ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନେଇ ଟିମ୍ ଗଠନ କରାଯାଇ ଉକ୍ତ ହୋଟେଲ ସହ ଯୋଗାଯୋଗ ଆରମ୍ଭ କରାଯାଇଛି। ଯେହେତୁ ଓମାନରେ ଏହି ଘଟଣା ଘଟିଛି, ଓଡ଼ିଶା ସରକାରଙ୍କ ପକ୍ଷରୁ ଯୋଗାଯୋଗ କରାଯାଉଛି। ଖୁବ୍‌ଶୀଘ୍ର ତାଙ୍କ ମୃତଦେହ ଫେରାଇ ଆଣିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

**ଫୁଲବାଣୀରେ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଉଦ୍‌ଘାଟିତ**

# କନ୍ଧମାଳରେ ପର୍ଯ୍ୟଟନ ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି: ମୁଖ୍ୟମନ୍ତ୍ରୀ



**ଜିଲ୍ଲା ପାଇଁ ପ୍ରାୟ ୭୫୦ କୋଟିର ୧୦ଟି ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର**

ଫୁଲବାଣୀ, ୭।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କନ୍ଧମାଳ ଜିଲ୍ଲା ଗସ୍ତ କରି ଫୁଲବାଣୀରେ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍‌ର ଉଦ୍‌ଘାଟନ କରିବା ସହିତ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

କନ୍ଧମାଳବାସୀଙ୍କ ବହୁଦିନର ଆଶା ପୂରଣ କରିଛି ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସେମାନଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। କନ୍ଧମାଳର ଏହି ମେଡିକାଲ୍ କଲେଜ୍ କେବଳ ଚିକିତ୍ସା ଶିକ୍ଷା ପ୍ରଦାନ କରିବ ନୁହେଁ, ବରଂ ଏହା ଏଠାରେ ଏକ ସୁନିଶ୍ଚିତ ଓ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ପ୍ରେରଣା ପାଲଟିବ। ଏହି ୬୫୦ ଶଯ୍ୟା ବିଶିଷ୍ଟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଦ୍ୱାରା କେବଳ କନ୍ଧମାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଫୁଲବାଣୀରେ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ୧୦ଟି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କନ୍ଧମାଳ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି ପ୍ରକଳ୍ପ ମଧ୍ୟରୁ ୬୫୫ କୋଟି ଟଙ୍କାରୁ ଅଧିକ ୫ଟି ପ୍ରକଳ୍ପର ଉଦ୍‌ଘାଟନ ସହିତ ପ୍ରାୟ ୯୪ କୋଟିରୁ ଉର୍ଦ୍ଧ୍ୱ ୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ମଞ୍ଚାସୀନ ଥିଲେ।

■ ମାହାଙ୍ଗାରେ ଚାଞ୍ଚଲ୍ୟ

## ବନ୍ଦ ଘରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ଶବ ଜବତ

ଭଦ୍ରେଶ୍ୱର, ୭।୬(ସମିସ): ମାହାଙ୍ଗା ଥାନାଞ୍ଚଳରେ ଏକ ବନ୍ଦ ଘରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ଶବ ଉଦ୍ଧାର ହେବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ମାହାଙ୍ଗା ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନାନୁସାରେ, କଟକ ଜିଲ୍ଲା ସାଲେପୁର ଥାନା ବାଲିସାହି ଗ୍ରାମପଞ୍ଚାୟତ ମାଛୁଆତି ଗ୍ରାମର ଚିନ୍ମୟୀ ଭୋଇ(୨୫) ସ୍ଥାନୀୟ ରାଇସୁଙ୍ଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ରୂପେ କାର୍ଯ୍ୟ କରିଆସୁଥିଲେ। ଦୀର୍ଘ ଦିନ ହେଲା ଚିନ୍ମୟୀଙ୍କ ସାଲେପୁର ଥାନା ରାମକୃଷ୍ଣପୁର ପଞ୍ଚାୟତ ବାଲିସିମଳା ଗ୍ରାମର ଦେବେନ୍ଦ୍ର ମୁଣ୍ଡା(୨୫)ଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହି ଦୁଇଜଣ ବିବାହ କରି ନପାରି ମାହାଙ୍ଗା ଥାନା ପଲ୍ଲିସାହି ପଞ୍ଚାୟତ ଖନ୍ଦୋଳ ଗ୍ରାମର କ୍ଷୀରୋଦ ଲେଙ୍କାଙ୍କ ଘରକୁ ୪ ଦିନ ତଳେ ଭଡ଼ା ସୂତ୍ରରେ ନେଇ ରହିଆସୁଥିଲେ। ଶନିବାର ଏହି ଭଡ଼ା ଘର ବନ୍ଦ କୋଠରୀରୁ ଦୁର୍ଗନ୍ଧ ଆସିଥିଲା। କବାଟ ଖୋଲା ନଥିବା କାରଣରୁ ଲୋକେ ସନ୍ଦେହ ପ୍ରକଟ କରିଥିଲେ। ଘର ମାଲିକ କ୍ଷୀରୋଦ ଲେଙ୍କାଙ୍କ ଝିଅ ଜୁଲି କବାଟ ବାଡ଼େଇ ଡାକିଥିଲେ ମଧ କୌଣସି ଉତ୍ତର ମିଳି ନଥିଲା। ଏ ସମ୍ପର୍କରେ ଜୁଲି ଫୋନ ଯୋଗେ ଭୁବନେଶ୍ୱର ଯାଇଥିବା ବାପା ଓ ଦାଦା ସୁରେନ୍ଦ୍ରଙ୍କୁ ଜଣାଇଥିଲେ। ଖବର ପାଇ କ୍ଷୀରୋଦ ଭୁବନେଶ୍ୱରରୁ ଫେରି ଆସି ଏଠାରେ ପହଞ୍ଚିବା ସହ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମାହାଙ୍ଗା ଥାନା ପୁଲିସ ଓ ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତି ଓ ନିର୍ଦ୍ଦେଶରେ ବନ୍ଦ ଥିବା କବାଟ ଓ ଝରକାକୁ ତାଡ଼ି ଘରେ ପୁଲିସ କର୍ମଚାରୀମାନେ ପଶିଥିଲେ। ତେବେ ଘରର ପଙ୍ଖାରେ ଦୁଇଜଣ ଶାଢି ସାହାଯ୍ୟରେ ଆମ୍ଭହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ପୁଲିସ ଏହି ଦୁଇଜଣଙ୍କ ଝୁଲନ୍ତା ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା।

## ବାଲି ଚୋରି ରୋକିବାକୁ ଆସିବ ନୂଆ ଏସ୍‌ଓପି

**ଆବାସ ଲାଗି ମିଳିବ ଦୁଇ ଟ୍ରାକ୍ଟର ମାଗଣା ବାଲି**

ଭୁବନେଶ୍ୱର,୭।୬(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ପାଇଁ ଆଗକୁ ଦୁଇ ଟ୍ରାକ୍ଟର୍ ବାଲି ନିଃଶୁଳ୍କରେ ଯୋଗାଇ ଦିଆଯିବ। ଏନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏହାସହ ବାଲି ଚୋରି ରୋକିବା ଲାଗି ନୂଆ ଏସ୍‌ଓପି ଆସିବ। ଏଥିଲାଗି କ୍ୟାବିନେଟ୍‌ରେ ଆଲୋଚନା ହୋଇଛି ଶ୍ରୀ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଗରିବ ଲୋକଙ୍କୁ ମାଗଣାରେ ବାଲି ଦିଆଗଲେ ସେମାନେ ଘର ଖଣ୍ଡେ ସହଜରେ ତିଆରି କରିପାରିବେ। ଏଥିପାଇଁ ସେମାନଙ୍କୁ ପରମିଟ୍ ଇସ୍ୟୁ କରାଯିବ, ଯାହାଦ୍ୱାରା ଗରିବ ଲୋକେ ବାଲି ମାଗଣାରେ ଆଣିପାରିବେ। ଏହାସହ ଆଗାମୀ ଦିନରେ ବାଲି ଉଠାଣରେ ହାଇୱା ଗାଡ଼ି ବ୍ୟବହାରକୁ ବନ୍ଦ କରିବାକୁ ସରକାର ବିଚାର କରୁଛନ୍ତି। ହାଇୱାରେ ପ୍ରାୟ ୪୦ ଟନ ବାଲି ଆସୁଥିବା ବେଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଏତେ ଲୋଡ୍ ସହ୍ୟ କରିପାରୁନାହିଁ। ଏହାଦ୍ୱାରା ରାସ୍ତା ନଷ୍ଟ ହେଉଛି। ତେଣୁ ଏ ସବୁକୁ ନେଇ ନୂଆ ଏସଓପି ଆସିବାକୁ ଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଏଥିସହ କପ୍ତିପଦାରେ ଅତିରିକ୍ତ ତହସିଲଦାରଙ୍କୁ ବାଲି ମାଫିଆ ଆକ୍ରମଣ କରିବା ଘଟଣାରେ ମଧ ରାଜସ୍ୱ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ଏହି ଆକ୍ରମଣ କରିବାର ଯେଉଁ ଦୁଃସାହସ ସେମାନେ କରିଛନ୍ତି ଏହା ତାଙ୍କର ଶେଷ ଦୁଃସାହସ ହେଉ। ଘଟଣାରେ ମୁଁ ଅଧିକାରୀମାନଙ୍କ ସହ କଥା ହୋଇଛି। ଯେଉଁମାନେ ଏହି କାଣ୍ଡ କରିଛନ୍ତି ଏବଂ ଯେଉଁମାନେ ପ୍ରଚ୍ଛଦପଟରେ ରହିଛନ୍ତି ସମସ୍ତଙ୍କୁ ଧରାଯିବ। ତଦନ୍ତ ସେ ପର୍ଯ୍ୟନ୍ତ ହେବ ଯେଉଁ ପର୍ଯ୍ୟନ୍ତ ସେମାନେ ଧରା ନ ପଡ଼ିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଯୌତୁକ ଜୁଇରେ ନବବିବାହିତା

**ଅଭିଯୁକ୍ତ ସ୍ୱାମୀ ଥାନାରେ ଅଟକ**



କୋକସରା, ୭।୬ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଧୀନ ଲଡୁଗାଁ ପଞ୍ଚାୟତର ଆଁଇଲି ଗ୍ରାମରେ ଯୌତୁକ ଲାଗି ଜଣେ ନବବିବାହିତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ୍ୟୁ ଘଟିଥିବା ଏହି ନବ ବିବାହିତା ଜଣକ ହେଲେ ମାଳତୀ ଛତ୍ରିଆ। ତେବେ ଏହି ଘଟଣାରେ ପୁଲିସ ତାଙ୍କ ସ୍ୱାମୀ ଲିଙ୍ଗରାଜ ବାଗଙ୍କୁ ଥାନାରେ ଅଟକ ରଖିଛି। ମାତ୍ର ୩ମାସ ତଳେ ତାଙ୍କ ବିବାହ ହୋଇଥିଲା। ଶାଶୂ ଘର ଲୋକ ଦୁର୍ଘଟଣାରେ ଗୁରୁତର ହୋଇଥିବାରୁ ମେଡିକାଲ ନେବା ସମୟରେ ବୋହୂର ମୃତ୍ୟୁ ଘଟିଥିବା କହୁଥିବାବେଳେ ଝିଅକୁ ମାଡ ମାରି ଦୁର୍ଘଟଣାର ରୂପ ଦିଆଇଥିବା ଝିଅର ଭଉଣୀ ଅଭିଯୋଗ କରିଛନ୍ତି। ମାର୍ଚ୍ଚ ୮ରେ ଆମପାଣି ଥାନା କାଉଡୋଳା ଗ୍ରାମର ଗଗନ ଛତ୍ରିଆଙ୍କ ବଡ ଝିଅ ମାଳତୀଙ୍କୁ ଲିଙ୍ଗରାଜ ବୈଦିକ ରୀତିନୀତି ଅନୁସାରେ ବିବାହ ହୋଇଥିଲା। ତେବେ ବିବାହର ଏକ ମାସ ସେମାନେ ଭଲରେ ଥିଲେ। ପରେ ଯୌତୁକକୁ ନେଇ ଝିଅକୁ ନିର୍ଯାତନା ଦେବା ସହ ମାଡ ମାରିବା ଆରମ୍ଭ କରିଥିଲେ ଯୌତୁକ ଲୋଭି ସ୍ୱାମୀ। ଏ ନେଇ କୋକସରା ଥାନାରେ ଝିଅର ବାପା ଏତଲା ଦେଇଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ତଦନ୍ତ କରିଛି। କୋକସରା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


# ବିଶ୍ୱ ବାଣିଜ୍ୟ

**ମୁଦ୍ରା ବିନିମୟ ମୂଲ୍ୟ**




ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୯୯ ● ପାଉଣ୍ଡ ୧୧୬.୭୪
- ୟୁରୋ ୯୮.୬୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୨୯୦ (ନୂଆଦିଲ୍ଲୀ)
- ରୁପା : ୧,୦୭,୧୦୦ (କେଜି)

**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୮୮.୦୦
- ନିଫ୍ଟି ୨୫,୦୦୩.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ମହଙ୍ଗା ହେବ ଗାଡ଼ିର ତୃତୀୟ ପକ୍ଷ ବୀମା



- ପ୍ରିମିୟମ୍ ୨୫% ବଢ଼ିପାରେ
- ଆଇଆରଡିଏଆଇ ଦେଇଛି ପ୍ରସ୍ତାବ

ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଆଗକୁ ଗାଡ଼ିର ଥାର୍ଡ ପାର୍ଟି ଇନ୍‌ସ୍ୟୁରାନ୍ସ ବା ତୃତୀୟ ପକ୍ଷ ବୀମା କରିବା ମହଙ୍ଗା ହୋଇପାରେ। ଏଥିରେ ବୀମା ପ୍ରିମିୟମ୍ ପାଖାପାଖି ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ) ସରକାରଙ୍କୁ ତୃତୀୟ ପକ୍ଷ ବୀମା ପ୍ରିମିୟମ ବୃଦ୍ଧି କରିବାକୁ ପରାମର୍ଶ ଦେଇଛି।

ଆଇଆରଡିଏଆଇ ପକ୍ଷରୁ ପ୍ରିମିୟମରେ ହାରାହାରି ୧୮%ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି, ଯେତେବେଳେ କି କିଛି ବର୍ଗର ଗାଡ଼ିରେ ଏହି ବୃଦ୍ଧି ୨୦% ରୁ ୨୫% ପର୍ଯ୍ୟନ୍ତ ହୋଇପାରେ। ବର୍ତ୍ତମାନ ଏହି ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନେବ। ଆସନ୍ତା ୨ ରୁ ୩ ସପ୍ତାହ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ନିଆଯାଇପାରିବ। ମନ୍ତ୍ରଣାଳୟର ଅନୁମୋଦନ ପରେ, ସାଧାରଣ ସମ୍ମତି ପାଇଁ ଏକ ଚିଠା ବିଜ୍ଞପ୍ତି ଜାରି କରାଯିବ। ଏହାପରେ ପରାମର୍ଶ ନେବା ଏବଂ ସମୀକ୍ଷା କରିବା ଭଳି ଅନ୍ୟାନ୍ୟ ପ୍ରକ୍ରିୟା କରାଯିବ। ତା'ପରେ ହିଁ ଏହି ପରିବର୍ତ୍ତନଗୁଡ଼ିକ କାର୍ଯ୍ୟକାରୀ ହେବ। ଗତ ତିନି ବର୍ଷ ଧରି ଗାଡ଼ିର ତୃତୀୟ ପକ୍ଷ ବୀମା ପ୍ରିମିୟମ୍‌ରେ ପରିବର୍ତ୍ତନ କରାଯାଇନାହିଁ। ଏହି ବୀମା ଆପଣଙ୍କ ଗାଡ଼ି ଦ୍ୱାରା ତୃତୀୟ ବ୍ୟକ୍ତି (ଯେପରିକି ଜଣେ ପଦଯାତ୍ରୀ, ଅନ୍ୟ ଜଣେ ଡ୍ରାଇଭର, କିମ୍ବା ସେମାନଙ୍କ ସମ୍ପତ୍ତି) କୁ ହୋଇଥିବା କ୍ଷତି ପାଇଁ କ୍ଷତିପୂରଣ ଦିଏ। ଏହା ଆପଣଙ୍କୁ କିମ୍ବା ଆପଣଙ୍କ ଗାଡ଼ିର କ୍ଷତିକୁ କଭର କରେ ନାହିଁ, କିନ୍ତୁ ଅନ୍ୟମାନଙ୍କ ପାଇଁ ହୋଇଥିବା କ୍ଷତି ପାଇଁ ସୁରକ୍ଷା ପ୍ରଦାନ କରେ। ଏହି ବୀମା ତୃତୀୟ ବ୍ୟକ୍ତିଙ୍କ ଆଘାତ କିମ୍ବା ମୃତ୍ୟୁ କ୍ଷେତ୍ରରେ କ୍ଷତିପୂରଣ ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେଇଥାଏ। ତୃତୀୟ ବ୍ୟକ୍ତିଙ୍କ ସମ୍ପତ୍ତି (ଯେପରିକି ଅନ୍ୟ ଏକ ଗାଡ଼ି, ଦୋକାନ, କିମ୍ବା ଘର) କ୍ଷତି ଏହି କ୍ଷତିପୂରଣ ମଧ୍ୟରେ ସାମିଲ। ତୃତୀୟ ପକ୍ଷ ବୀମା ଆଇନଗତ ଭାବରେ ବାଧ୍ୟତାମୂଳକ। ତୃତୀୟ ପକ୍ଷ ବୀମା ବିନା ଗାଡ଼ି ଚଲାଇବା ବେଆଇନ ଏବଂ ଜରିମାନା କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। ତୃତୀୟ ପକ୍ଷ ବୀମା ବୀମାକାରୀଙ୍କୁ ଆର୍ଥିକ ବୋଝରୁ ସୁରକ୍ଷା କରେ, ଯଦି ଆପଣଙ୍କ ଭୁଲ ଯୋଗୁଁ ଅନ୍ୟ କେହି କ୍ଷତିଗ୍ରସ୍ତ ହୁଅନ୍ତି, ତେବେ ବୀମା କମ୍ପାନୀ ଏହାର କ୍ଷତିପୂରଣ ଦିଏ।

● ଆମେରିକାର 'ୱାନ୍ ବିଗ୍ ବ୍ୟୁଟିଫୁଲ ବିଲ୍'

## ସବୁଠୁ ଅଧିକ ପ୍ରଭାବିତ ଦେଶ ମଧ୍ୟରେ ଭାରତ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ ବିଗ ବ୍ୟୁଟିଫୁଲ ବିଲ୍' ନିକଟରେ ଆମେରିକା ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍ସରେ ୨୧୫-୨୧୪ ଭୋଟରେ ମାମୁଲି ଅନ୍ତରରେ ଗୃହୀତ ହୋଇଯାଇଛି। ଏହି ବିଧେୟକରେ ଏକ ଏପରି ପ୍ରାବଧାନ ରହିଛି ଯାହା ବୈଶ୍ୱିକ ରେମିଟାନ୍ସ (ବିଦେଶକୁ ପଠାଯାଉଥିବା ପଇସା) ସ୍ରୋତକୁ ବଦଳାଇଦେବ। ଏହାର ସବୁଠୁ ଅଧିକ ପ୍ରଭାବ ପଡୁଥିବା ଦେଶଙ୍କ ମଧ୍ୟରେ ଭାରତ ମଧ ରହିଛି। ତେବେ ସିନେଟ୍‌ରେ ଏହି ବିଲକୁ ତୀବ୍ର ବିରୋଧ କରାଯାଇଛି। ଏହି ବିଲକୁ ବିଶ୍ୱର ଶୀର୍ଷ ଧନୀକ ଏଲନ ମସ୍କ ମଧ ବିରୋଧ କରୁଛନ୍ତି। ଏଥିରେ ଟ୍ରମ୍ପ-ମସ୍କ ସମ୍ପର୍କ ଅଦ୍ଭୁତ ଭାବେ ବଦଳିଯାଇଛି। ତେବେ ଆମେରିକାର ଏହି ବିଧେୟକ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି, କାରଣ ଭାରତକୁ ପ୍ରତି ବର୍ଷ ହଜାର ହଜାର କୋଟି ଡଲାର ରେମିଟାନ୍ସ ରୂପେ ମିଳିଥାଏ। ବିଲ୍‌ରେ ବିଦେଶରେ କାମ କରୁଥିବା ପ୍ରଫେସନାଲ, ଗ୍ରୀନକାର୍ଡ ଧାରୀ ଓ ଏଚ-୧ ଭିସାଧାରୀ ଯେଉଁମାନେ ଆମେରିକାରୁ ବିଦେଶକୁ ପଇସା ପଠାଉଛନ୍ତି ସେମାନଙ୍କ ପଇସା ଉପରେ ୩.୫% ଟ୍ୟାକ୍ସ ଲଗାଇବାକୁ ପ୍ରସ୍ତାବ ରହିଛି। ପୂର୍ବରୁ ଏହି ଟ୍ୟାକ୍ସ ୫% ଥିଲା। ତେବେ ଚାପପଡିବା ପରେ ଏହାକୁ ହ୍ରାସ କରାଯାଇଥିଲା।

## ମାଲାବାର ଗୋଲ୍ଡର 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍



ଭୁବନେଶ୍ୱର,୭।୬(ସମିସ): ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ମାଲାବାରର ଭୁବନେଶ୍ୱରସ୍ଥିତ ସୌଭାଗ୍ୟ ନଗର ଶୋ' ରୁମ୍‌ରେ ଏହି 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' ଫେଷ୍ଟିଭାଲ ଅନ୍ତର୍ଗତ ଏହି ଫ୍ଲାଗଶିପ୍ ଜୁଏଲେରୀ କ୍ୟାମ୍ପେନ୍ ଅନୁଷ୍ଠିତ ହୋଇଛି। କର୍ପୋରେଟର ବିନୟିନୀ ଜେନା 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ପରିଚାଳନା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥିରେ ଚଳିତବର୍ଷ ସୁନା, ହୀରା, ପୋଲ୍କୀ ଏବଂ ମୂଲ୍ୟବାନ ରତ୍ନପଥର ଏବଂ ଆହୁରି ଅନେକ ଏକ୍ସକ୍ଲୁସିଭ୍ ବ୍ରାଇଡାଲ ଜୁଏଲେରୀ କଲେକ୍‌ସନ୍ ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦ କହିଛନ୍ତି ଯେ, ନୂତନ ଯୁଗର କନ୍ୟାମାନଙ୍କ ଲାଗି ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍ ସବୁଠୁ ଲୋକପ୍ରିୟ ବ୍ରାଇଡା ଜୁଏଲେରୀ କ୍ୟାମ୍ପେନ୍ ଭାବେ ଅଭିହିତ।

## ଟାଟା ହ୍ୟାରିଅର ଇଭିର ଶୁଭାରମ୍ଭ




ମୁମ୍ବାଇ, ୭।୬ (ଏଜେନ୍ସି): ଭାରତର ଇଲେକ୍ଟ୍ରିକ୍ ଭେହିକିଲ୍ ବିପ୍ଳବର ପ୍ରତୀକ ଏବଂ ଏସ୍‌ୟୁଭି ଉତ୍ପାଦନରେ ଦେଶର ଅଗ୍ରଣୀ ଟାଟା ମୋଟର୍ସ ହ୍ୟାରିଅର.ଇଭିର ବିକ୍ରି ଶୁଭାରମ୍ଭ କରିଛି। ଭାରତରେ ଆଜି ପର୍ଯ୍ୟନ୍ତ ଉତ୍ପାଦିତ ହୋଇଥିବା ଏସ୍‌ୟୁଭିଗୁଡିକ ମଧ୍ୟରେ ଏହା ସବୁଠାରୁ ଶକ୍ତିଶାଳୀ, ଦକ୍ଷତାପୂର୍ଣ୍ଣ ଏବଂ ବୁଦ୍ଧିମାନ। ଆଗାମୀଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି ପ୍ରସ୍ତୁତ ହୋଇଥିବା ଏହି ଟାଟା ହ୍ୟାରିଅର.ଇଭି ଏକ ନୂଆ ମାନସିକତା ଆଣେ, ଯେଉଁଠାରେ ଦକ୍ଷତା ଏବଂ ଆଧୁନିକତାର ଏକ ସନ୍ତୁଳନ ଦେଖାଯାଏ। ୫୦୪ ଏନ୍‌ଏମ୍ ଟର୍କ ଏବଂ କ୍ୟୁଡବ୍ଲ୍ୟୁଡି ଡୁଆଲ୍-ମୋଟର ସହିତ, ଟାଟା ହ୍ୟାରିଅର.ଇଭିହେଉଛି ଭାରତରେ ଏ ପର୍ଯ୍ୟନ୍ତ ଉତ୍ପାଦିତ ହୋଇଥିବା ସର୍ବୋତ୍ତମ ସ୍ୱଦେଶୀ ଏସ୍‌ୟୁଭି। ୪ଟି ଆକର୍ଷଣୀୟରଙ୍ଗ ବିକଳ୍ପରେ ଉପଲବ୍ଧ ହ୍ୟାରିଅର.ଇଭିର ପ୍ରାରମ୍ଭିକ ମୂଲ୍ୟ ୨୧.୪୯ ଲକ୍ଷ ଟଙ୍କାରୁ ଆରମ୍ଭ। ନେକ୍ସଟ୍-ଜେନ ଆକ୍ଟି.ଇଭି+ ପ୍ୟୁର୍ ଇଭି ପରିବେଶରେ ପାୱାର୍ ହୋଇ, ଏହା ଏକ ଏସ୍‌ୟୁଭି ଯାହା ବୁଷ୍ଟ ମୋଡ୍‌ରେ ମାତ୍ର ୬.୩ ସେକେଣ୍ଡରେ ୦-୧୦୦ କିମି/ଘଣ୍ଟା ପର୍ଯ୍ୟନ୍ତ ସୁପର-ଗତି କରିପାରେ।

## ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ଜଟିଳ ଅସ୍ଥିମଜ୍ଜା ରୋଗର ସଫଳ ଚିକିତ୍ସା

ଭୁବନେଶ୍ୱର,୭।୬(ସମିସ): ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଜଟିଳ ଅସ୍ଥିମଜ୍ଜା ଚିକିତ୍ସା ସଫଳତାର ସହିତ କରାଯାଇଛି। ମଧ୍ୟପ୍ରଦେଶ ଇନ୍ଦୋରରୁ ଆସିଥିବା ୨୦ ବର୍ଷ ବୟସ ଜଣେ ଯୁବକଙ୍କର ଦୁର୍ଲଭ ଅସ୍ଥିମଜ୍ଜା ରୋଗ ଓ ସଂକ୍ରମଣ ରୋଗରେ ଆକ୍ରାନ୍ତ ଥିଲେ। ବିଭିନ୍ନ ହସ୍ପିଟାଲରେ ତାଙ୍କର ଚିକିତ୍ସା ହୋଇଥିଲେ ମଧ କୌଣସି ଚିକିତ୍ସା ଉପଶମ ନ ମିଳିବାରୁ ତାଙ୍କ ପରିବାର ସଦସ୍ୟମାନେ ମଣିପାଲ ହସ୍ପିଟାଲର ଡାକ୍ତରଙ୍କର ପରାମର୍ଶ ନେଇଥିଲେ। ମଣିପାଲ ହସ୍ପିଟାଲର ଡାକ୍ତରଙ୍କ ସଠିକ୍ ଚିକିତ୍ସା କାରଣରୁ ଯୁବକ ଜଣଙ୍କ ନିଶ୍ଚିତ ମୃତ୍ୟୁ ମୁଖରୁ ଫେରିଆସିଛନ୍ତି। ଯୁବକ ଜଣଙ୍କ ଗୋଟିଏ ମାସ ଧରି ବାରମ୍ବାର ଅଚେତ ହେବା, ନିୟମିତ ଜ୍ୱର ଓ ଦୃଷ୍ଟିଶକ୍ତିରେ ସମସ୍ୟା ହେଉଥିଲା। ଏଥିପାଇଁ ସେ ଇନ୍ଦୋର ସହରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ ମଧ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତ ପରିଲକ୍ଷିତ ହୋଇ ନ ଥିଲା। ମଣିପାଲ ହସ୍ପିଟାଲରେ ଯୁବକଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା, ଯେଉଁଠାରେ ତାଙ୍କର ରକ୍ତର ପାରାମିଟ ଅତ୍ୟଧିକ କମ୍ ମିଳିଥିଲା। ମଣିପାଲ ହସ୍ପିଟାଲର ଡାକ୍ତର ସନ୍ଦୀପ ଅଭିଜିତ ପଟ୍ଟନାୟକ, କନସଲ୍ଟାଣ୍ଟ – କ୍ଲିନିକାଲ୍ ହେମାଟୋଲୋଜି, ବୋନ୍ ମ୍ୟାରୋ ଟ୍ରାନସପ୍ଲାଣ୍ଟ ତାଙ୍କ ଚିକିତ୍ସା ଆରମ୍ଭ କରିଥିଲା। ଡାଃ ସନ୍ଦୀପ ଅଭିଜିତ ପଟ୍ଟନାୟକଙ୍କ



ନେତୃତ୍ୱରେ ମଣିପାଲ ହସ୍ପିଟାଲର ଏକ ଅଭିଜ୍ଞ ଡାକ୍ତରୀ ଟିମ୍ ଡାଃ ଶୁଭଶ୍ରୀ ସାମନ୍ତରାୟ (ଅସୋସିଏଟ କନସଲଟେଣ୍ଟ – ସଂକ୍ରାମକ ରୋଗ), ଡାଃ ସମ୍ବିତ କୁମାର ଭୁଁୟା (ପେଟ ଓ ଯକୃତ ରୋଗ ବିଶେଷଜ୍ଞ) ଓ ଡାଃ ପ୍ରଦୀପ ନାରାୟଣ ସାହୁ (ଭେଷଜ ରୋଗ ବିଶେଷଜ୍ଞ) ଏକ ସଂଗଠିତ ଓ ପ୍ରୋଟୋକଲ୍-ଆଧାରିତ ଚିକିତ୍ସା ପ୍ରଣାଳୀ ଚୟନ କରିଥିଲେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଏହି ସଫଳତା ପାଇଁ ପୁରା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ମଣିପାଲ ହସ୍ପିଟାଲରେ ଅଭିଜ୍ଞ ଡାକ୍ତରଙ୍କ ଟିମ୍ ଓ ଅତ୍ୟାଧୁନିକ ମେସିନ୍ ଥିବାରୁ ଆମ ଚିକିତ୍ସା କରି ଅନେକ ଜଟିଳ ରୋଗୀଙ୍କ ଜୀବନ ରକ୍ଷା କରିପାରିଛୁ।

# ଆଦିବାସୀ କଳା, ସଂସ୍କୃତିର ସଂଗ୍ରାହକ ଡ. ଅଞ୍ଜଳି ପାଢ଼ୀ

ଡକ୍ଟର ଅଞ୍ଜଳି ପାଢ଼ୀ ହେଉଛନ୍ତି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ଅଧ୍ୟକ୍ଷା । ଆଦିବାସୀ ଲୋକ ସଂସ୍କୃତି ଗବେଷିକା ତଥା ସଂଗ୍ରାହିକା ଭାବରେ ତାଙ୍କର ରହିଛି ଭିନ୍ନ ପରିଚୟ । ଅଧ୍ୟାପନା କାଳରେ ଡ.ପାଢ଼ୀ ରାଜ୍ୟର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଯାତ୍ରା କରି ସେଠାର ଲୋକବାଦ୍ୟ, ଦେଖି ଚମତ୍କୃତ ହୋଇଥିଲେ । ଏହା କ୍ରମଶଃ ଲୋପ ପାଇଯାଉଥିବାରୁ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ । ଆଦିବାସୀ ସଂସ୍କୃତି ଓ କଳା ସହ ଜଡ଼ିତ ସାମଗ୍ରୀକୁ ସଂଗ୍ରହ କରିବା ଆରମ୍ଭ କରିଥିଲେ । ପରେ ଏସବୁକୁ ନେଇ ସେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରିଛନ୍ତି । ଏଥିପାଇଁ ତାଙ୍କୁ ଦୀର୍ଘ ୨୭ ବର୍ଷ ପରିଶ୍ରମ କରିବାକୁ ପଡ଼ିଛି ।







ଅଞ୍ଜଳିଙ୍କ ଏହି ସଂଗ୍ରହାଳୟରେ ଆଦିବାସୀ ଜନଜୀବନ ସହ ଜଡ଼ିତ ଲୋକବାଦ୍ୟ ଢୋଲ, ନିଶାନ, ତାସା, ମହୁରୀ, ସାଙ୍ଗକୁ ପାରମ୍ପରିକ ଅଳଙ୍କାର ରହିଛି । ଦିନ ଥିଲା ସଂସ୍କୃତି ଓ ପରମ୍ପରା ଅନୁଯାୟୀ ମହିଳାମାନେ କତରିଆ, ବନ୍ଦରିଆ, ତାଡ଼ ବାହାସୂତା, ନାଗମୁରି ସମେତ ଅନେକ ଅଳଙ୍କାର ପିନ୍ଧୁଥିଲେ । ବହୁ ପୁରାତନ ସମୟର ଅଳଙ୍କାରକୁ ମଧ୍ୟ ସେ ସାଇତି ରଖିଛନ୍ତି । ସେହିପରି ଅତି ସୂକ୍ଷ୍ମ ବାଉଁଶ କାରିଗରିରେ ତିଆରି ମନଲୋଭା ସାମଗ୍ରୀ ଯଥା- ଚାଙ୍ଗୁଡ଼ି, ସାନ ଚାଙ୍ଗୁଡି, ଝାପି, ମାଛଧରା ପାରମ୍ପରିକ ଜିନିଷ ରହିଛି । ଏପରିକି ଧାନରେ ତିଆରି ଲକ୍ଷ୍ମୀଙ୍କ ଖଟୁଲି ମଧ୍ୟ ରଖାଯାଇଛି । ପ୍ରାଚୀନ ଓ ପାରମ୍ପରିକ ସାମଗ୍ରୀ ଦେଖିବା ପାଇଁ ପ୍ରତିଦିନ ତାଙ୍କ ସଂଗ୍ରାହଳୟରେ ଲୋକଙ୍କର ଭିଡ଼ ଜମିଥାଏ । ଏଠାକୁ ଆସୁଥିବା ଲୋକଙ୍କୁ ସେ ପୁରାତନ ସଂସ୍କୃତି ଓ ପରମ୍ପରାକୁ ସବିଶେଷ ତଥ୍ୟ ସହ ବୁଝାଇଥାଆନ୍ତି ।

ଆଗାମୀ ଦିନରେ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଜିନିଷ ସଂଗ୍ରହ କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି । ଏଥି ସହ କହିଛନ୍ତି, ଏହି ସଂଗ୍ରହାଳୟ ଆଗାମୀ ପିଢ଼ିଙ୍କୁ ଆମ ସଂସ୍କୃତି ଓ ପରମ୍ପରା ସହ ପରିଚିତ କରାଇବାର ଏକ ମାଧ୍ୟମ । ଭାରତୀୟ ସଂସ୍କୃତିରେ ଅନେକ ଜାତି ଓ ଜନଜାତିର ଲୋକବାସ କରୁଛନ୍ତି । ଭିନ୍ନ ଭିନ୍ନ ଜାତି ବର୍ଣ୍ଣ ଅନୁସାରେ ଲୋକ ସଂସ୍କୃତି ପରମ୍ପରା ଓ ଅଳଙ୍କାର ମଧ୍ୟରେ ଭିନ୍ନତା ରହିଛି । ହେଲେ ଯୁଗ ଅନୁସାରେ ବେଶଭୂଷା ଅଳଙ୍କାର ସମେତ ଅନେକ ଘରକରଣ ସାମଗ୍ରୀର ରୂପରେଖ ବଦଳିବାରେ ଲାଗିଛି । ପୁରୁଣାକୁ ଭୁଲି ସମୟ ଅନୁସାରେ ନୂଆ ସାମଗ୍ରୀର ଚାହିଦା ବଢ଼ିବାରେ ଲାଗିଛି । ଯାହା ପରବର୍ତ୍ତୀ ସମୟରେ ପୁରୁଣା ସଂସ୍କୃତିକୁ ମନେ ପକାଇ ଇତିହାସର ଆଇନା ସ୍ମୃତିରେ ସାଉଁଟି ରଖିବାକୁ ପଡ଼େ । ସେତେବେଳର ସେହି ପୁରୁଣା ସ୍ମୃତିକୁ ପରବର୍ତ୍ତୀ ପିଢ଼ିକୁ କହିବା ସାର ହୁଏ ହେଲେ ଦେଖେଇ ହୁଏ ନାହିଁ । ଏହାକୁ ବିଚାରକୁ ନେଲେ ଡଃ ପାଢ଼ୀ ଙ୍କ ସଂଗ୍ରହାଳୟ ଆଗାମୀ ଭବିଷ୍ୟ ପିଢ଼ି ପାଇଁ ନିଶ୍ଚିତ ପ୍ରେରଣା ଓ ଗବେଷଣାର ମାଧ୍ୟମ ସାଜିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

-ଶୁଭ୍ରାଂଶୁ କୁମାର ନାଏକ
ସିନାପାଲି, ନୂଆପଡ଼ା

# ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍



**ସାଧାରଣତଃ ଖରାଦିନେ ତ୍ୱଚାରେ ଟ୍ୟାନିଙ୍ଗ୍, ନାଲି ପଡ଼ିଯିବା ଭଳି ସମସ୍ୟା ଦେଖାଯାଏ । ଏହାକୁ ଦୂରେଇବା ପାଇଁ ମହିଳାମାନେ ସନ୍‌ସ୍କ୍ରିନ୍ ଲଗାଇଥାନ୍ତି । ହେଲେ ନିୟମିତ ଜେଲ୍ ତଥା କ୍ରିମ୍ ସନ୍‌ସ୍କ୍ରିନ୍ ଲଗାଇବାକୁ ଅଧିକାଂଶ ମହିଳା ପସନ୍ଦ କରନ୍ତିନି । ଏପରିସ୍ଥଳେ ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍ ବ୍ୟବହାର କରିପାରିବେ । ଏହା ସୂର୍ଯ୍ୟାଲୋକରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ ।**

### ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍ କ'ଣ ?

ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍ ଏକ ପ୍ରକାର ପାନୀୟ, ଏହାକୁ ମୁହଁରେ ନ ଲଗାଇ ପିଇବାକୁ ପଡ଼ିଥାଏ । ଏହା ସୂର୍ଯ୍ୟର କ୍ଷତିକାରକ କିରଣରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ । ଏଥିରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ ଭଳି ପ୍ରାକୃତିକ ତତ୍ତ୍ୱ ରହିଥାଏ । ଯାହା ତ୍ୱଚାକୁ ଭିତରୁ ସୁରକ୍ଷା ଦେଇଥାଏ । ଏହାକୁ ପିଇବା ଦ୍ୱାରା ଶରୀରରେ ଥିବା ତତ୍ତ୍ୱ ଜାଗ୍ରତ ହୋଇଥାଏ । ତେଣୁ ଖରାରେ ବାହାରକୁ ବାହାରିଲେ ମଧ୍ୟ ସନ୍‌ସ୍କ୍ରିନ୍ ଲଗାଇବାକୁ ପଡ଼େ ନାହିଁ ।

### ଏହାର ଫାଇଦା -

ଏହି ସନ୍‌ସ୍କ୍ରିନ୍‌କୁ ବ୍ୟବହାର କରିବା ଖୁବ୍ ସହଜ । ଏହାକୁ କେବଳ ପିଇବାକୁ ପଡ଼ିଥାଏ । ଫଳରେ ତ୍ୱଚାରେ ବାରମ୍ବାର ସନ୍‌ସ୍କ୍ରିନ୍ ଲଗାଇବା ସମସ୍ୟାରୁ ମୁକ୍ତି ମିଳିଥାଏ । ବିଶେଷ କରି ସନସ୍କ୍ରିନ୍ ଲଗାଇବାକୁ ପସନ୍ଦ କରୁ ନଥିବା ମହିଳାଙ୍କ ପାଇଁ ଏହା ବେଶ୍ ସହାୟକ ହୋଇଥାଏ ।

### ତ୍ୱଚାକୁ ରଖେ ସୁସ୍ଥ

ଏହା କେବଳ ସୂର୍ଯ୍ୟକିରଣରୁ ତ୍ୱଚାକୁ ସୁରକ୍ଷା ଦିଏ ନାହିଁ, ଏହା ଭିତରୁ ତ୍ୱଚାକୁ ସୁସ୍ଥ ରଖିଥାଏ । ଏହି ସନ୍‌ସ୍କ୍ରିନ୍ ଭିଟାମିନ୍–ଇ, ଆଣ୍ଟିଅକ୍ସିଡାଣ୍ଟ, ଭଳି ତତ୍ତ୍ୱରୁ ତିଆରି ହୋଇଥାଏ । ଏହା ତ୍ୱଚାରେ ବୟସଛାପ ଓ ସନ୍‌ବର୍ନ୍‌କୁ ଦୂର କରିବାରେ ସହାୟକ ହୋଇଥାଏ ।

### ଦୀର୍ଘ ସ୍ଥାୟୀ

ସାଧାରଣତଃ କ୍ରିମ୍ ଯୁକ୍ତ ସନ୍‌ସ୍କ୍ରିନ୍ ବାରମ୍ବାର ଲଗାଇବାକୁ ପଡ଼ିଥାଏ । କିନ୍ତୁ ଏହାକୁ ଥରେ ପିଇବା ମାତ୍ରେ ଏହା ଦୀର୍ଘ ସମୟ ଯାଏ କାର୍ଯ୍ୟ କରିଥାଏ ।

### ୱାଟର୍ ପ୍ରୁଫ୍

ସାଧାରଣ ସନ୍‌ସ୍କ୍ରିନ୍ ଝାଳ ତଥା ପାଣିରେ ଧୋଇଯାଏ । କିନ୍ତୁ ସନ୍‌ସ୍କ୍ରିନ୍ ଧୋଇଯିବାର କୌଣସି ସମସ୍ୟା ନଥାଏ । ତେଣୁ ଏହାକୁ ଥରେ ପିଇବା ଦ୍ୱାରା ଏହା ଦୀର୍ଘ ସମୟ ଧରି ତ୍ୱଚାକୁ ସୁରକ୍ଷା କରିଥାଏ ।

# ମେହେନ୍ଦୀରେ ଚୋଗା ସୁଟ୍



ଅଧିକାଂଶ ଯୁବତୀ ସାଙ୍ଗ ବିବାହରେ କିଛି ଭିନ୍ନ ତଥା ନୂଆ ପିନ୍ଧିବାକୁ ପସନ୍ଦ କରନ୍ତି । ଆଉଟ୍‌ଫିଟ୍‌କୁ ନେଇ ଯୁବତୀଙ୍କ ମନରେ ସର୍ବଦା ଉତ୍କଣ୍ଠା ରହିଥାଏ । ହେଲେ ଶାଢ଼ି, ଲେହେଙ୍ଗା, କୁର୍ତ୍ତାସେଟ୍, ଗାଉନ ପିନ୍ଧିବାକୁ ଅନେକ ନାପସନ୍ଦ କରନ୍ତି । ତେଣୁ ହଳ୍‌ଦି, ମେହେନ୍ଦୀ ଭଳି ବିବାହ ଉତ୍ସବରେ ଯିବାକୁ ଚାହିଁଲେ, ଚୋଗା ସୁଟ୍ ପିନ୍ଧିପାରିବେ । ଏ ପ୍ରକାର ସୁଟ୍ ଏବେ ଟ୍ରେଣ୍ଡରେ ରହିଛି । ଏହା ଷ୍ଟାଇଲିଶ୍ ସାଙ୍ଗକୁ ପିନ୍ଧିବା ସୁବିଧାଜନକ ହୋଇଥାଏ । ଏହା ବିଭିନ୍ନ ଡିଜାଇନରେ ଉପଲବ୍ଧ ।

### ଚୋଗା ସୁଟ୍ କ' ଣ ?

ଏହି ସୁଟ୍‌ରେ ଢିଲା କୁର୍ତ୍ତି ସାଙ୍ଗକୁ ଗୋଟିଏ ପ୍ୟାଣ୍ଟ ସେଟ୍ ଥାଏ । ଏଥିରେ ହାତ ଡିଜାଇନ ଢିଲା ଏବଂ ଫୁଲ୍ ରହିଥାଏ । ବର୍ତ୍ତମାନ ଏହା ଅନ୍‌ଲାଇନ୍‌ରେ ବିଭିନ୍ନ ଡିଜାଇନ୍‌ରେ ଉପଲବ୍ଧ । ଏହାକୁ ପିନ୍ଧି ସମସ୍ତ ପାର୍ଟି ଫଙ୍କସନ୍‌ରେ ଯୋଗ ଦେଇପାରିବେ ।



### ହଳଦିଆ

ହଳଦିଆ ରଙ୍ଗ ଚୋଗା ସୁଟ୍ ସହ ଟ୍ରାଉଜର ଏବଂ ମ୍ୟାଚିଙ୍ଗ୍ ଓଢ଼ଣୀ ଥାଏ । ଏଥିରେ ଥିବା ଏମ୍ବ୍ରୋଡୋରୀ କାମ ସୁଟ୍‌କୁ ଅଧିକ ଆକର୍ଷଣୀୟ କରିଥାଏ । ଏଥି ସହ ପକେଟ୍ ମଧ୍ୟ ରହିଥାଏ । ଏଥିରୁ ଏକ ପାରମ୍ପରିକ୍ ଲୁକ୍ ଚାହୁଁଥିଲେ ଅକ୍ସିଡାଇଜ୍ ଚୁଡ଼ି ସାଙ୍ଗକୁ ଭାରି କାନଫୁଲ ପିନ୍ଧିପାରିବେ ।

### କମଳା

ଏହା କ୍ରିସ୍ପ କ୍ରେପ୍ ଫାବ୍ରିକ୍‌ରେ ତିଆରି ହୋଇଥାଏ । ଏଥିରେ ସୂକ୍ଷ୍ମ ଜରିକାମ ଥାଏ । ଏହା ସୁନ୍ଦର ସାଙ୍ଗକୁ ଏକ ରାଜକୀୟ ଲୁକ୍ ଦେଖିଥାଏ । ବିଶେଷ କରି ଖରାଦିନିଆ ବିବାହତ୍ସୋବ ପାଇଁ ଏହାକୁ ପିନ୍ଧିବା ସୁବିଧାଜନକ ହୋଇଥାଏ । ଏହାକୁ ଖୋଲା ହେୟାର୍‌ଷ୍ଟାଇଲ୍ ଭଲ ମାନିଥାଏ ।

### ପିଙ୍କ୍

ଏ ପ୍ରକାର ସୁଟ୍ ମୁଖ୍ୟତଃ ଭେଲ୍‌ଭେଟ୍ ଓ ସିଲ୍କ ଫ୍ୟାବ୍ରିକ୍‌ରେ ଥାଏ । ଏଥିରେ ସୁନ୍ଦର ଜରିକାମ ହୋଇଥାଏ । ଏହାକୁ ବିଶେଷ କରି ରାତି ସମୟରେ ପିନ୍ଧିଲେ ବେଶୀ ସୁନ୍ଦର ଦେଖାଯାଏ । ଏହା ଭିନେକ୍ ସାଙ୍ଗକୁ ଥ୍ରୀ କ୍ୱାଟର୍ ସ୍ଲିଭସ ରହିଥାଏ ।

# ସାମୁଦ୍ରିକ ଅଳଙ୍କାର

**ଯେ କୌଣସି ଲୁକ୍‌ରେ ସୁନ୍ଦର ଓ ଆକର୍ଷଣୀୟ ଦିଶିବା ପାଇଁ, ଯୁବତୀମାନେ ନାନା ଅଳଙ୍କାର ପିନ୍ଧିଥାନ୍ତି । ଆଉଟ୍‌ଫିଟ୍ ସହ କେଉଁ ଅଳଙ୍କାର ଭଲମାନିବ ସେ ନେଇ ସର୍ବଦା ତତ୍ପରଥାନ୍ତି । ସେହିପରି ବର୍ତ୍ତମାନ ସମୟରେ ସାମୁଦ୍ରିକ ଅଳଙ୍କାର ଟ୍ରେଣ୍ଡରେ ରହିଛି । ଏ ପ୍ରକାର ଅଳଙ୍କାର ବିଶେଷ କରି କଉଡ଼ି, ଶାମୁକା, ଶଙ୍ଖ ଆଦିକୁ ବ୍ୟବହାର କରି ତିଆରି କରାଯାଇଥାଏ । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।**



- ସାମୁଦ୍ରିକ ଅଳଙ୍କାର ଉଭୟ ପାରମ୍ପରିକ ଓ ଆଧୁନିକ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । ବର୍ତ୍ତମାନ ସମୟରେ ଯୁବତୀଙ୍କ ମଧ୍ୟରେ ରଙ୍ଗିନ୍ ସାମୁଦ୍ରିକ ଅଳଙ୍କାର ଚାହିଦା ବେଶୀ ରହିଛି ।
- ସେହିପରି ପାର୍ଟି, ଫଙ୍କସନ୍‌କୁ ଯାଉଥିଲେ ଭାରି କାମଯୁକ୍ତ ଅଳଙ୍କାର ପିନ୍ଧିପାରିବେ । ବଜାରରେ ଏ ପ୍ରକାର ନେକ୍‌ଲେସ୍ ଶୁଳଭ ମୂଲ୍ୟରେ ମିଳିଥାଏ । ଏଥି ସହ ବିଭିନ୍ନ ଡିଜାଇନ୍ ଥାଏ ।
- ଦୈନନ୍ଦିନ ଜୀବନରେ ଅଫିସ୍ ପାଇଁ ଏ ପ୍ରକାର ଅଳଙ୍କାର ପିନ୍ଧିବାକୁ ଚାହୁଁଥିଲେ, ସିମ୍ପଲ ଡିଜାଇନର ଲକେଟ୍ ସାଙ୍ଗକୁ ଚେନ୍ ପିନ୍ଧିପାରିବେ । ଏଥିରୁ ଏକ ଜେଣ୍ଟେଲ ଲୁକ୍ ମିଳିଥାଏ । ଯୁବତୀଙ୍କ ମଧ୍ୟରେ ପର୍ଲ ଓ ଷ୍ଟୋନ୍ ଲାଗିଥିବା ଜୁଏଲାରୀର ଚାହିଦା ବେଶୀ ।
- ଟିକେ ଭିନ୍ନ ତଥା ଷ୍ଟାଇଲିଶ୍ ଲୁକ୍ ଚାହୁଁଥିଲେ, ସାମୁଦ୍ରିକ ଜିନିଷରେ ନିର୍ମିତ ରଙ୍ଗିନ ଅଳଙ୍କାର ପିନ୍ଧିପାରିବେ । ଡିପ୍ ଏବଂ ଭି- ନେକ୍ ଡିଜାଇନ୍ ଡ୍ରେସ୍‌କୁ ଏ ପ୍ରକାର ଅଳଙ୍କାର ବେଶି ସୁନ୍ଦର ମାନିଥାଏ ।



ମୋ ହାଣ୍ଡିଶାଳରୁ...

# ନୋ ବ୍ରେଡ୍ ସାଣ୍ଡୱିଚ୍



### ଆବଶ୍ୟକ ସାମଗ୍ରୀ

ସୁଜି : ଏକ କପ, ଦହି : ଅଧା କପ୍, ଗ୍ରେଟେଡ୍ ଗାଜର: ଅଧା କପ୍, କଟା ପିଆଜ : ଅଧା କପ୍, ଗ୍ରେଟେଡ୍ ଆଳୁ: ଏକ କପ୍, କଟା ଧନିଆପତ୍ର : ଅଳ୍ପ, ଇନୋ: ଏକ ପ୍ୟାକେଟ୍, ଚିଜ୍ ଲୁଣ : ସ୍ୱାଦ ଅନୁସାରେ, ବଟର : ଖଣ୍ଡେ ।

### ପ୍ରସ୍ତୁତି ପ୍ରଣାଳୀ

ଏକ ବାଉଲ୍‌ରେ ସୁଜି ନେଇ ସେଥିରେ ଦହି, ଲୁଣ ଓ ଅଳ୍ପ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଦଶ ମିନିଟ୍ ରଖି ଦିଅନ୍ତୁ । ଏହାପରେ ସେଥିରେ କଟା ପିଆଜ, ଗ୍ରେଟେଡ୍ ଆଳୁ, ଗ୍ରେଟେଡ୍ ଗାଜର, ଧନିଆ ପତ୍ର, ଇନୋ ସାଙ୍ଗକୁ ଲୁଣ ଓ ଅଳ୍ପ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ ସାଣ୍ଡୱିଚ୍ ମେକର୍‌କୁ ଗରମ କରି ସେଥିରେ ବଟର ଲଗାଇ ଦିଅନ୍ତୁ । ସେଥିରେ ଗୋଳାଇ ରଖିଥିବା ପେଷ୍ଟକୁ ଦେଇ ତା' ଉପରେ ଚିଜ୍ ଖଣ୍ଡ ରଖି ଆଉ ଏକ ପରସ୍ତ ପେଷ୍ଟ ଦେଇ ଏହାକୁ ଗ୍ରିଲ୍ କରି ଦିଅନ୍ତୁ । ଦୁଇପାଖ ଗ୍ରିଲ ହୋଇଯିବା ପରେ ଏହାକୁ ପ୍ଲେଟ୍‌କୁ କାଢ଼ି ଟମାଟୋ ସସ୍ ସହ ପରଷି ଦିଅନ୍ତୁ 'ନୋ -ବ୍ରେଡ୍ ସାଣ୍ଡୱିଚ୍' ।

# ଖରାଦିନିଆ ମେକ୍ଅପ୍



**ସାଧାରଣତଃ ଖରାଦିନେ ମେକ୍ଅପ୍‌ରୁ ଝାଳ ବାହାରିଥାଏ । ଏହା ଦ୍ୱାରା ମୁହଁ କଳା ପଡ଼ିଯାଏ । ତେଣୁ ଝାଳ ତଥା ଖରାରୁ ମେକ୍ଅପ୍‌କୁ ସୁରକ୍ଷା ଦେବାକୁ ଚାହୁଁଥିଲେ, କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ । ଏହାଦ୍ୱାରା ତ୍ୱଚା ସତେଜ ଓ ଉଜ୍ଜ୍ୱଳ ଦିଶିବ ।**

### ମେକ୍ଅପ୍ ପୂର୍ବରୁ ତ୍ୱଚାର ଯତ୍ନ

ଯେ କୌଣସି ମେକ୍ଅପ୍ କରିବା ପୂର୍ବରୁ ପ୍ରଥମେ ମୁହଁକୁ ଭଲ ଭାବ ଧୋଇ ଅଏଲ୍ ଫ୍ରି ମଏଶ୍ଚରାଇଜର୍ ଲଗାନ୍ତୁ । ଏହାଦ୍ୱାରା ତ୍ୱଚା ହାଇଡ୍ରେଟ୍ ରହିଥାଏ । ସେହିପରି ଖରାରୁ ମେକ୍ଅପ୍‌କୁ ସୁରକ୍ଷା ଦେବା ପାଇଁ ଏକ ଭଲ ପ୍ରାଇମର ଲଗାନ୍ତୁ । ଏହା ତ୍ୱଚାରେ ଥିବା ତେଲିଆପଣକୁ ନିୟନ୍ତ୍ରଣ କରିଥାଏ ।

### ଅଏଲ୍ ଫ୍ରି – ଫାଉଣ୍ଡେସନ୍

ବିଶେଷ କରି ଖରାଦିନେ ବହଳିଆ ଫାଉଣ୍ଡେସନ୍ ଲଗାଇବାରୁ ଦୂରେଇ ରୁହନ୍ତୁ । କାରଣ ଏହା ଶୀଘ୍ର ତରଳି ଯାଏ । ଏହା ବଦଳରେ ହାଲୁକା ଫାଉଣ୍ଡେସନ୍, ବିବି କ୍ରିମ୍, ଲଗାଇପାରିବେ । ଏଥିସହ ୮ -୧୨ ଘଣ୍ଟା ରହୁଥିବା ଫାଉଣ୍ଡେସନ୍ ଚୟନ କରନ୍ତୁ ।

### ସେଟିଙ୍ଗ୍ ସ୍ପ୍ରେ

ମେକ୍ଅପ୍‌କୁ ଦୀର୍ଘ ସମୟ ମୁହଁରେ ରଖିବା ପାଇଁ ସେଟିଙ୍ଗ୍ ସ୍ପ୍ରେ ବ୍ୟବହାର କରନ୍ତୁ । ଏହା ତ୍ୱଚାର ତେଲିଆ ଅଂଶକୁ ଅବଶୋଷିତ କରିବାରେ ସହାୟକ ହୋଇଥାଏ । ସେହିପରି ମେକ୍ଅପ୍ ତରଳିବାକୁ ସୁରକ୍ଷା ଦେଇ ତ୍ୱଚାରେ ଏକ ସତେଜପଣ ଦେଇଥାଏ ।

## ପ୍ରଥମ ଟି-୨୦ରେ ଜିତିଲା ୱେଷ୍ଟଇଣ୍ଡିଜ୍



ଚେଷ୍ଟର ଲୀ ଷ୍ଟ୍ରିଟ୍,୭।୬ (ଏଜେନ୍ସି): ୩୫ ବର୍ଷୀୟ ବାମହାତୀ ସ୍ପିନ ବୋଲର ଲିଆମ ଡାୱସନଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ଟି-୨୦ରେ ଇଂଲଣ୍ଡ ୨୧ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହା ଫଳରେ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଏହି ସିରିଜ୍‌ର ଦ୍ୱିତୀୟ ମୁକାବିଲା ବ୍ରିଷ୍ଟଲରେ ଅସନ୍ତାକାଲି ରାତିରେ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ୨୦ ରନ୍ ଦେଇ ୪ଟି ୱିକେଟ ନେଇଥିବା ଡାୱସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜୋଶ ବଟଲରଙ୍କ ୫୯ ବଲ୍‌ରେ ୯୬ ରନ୍ ସହାୟତାରେ ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୮୮ ରନ୍ କରିଥିଲା। ଦଳ ପକ୍ଷରୁ ଜେମି ସ୍ମିଥ୍ ୩୮ ଓ ଜ୍ୟାକବ ବେଥେଲ ଅପରାଜିତ ୨୩ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ କେହି ବଡ଼ ସ୍କୋର କରିବାରେ ଅସମର୍ଥ ହୋଇଥିଲେ। ଫଳରେ ଏହି ମ୍ୟାଚ୍‌କୁ ହାରିଯାଇଥିଲା। ଏଭିନ ଲୁଇସ୍ ସର୍ବାଧିକ ୩୯, ରୋଷ୍ଟୋନ ଚେଜ୍ ୨୪ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଡାୱସନଙ୍କ ୪ ୱିକେଟ ସଫଳତା ବ୍ୟତୀତ ମାଥ୍ୟୁ ପଟ୍‌ସ ଓ ଜ୍ୟାକବ ବେଥେଲ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

## ୟୁରୋପରେ ୫ଟି ଟେଷ୍ଟ ଖେଳିବ କନିଷ୍ଠ ମହିଳା ହକି ଦଳ



ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଦକ୍ଷିଣ ଆମେରିକାରେ ଚତୁରାଷ୍ଟ୍ରୀୟ ବନ୍ଧୁତ୍ୱପୂର୍ଣ୍ଣ ହକି ଖେଳି ସଫଳ ହେବା ପରେ କନିଷ୍ଠ ମହିଳା ହକି ଦଳ ୟୁରୋପ ଟୁର୍‌ରେ ଯାଇଛି। ଏହି ଟୁର୍ ଜୁନ୍ ୮ରୁ ୧୭ ତାରିଖଯାଏ ଖେଳାଯିବ। ଏଥିରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ହେବେ ବେଲଜିୟମ, ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ। ବିଶ୍ୱରେ ଏହି ୩ଟି ଦେଶ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥାନ୍ତି। ଏମାନଙ୍କ ସହ ଖେଳି ଭାରତୀୟ ମହିଳା ଦଳ ବେଶ ଅଭିଜ୍ଞତା ଆସଲ କରିବ ବୋଲି ଆଶା କରାଯାଉଛି। ନିକଟରେ ଭାରତୀୟ ଦଳ ଦକ୍ଷିଣ ଆମେରିକୀୟ ଦେଶ ସହ ଖେଳି ବେଶ ସଫଳତା ଅର୍ଜନ କରିଥିଲା। ୟୁରୋପ ଟୁର୍‌ରେ ବେଲଜିୟମ ସହ ଭାରତ ୩ଟି ମ୍ୟାଚ୍ ଖେଳିବ। ଏହା ବ୍ୟତୀତ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ସହ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବ। ଏହା ଫଳରେ ଦଳ କନିଷ୍ଠ ବିଶ୍ୱକପ୍ ହକି-୨୦୨୫ ଲାଗି ଏହି ଟୁର୍ ଭାରତ ଲାଗି ବେଶ ସହାୟକ ହେବ।

### ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍

## ସାବାଲେଙ୍କା- ଗଫ୍‌ ଘମାଘୋଟ ଲଢ଼େଇ



ପ୍ୟାରିସ୍, ୭।୬ (ଏଜେନ୍ସି)

ଫ୍ରେଞ୍ଚ ଓପନ ମହିଳା ଏକକ ଫାଇନାଲ ମୁକାବିଲା ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ଆରିନା ସାବାଲେଙ୍କା ଓ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଖେଳାଳି କୋକୋ ଗଫ୍‌ଙ୍କ ମଧ୍ୟରେ ଚାଲିଛି। ଫାଇନାଲରେ କେହି କାହାରିକୁ ଇଞ୍ଚେ ଛାଡ଼ିବାକୁ ପ୍ରସ୍ତୁତ ନାହାନ୍ତି। ଏଠାରେ ଶନିବାର ଅନୁଷ୍ଠିତ ଫାଇନାଲର ପ୍ରଥମ ସେଟ୍‌ରେ ଲଢ଼େଇ ଜୋରଦାର ହୋଇଥିଲା। ଏଥିରେ କିନ୍ତୁ ସାବାଲେଙ୍କା ଟାଇବ୍ରେକରରେ ଜିତିଥିଲେ। ଏହି ମ୍ୟାଚ୍‌କୁ ସାବାଲେଙ୍କା ୭-୬ ଓ ଟାଇବ୍ରେକରରେ ୭/୫ରେ ଜିତିଥିଲେ। କୋକେ ଗଫ୍‌ଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସାବାଲେଙ୍କା ଏହି ମ୍ୟାଚ୍‌କୁ ଜିତିନେଇଥିଲେ। କିନ୍ତୁ ଦ୍ୱିତୀୟ ସେଟ୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ ଆମେରିକୀୟ ଖେଳାଳି କୋକୋ ଗଫ୍। ଏହି ସେଟ୍‌କୁ ସେ ୬-୨ରେ ସହଜରେ ଜିତିନେଇଥିଲେ। ସାବାଲେଙ୍କା ତାଙ୍କୁ ଏହି ସେଟ୍‌ରେ ମୁକାବିଲା କରିବାରେ ସମର୍ଥ ହୋଇ ନ ଥିଲେ। ତୃତୀୟ ସେଟ୍‌ରେ ଗଫ୍ ୨-୧ରେ ଆଗୁଆ ରହିଛନ୍ତି। ହାର୍ଡକୋର୍ଟରେ ଜଣେ ସ୍ପେଶାଲିଷ୍ଟ ଖେଳାଳିଭାବେ ପ୍ରତିଷ୍ଠା ଲାଭ କରିଥିବା ସାବାଲେଙ୍କା ଗତ ବର୍ଷ ୟୁଏସ୍ ଓପନ, ୨୦୨୩ ଓ ୨୪ରେ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ଜିତିଥିଲେ। କିନ୍ତୁ ସେ କେବେ ବି ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରି ନ ଥିଲେ। ସାବାଲେଙ୍କାଙ୍କୁ ୨୦୨୨ ୟୁଏସ୍ ଓପନ ଫାଇନାଲରେ ହରାଇ ଚାମ୍ପିଅନ ହୋଇଥିବା ଗଫ୍‌ଙ୍କର ଏହା ଥିଲା ପ୍ରଥମ ତଥା ଏକମାତ୍ର ଗ୍ରାଣ୍ଡ ସ୍ଲାମ୍ ଟାଇଟଲ। ଏହା ପରେ ସେ ଆଉ ସଫଳତା ପାଇ ନ ଥିଲେ। ଏଠାରେ ଗତବର୍ଷ ମହିଳା ଯୁଗଳ ଟାଇଟଲ କବ୍‌ଜା କରିଥିଲାବେଳେ ପ୍ରଥମଥର ଫ୍ରେଞ୍ଚ ଓପନର ଫାଇନାଲ ଜିତିବାକୁ ସମସ୍ତ ଚେଷ୍ଟା ବଜାୟ ରଖିଛନ୍ତି।



## ଇଂଲଣ୍ଡ ଲାୟନ୍ସର ଲଢୁଆ ଜବାବ



ନଟିଂହାମ୍, ୭।୬ (ଏଜେନ୍ସି): ଏଠାରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତ-ଏ'କୁ ଲଢୁଆ ଜବାବ ଦେଇଛି ଇଂଲଣ୍ଡ ଲାୟନ୍ସ। ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ପ୍ରଥମ ଇନିଂସରେ କରିଥିଲା ୩୪୮ ରନ୍। ଜବାବରେ ଦ୍ୱିତୀୟ ଆଲୋକ ଅଭାବରୁ ଖେଳ ବନ୍ଦ ରହିଲା ବେଳକୁ ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସରେ ୪୬ ଓଭର ଖେଳି ୩ ୱିକେଟ ହରାଇ ୧୯୨ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୋର୍ଡାନ କକ୍ସ ୩୧ ଓ ଅଧିନାୟକ ଜେମ୍ସ ରିଉ ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଲାୟନ୍ସ ଇନିଂସରେ ଦୁଇ ଓପନର ଟମ୍ ହେନ୍ସ ୫୪ ଓ ବେନ୍‌ମ୍ୟାକ୍‌କିନ୍ନି ୧୨ ରନ୍‌ରେ ଆଉଟ ହୋଇଥିଲେ। କିନ୍ତୁ ଏମିଲିଓ ଗେ ସୁନ୍ଦର ବ୍ୟାଟିଂ କରି ୭୧ ରନ୍‌ରେ ଆଉଟ ହୋଇଥିଲେ। ଭାରତ-ଏ' ପକ୍ଷରୁ ଅଂଶୁଲ କାମ୍ବୋଜ, ତୁଷାର ଦେଶପାଣ୍ଡେ ଓ ତନୁସ କୋଟିଆନ୍ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଭାରତୀୟ ବୋଲରମାନେ ଅତିରିକ୍ତରୁ ୨୪ ରନ୍ ଦେଇଛନ୍ତି। ଏହା ମଧ୍ୟରେ ୮ଟି ବାଇ, ୬ଟି ଲେଗ୍‌ବାଇ ଓ ୧୦ଟି ନୋବଲ ହୋଇଛି।

ପୂର୍ବରୁ ୭ ୱିକେଟରେ ୩୧୯ ରନ୍‌ରୁ ଭାରତ-ଏ' ତାହାର ଅସମାପ୍ତ ପ୍ରଥମ ଇନିଂସ ଖେଳ ଆରମ୍ଭ କରି ବାକିଥିବା ୩ ୱିକେଟ ୨୯ ରନ୍ ମଧ୍ୟରେ ହରାଇଥିଲା। ସେମାନଙ୍କ ମଧ୍ୟରେ ତନୁସ କୋଟିଆନ ୧୫ ଓ ତୁଷାର ଦେଶପାଣ୍ଡେ ୧୧ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ପୂର୍ବରୁ ପ୍ରଥମ ଦିନରେ ଓପନର ଲୋକେଶ ରାହୁଲ ଶତକ ହାସଲ କରିବା ସହ ସର୍ବାଧିକ ୧୧୬ ରନ୍ କରିଥିଲେ। ୱିକେଟରକ୍ଷକ ଧ୍ରୁବ ଜୁରେଲ ୫୨, କରୁନ ନାୟାର ୪୦ ଓ ନୀତିଶ କୁମାର ରେଡ୍ଡି ୩୪ ରନ୍‌ର ଉଲ୍ଲେଖନୀୟ ପାଳି ଖେଳିଥିଲେ। ଲାୟନ୍ସ ପକ୍ଷରୁ କ୍ରିସ୍ ୱକ୍ସ ପ୍ରଥମ ଦିନରେ ନେଇଥିବା ପ୍ରଥମ ୩ଟି ୱିକେଟ ଦଳ ଲାଗି ଶ୍ରେଷ୍ଠ ସଫଳତା ଥିଲା। ଜୋଶ ଟଙ୍ଗ୍ ଓ ଜର୍ଜ ହିଲ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ-ଏ' ପ୍ରଥମ ଇନିଂସ**

୩୪୮/୧୦, ୮୯.୩ ଓଭର (ଲୋକେଶ ରାହୁଲ-୧୧୬, ଧ୍ରୁବ ଜୁରେଲ-୫୨, କରୁନ ନାୟାର-୪୦, କ୍ରିସ୍ ୱକ୍ସ-୩/୬୦, ଜର୍ଜ ହିଲ୍-୨/୫୬, ଜୋଶ ଟଙ୍ଗ୍-୨/୯୧)।

**ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସ**

୧୯୨/୩, ୪୬ ଓଭର (ଏମିଲିଓ ଗେ'-୭୧, ଟମ୍ ହେନ୍ସ-୫୪, ତନୁସ କୋଟିଆନ୍-୧/୨୧, ଅଂଶୁଲ କାମ୍ବୋଜ-୧/୩୮, ତୁଷାର ଦେଶପାଣ୍ଡେ-୧/୪୪)।




ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ ଅଫିସିଆଲଙ୍କ କର୍ମଶାଳାରେ ଭାଗନେଇଥିବା କର୍ମକର୍ତ୍ତାମାନେ। ରାଜ୍ୟରେ ଉତ୍କୃଷ୍ଟମାନର କର୍ମକର୍ତ୍ତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଉତ୍କଳ କରାଟେ ଡୋ ଆସୋସିଏସନ ପକ୍ଷରୁ ଏହା ନିୟମିତ ଆୟୋଜିତ ହେଉଛି। ଏହି କର୍ମଶାଳାରେ ରାଜ୍ୟରୁ ୪୦ ଜଣ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

### ରଗ୍‌ବୀ ପ୍ରିମିୟର ଲିଗ୍

## କଳିଙ୍ଗ ବ୍ଲାକ୍ ଟାଇଗର୍ସର ଜର୍ସି ଓ ମାସ୍କଟ୍ ଉନ୍ମୋଚିତ




ଭୁବନେଶ୍ୱର, ୭।୬ (ସମିସ): ଭାରତରେ ଏବେ ଖେଳର ଯୁଗ ଚାଲିଛି। ଏହି ଯୁଗ ସହ ତାଳ ଦେଇ ଚାଲିବା ଲାଗି ରଗ୍‌ବୀ ପ୍ରିମିୟର ଲିଗ୍ ଜୁନ୍ ୧୫ରୁ ଆରମ୍ଭ ହେବ। ଏହି ଲିଗ୍‌ରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛି କଳିଙ୍ଗ ବ୍ଲାକ୍ ଟାଇଗର୍ସ। ପ୍ରିମିୟର ଲିଗ୍ ଲାଗି ବ୍ଲାକ୍ ଟାଇଗର୍ସ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଏହି ଟିମ୍‌ର ମାଲିକାନା ହାସଲ କରିବାରେ ହଞ୍ଚ ଭେଞ୍ଚର୍ସ।ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଟିମ୍‌ର ଜର୍ସି ଓ ମାସ୍କଟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ସଭାପତି ପ୍ରିୟଦର୍ଶୀ ମିଶ୍ର, ହଞ୍ଚ ଭେଞ୍ଚର୍ସର ପ୍ରତିଷ୍ଠାତା ତଥା କଳିଙ୍ଗ ବ୍ଲାକ୍ ଟାଇଗର୍ସର ସହମାଲିକ କରନପାଲ ସିଂହ, ହେଡ୍ କୋଚ୍ ମାଇକ୍ ଫ୍ରାଇଡେ, ସହକାରୀ କୋଚ୍ ରାଜୀବ ନାଥ ଓ ଟିମ୍‌ର ସମସ୍ତ ଖେଳାଳି ଉପସ୍ଥିତ ଥିଲେ। ଏହି ଦଳରେ ଜଣେ ମାତ୍ର ଖେଳାଳି ଆଶିଷ ଶବର ରହିଛନ୍ତି।

### ଅରବିନ୍ଦ ସ୍ମାରକୀ କ୍ରିକେଟ୍

## ରାଇଜିଂ ଷ୍ଟୁଡେଣ୍ଟ୍ସ-ମୁକ୍ତେଶ୍ୱର ଫାଇନାଲ୍

ଭୁବନେଶ୍ୱର,୭।୬ (ସମିସ)

କଟକର ରାଇଜିଂ ଷ୍ଟୁଡେଣ୍ଟସ ଓ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ପ୍ରଥମଥର ବରିଷ୍ଠ ବିଭାଗରେ ଅନୁଷ୍ଠିତ ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ପାରାମାଉଣ୍ଟ ପଡ଼ିଆରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ମୁକ୍ତେଶ୍ୱର ସହରର ପ୍ରତିଦ୍ୱନ୍ଦ୍ୱୀ ସହିଦ୍ ସ୍ପୋର୍ଟିଂ କ୍ଲବ୍‌କୁ ୮ ୱିକେଟରେ ପରାସ୍ତ କରିଛି। ଗତକାଲି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟସ ୧୬୮ ରନ୍‌ରେ ନିଜ ସହରର ପ୍ରତିଦ୍ୱନ୍ଦ୍ୱୀ ୟୁନିଅନ ସ୍ପୋର୍ଟିଂକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଆଜିର ମୁକାବିଲାରେ ୮ ଓଭର ବୋଲିଂ କରି ୧୨ ରନ୍‌ରେ ୪ଟି ୱିକେଟ ନେଇଥିବା ମୁକ୍ତେଶ୍ୱରର ରଣଜୀ ସ୍ପିନର ହର୍ଷିତ ରାଠୋଡଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଶନିବାର ଅନୁଷ୍ଠିତ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସହିଦ୍ ସ୍ପୋର୍ଟିଂ ୩୮.୪ ଓଭରରେ ମାତ୍ର ୧୧୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦେବଜ୍ୟୋତି ପଟ୍ଟନାୟକ ସର୍ବାଧିକ ୪୧ ଓ ପାର୍ଥସାରଥୀ ନାୟକ ୨୧ ରନ୍ କରିଥିଲେ। ମୁକ୍ତେଶ୍ୱର ପକ୍ଷରୁ ରାଠୋଡ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭମ ବିଷ୍ଟଙ୍କୁ ୩ଟି ଓ ସନ୍ତୋଷ ଯାଦବଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ମୁକ୍ତେଶ୍ୱର ୨୦.୪ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଓପନର ତଥା ରଣଜୀ ଖେଳାଳି ଅନୁରାଗ ଷଡଙ୍ଗୀ ଅପରାଜିତ ୭୨ ରନ୍ କରିବା ସହ ଦଳକୁ ଏକାକୀ ବିଜୟୀ କରାଇଥିଲେ। ତନୟ ବିଶ୍ୱା, ୨୫ ଓ ଅଧିନାୟକ ରମଣୀରଞ୍ଜନ ଜେନା ୧୬୩ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଅମ୍ପାୟାର ପ୍ରଦୀପ ଜେନା ଓ ଅଭିଷେକ ମହାନ୍ତି ଖେଳ ପରିଚାଳନା କରିଥିଲେ ଗାୟତ୍ରୀ ଡକୁଟେକ୍‌ର ପ୍ରୋପାଇଟର ଜାନକୀନାଥ ପରିଡ଼ା ଅତିଥିଭାବେ ଯୋଗ ଦେଇ ଖେଳ ପରିଚାଳନା କରିଥିଲେ।




## ୱାସୀମ ମେ'ରେ ଆଇସିସିର ଶ୍ରେଷ୍ଠ ଖେଳାଳି

ଦୁବାଇ,୭।୬ (ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ମହମ୍ମଦ ୱାସୀମ ଓ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ଚୋଲେ ଟ୍ରାୟନଙ୍କୁ ମେ' ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳି ଭାବେ ବିବେଚିତ କରାଯାଇଛି। ୱାସୀମଙ୍କର ଏହା ଦ୍ୱିତୀୟ ପୁରସ୍କାର। ଆଇସିସି ପୁରୁଷ ୱାର୍ଲ୍ଡ କପ୍ ଲିଗ୍-୨ର ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ୍‌ରେ ୱାସୀମ ୧୬୯ ରନ୍ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତାଙ୍କର ଦମ୍‌ଦାର ପ୍ରଦର୍ଶନ ଯୋଗୁଁ ୟୁଏଇ ୨-୧ରେ ବାଂଲାଦେଶକୁ ହରାଇବାରେ ସମର୍ଥ ହୋଇଥିଲା। ସେ ଏପ୍ରିଲରେ ମଧ୍ୟ ଏହି ପୁରସ୍କାର ପାଇଥିଲେ। ମହିଳା ବିଭାଗରେ ଦକ୍ଷିଣ ଆଫ୍ରିକାର ଚୋଲେ ଟ୍ରାୟନ୍ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ୧୩୧.୩୪ ଷ୍ଟ୍ରାଇକ୍ ରେଟ୍‌ରେ ୧୭୬ ରନ୍ କରିଥିଲେ। ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ସେ ଭାରତ ବିପକ୍ଷରେ ୬୭, ଶ୍ରୀଲଙ୍କା ବିପକ୍ଷରେ ୩୫ ଓ ୭୪ ରନ୍ କରିଥିଲେ। ଶ୍ରୀଲଙ୍କା ବିପକ୍ଷରେ ୩୪ ରନ୍‌ରେ ୫ ୱିକେଟ ନେବା ତାଙ୍କର ଶ୍ରେଷ୍ଠ ସଫଳତା ଥିଲା। ସେ ୱେଷ୍ଟଇଣ୍ଡିଜ୍ ଅଧିନାୟିକା ହାଲେ ମାଥ୍ୟୁସ ଓ ଭାରତର ଜେମିମା ରୋଡ୍ରିଗ୍ୱେଜ୍‌ଙ୍କୁ ପଛରେ ପକାଇ ଟ୍ରାୟନ ଏହି ପୁରସ୍କାର ପାଇଥିଲେ। ଜଣେ ଭଲ ଅଲରାଉଣ୍ଡର ଭାବେ ସେ ପ୍ରଭାବ ବିସ୍ତାର କରିବାରେ ଅଗ୍ରଣୀ ଅଛନ୍ତି।

## ଏସୀୟ ଭାରୋତ୍ତୋଳନରେ ଭାଗନେବେ ମିନା ଓ ବିଦୁସ୍ମିତା



ଭୁବନେଶ୍ୱର,୭।୬ (ସମିସ): ଏସୀୟ ଭାରୋତ୍ତୋଳନରେ ଭାଗନେବାକୁ ଓଡ଼ିଶାର ଦୁଇ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ କନିଷ୍ଠ ୫୮ କିଲୋ ବର୍ଗରେ ମିନା ସାନ୍ତା-ଏ' ଓ ୬୩ କିଲୋ ବର୍ଗରେ ବିଦୂସ୍ମିତା ଭୋଇ। ଏହି ପ୍ରତିଯୋଗିତା କାଜାଖସ୍ତାନର ଆସ୍ଥାନାଠାରେ ଜୁଲାଇ ୧ରୁ ୧୦ ତାରିଖଯାଏ ଆୟୋଜିତ ହେବ। ଏହି ଚାମ୍ପିଅନସିପ୍ ଲାଗି ପଟିଆଲାରେ ଯୋଗ୍ୟତା ପର୍ଯ୍ୟାୟ ଚୟନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୬ଜଣ ଭାରୋତ୍ତୋଳକ ଭାଗନେଇଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ଉପରୋକ୍ତ ୨ଜଣ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଥିଲେ। କଳିଙ୍ଗ ଷ୍ଟାଡିୟମ୍ ଏଚ୍‌ପିସିରୁ ପ୍ରଶିକ୍ଷଣ ନେଇ ମିନା ସାନ୍ତା-ଏ ଏବେ ପଟିଆଲାର ଏନ୍‌ଓସିଇରେ ଉଚ୍ଚତର ପ୍ରଶିକ୍ଷଣ ନେଉଛନ୍ତି। ଢେଙ୍କାନାଳ ଭାରୋତ୍ତୋଳନ ଏଚ୍‌ପିସି ସବ୍‌ସେଣ୍ଟରରେ ବିଦୁସ୍ମିତା ପ୍ରଶିକ୍ଷଣ ନେଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS